
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୫ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 November 2025

Vol.No. 36 ■ No.291 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଭୟଙ୍କର ଟ୍ରେନ ଦୁର୍ଘଟଣା, ମାଲବାହୀ ଟ୍ରେନ୍ ଉପରେ ଚଢ଼ିଗଲା ଯାତ୍ରୀବାହୀ ଟ୍ରେନ୍ : ୧୦ ମୃତ



ଛତିଶଗଡ଼,୪/୧୧ : ଛତିଶଗଡ଼ର ବିଳାସପୁରରେ ଏକ ଯାତ୍ରୀବାହୀ ଟ୍ରେନ୍ ଏବଂ ଏକ ମାଲବାହୀ ଟ୍ରେନ୍ ଧକ୍କା ହୋଇଛି । ଗୋଟିଏ ଟ୍ରେନ ଉପରେ ଚଢ଼ିଯାଇଛି ଆଉ ଗୋଟିଏ ଟ୍ରେନ । ଟ୍ରେନ୍ ଭିତରେ ଅନେକ ଲୋକ ଫସି ରହିଛନ୍ତି ଏବଂ କଟର ମେସିନ୍ ବ୍ୟବହାର କରି ସେମାନଙ୍କୁ ଉଦ୍ଧାର କରାଯାଉଛି । ଛତିଶଗଡ଼ର ବିଳାସପୁର ନିକଟରେ ଏକ ବଡ଼ ରେଳ ଦୁର୍ଘଟଣା ଘଟିଛି । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଘଟଣାସ୍ଥଳରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ଏକ ଡଜନରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ବିଳାସପୁର ନିକଟସ୍ଥ ଲାଲ ଖଣ୍ଡ ରେଳ ଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍ ଏକ ମାଲବାହୀ ଟ୍ରେନ୍ ସହିତ ଧକ୍କା ହୋଇଥିଲା । ଏହା ଯାତ୍ରୀବାହୀ ଟ୍ରେନ୍ ର ଅନେକ କୋଚକୁ ଲାଇନଚ୍ୟୁତ କରିଥିଲା । ରେଳବାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜରୁରୀକାଳୀନ ଦଳ, ଜଚର କର୍ମଚାରୀ ଏବଂ ସ୍ଥାନୀୟ ପୋଲିସ ମଧ୍ୟ ପହଞ୍ଚିଥିଲେ । ଟ୍ରେନ୍ ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରାଯାଉଛି । ବିଳାସପୁର-କଟନି ସେକ୍ସନରେ ଏହି ଦୁର୍ଘଟଣା ଘଟିଛି, ଯେଉଁଠାରେ ମଙ୍ଗଳବାର ନଭେମ୍ବର ୪ ତାରିଖରେ ଏକ କୋର୍ବା ଯାତ୍ରୀବାହୀ ଟ୍ରେନ୍ ଏବଂ ଏକ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା । ଏହି ଧକ୍କା ଫଳରେ ଓଭରହେଡ୍ ତାର ଏବଂ ସିଗନାଲ ସିଷ୍ଟମକୁ ଗୁରୁତର କ୍ଷତି ପହଞ୍ଚାଇଥିଲା, ଯାହା ଫଳରେ ଏହି ରୁଟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅନେକ ଟ୍ରେନ୍ ବାତିଲ କରାଯାଇଛି ଏବଂ ଅନ୍ୟଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଛି । ଦୁର୍ଘଟଣା ବିଷୟରେ ସୂଚନା ପାଇବା ପରେ, ରେଳବାଇ ତୁରନ୍ତ ଘଟଣାସ୍ଥଳକୁ ଡାକ୍ତରୀ ୟୁନିଟ୍ ଏବଂ ରିଲିଫ୍ ଦଳ ପଠାଇଥିଲା । କୋରବା ଜିଲ୍ଲାର ଗେଭରା ରୋଡ୍ ଏକ କୋଇଲା ଖଣି ଅଞ୍ଚଳ । ଗେଭରା ରୋଡ୍ ରୁ ବିଳାସପୁରକୁ ଏକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରୁଥିଲା । ବିଳାସପୁର ରେଳ ଷ୍ଟେସନ ପୂର୍ବରୁ ପ୍ରାୟ ୧୦ କିଲୋମିଟର ପୂର୍ବରୁ ଲାଲ ଖଣ୍ଡ ନାମକ ଏକ ସ୍ଥାନ ଅଛି । ଏହିଠାରେ ଯାତ୍ରୀବାହୀ ଟ୍ରେନ୍ ଏକ ମାଲବାହୀ ଟ୍ରେନ୍ ସହିତ ଧକ୍କା ହୋଇଥିଲା । ଧକ୍କା ପରେ, ଟ୍ରେନ୍ ର ଇଞ୍ଜିନ୍ ପ୍ରଥମେ ମାଲବାହୀ ଟ୍ରେନ୍ ଉପରେ ଚଢ଼ିଗଲା, ତା'ପରେ ପ୍ରଥମ ଏବଂ ଦ୍ୱିତୀୟ ବଗି । ଏହି ଦୁଇଟି ବଗିରେ ବସିଥିବା ଯାତ୍ରୀମାନେ ସର୍ବାଧିକ ଆହତ ହୋଇଥିଲେ । ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମ ବିହାରୀ ଜୟସୱାଲ କହିଛନ୍ତି ଯେ ଦୁର୍ଘଟଣାରେ କିଛି ଯାତ୍ରୀଙ୍କର ମୃତ୍ୟୁ ହୋଇଛି ।

▶▶ପୃଷ୍ଠା ୭

## ନାଟକୀୟ ମୋଡ଼ ନେଲା ନୂଆପଡ଼ା ରାଜନୀତି : ନବୀନଙ୍କ ବେଇମାନ ଆକ୍ଷେପକୁ ନେଇ ଚିହିଁକି ଉଠିଲେ ଜୟଙ୍କ ପରିବାର



ନୂଆପଡ଼ା, ୪/୧୧ (ନି.ପ୍ର): ନୂଆପଡ଼ାରେ ଲୋକଙ୍କ ପ୍ରସଙ୍ଗରେ ଆଲୋଚନା ନାହିଁ, ହେଲେ ବ୍ୟକ୍ତିଗତ ସ୍ତରରେ ପରସ୍ପରକୁ କାଦୁଅ ଫିଙ୍ଗିଛନ୍ତି ଉଭୟ ବିଜେପି ଓ ବିଜେଡି । ନବୀନଙ୍କ ବେଇମାନ ଉପାଖ୍ୟାନକୁ ନେଇ ଚିହିଁକି ଉଠିଛନ୍ତି ଢୋଲକିଆ ପରିବାର । କହିଛନ୍ତି, ରାଜେନ୍ଦ୍ରଙ୍କ ଅସମୟରେ ଦଳ ପଚାରିନଥିଲା । ଜୟଙ୍କ ସମର୍ଥନରେ ବାହାରି ତେରଛା ବାଣ ମାରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି, ୨୪ ବର୍ଷର ବିଶ୍ୱାସଘାତର ଜବାବ ଦେବ ନୂଆପଡ଼ା । ଜୟ ଢୋଲକିଆ ବିଜେପିରେ ସାମିଲ ହେବାକୁ ବେଇମାନୀର ଆଖ୍ୟା ଦେଇଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ପ୍ରଚାର ସମୟରେ ବିଜେପିକୁ ଟାର୍ଗେଟ କରୁ କରୁ ବ୍ୟକ୍ତିଗତ ସ୍ତରକୁ ଚାଲିଗଲେ । ସିଧା ସିଧା ନ କହିଲେ ବି ଜୟଙ୍କୁ ନିଶାନା କରି ବେଇମାନ ବୋଲି ଠାରିଦେଲେ । ନବୀନଙ୍କ ପରିବର୍ତ୍ତିତ ଆଭିମୁଖ୍ୟ ରାଜ୍ୟ ରାଜନୀତିରେ ଭିନ୍ନ ଚର୍ଚ୍ଚାର କାରଣ ହୋଇଛି । ସମାନ୍ତରାଳ ଭାବେ ନୂଆପଡ଼ା ପ୍ରଚାରର ମୋଡ଼ ବଦଳାଇଦେଇଛି । ସକାଳେ ଜୟ ସାମ୍ନାକୁ ଆସି ନବୀନଙ୍କୁ ସମାଲୋଚନା କରିଥିଲେ । ଅପରାହ୍ନରେ ପୁଅର ସୁରକ୍ଷା ପାଇଁ ସାମ୍ନାକୁ ଆସିଲେ ମାଆ କଳ୍ପନା ଢୋଲକିଆ । କହିଲେ, ରାଜେନ୍ଦ୍ର ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ଭୁଲିଯାଇଥିଲା ନବୀନଙ୍କ ବିଜେଡି । ଦୀର୍ଘ ବର୍ଷର ସଂପର୍କକୁ ଏମିତି ନବୀନ ଏଡ଼ାଇଯିବେ ଏକଥା ଭାବିନଥିଲେ ରାଜେନ୍ଦ୍ର । ଭାଙ୍ଗିପଡ଼ିଲେ ଓ ଏହା ହିଁ ତାଙ୍କ ମୃତ୍ୟୁର ଅନ୍ୟତମ କାରଣ । ଏବେ ରାଜେନ୍ଦ୍ରଙ୍କ ଫଟୋ ବିଜେଡି ହାତରେ କାହିଁକି ? ବୋଲି ପାଲଟା ପ୍ରଶ୍ନ କରିଛନ୍ତି କଳ୍ପନା । ଜୟଙ୍କ ନାଁରେ ମିଛ ଅପପ୍ରଚାର କରି ବିଜେଡି ହୀନ ରାଜନୀତି କରୁଛି । ନବୀନଙ୍କୁ ପିତା ତୁଲ୍ୟ ଭାବୁଥିଲେ ବୋଲି କହିଛନ୍ତି ଜୟ । ତାଙ୍କ ମୁହଁରେ ବେଇମାନ ଉପଖ୍ୟାନ ତାଙ୍କୁ ଆଘାତ ଦେଇଛି । କ୍ଷୋଭ ପ୍ରକାଶ କରି କହିଛନ୍ତି, ବାପାଙ୍କ ଅସମୟରେ ଦେଖିବାକୁ ନା ଦଳ ଆସିଥିଲା ନା ନିଜେ ନବୀନ । ଏବେ ନିର୍ବାଚନ ପ୍ରଚାର ପାଇଁ ଆସିଛନ୍ତି । ଜୟଙ୍କ ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି । ଢୋଲକିଆ ପରିବାର ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ନୂଆପଡା ରାଜନୀତିକୁ ଉଷ୍ମ କରିଛି । ଲୋକଙ୍କ ପ୍ରସଙ୍ଗରୁ ଦୂରେଇ ବ୍ୟକ୍ତିଗତ ଆରୋପ ପ୍ରତ୍ୟାରୋପରେ ଉଭୟ ଦଳ ମାତିବା ଘଟଣାକୁ ଭୋଟର କିନ୍ତୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି ।

## ଉତ୍କଳ ବିଲ୍ଡର୍ସରେ ଆୟକର ଚଢ଼ାଉ: ଶହେ କୋଟିର ଠକେଇ




ଭୁବନେଶ୍ୱର, ୪/୧୧ (ନି.ପ୍ର): ଓଡ଼ିଶା ପ୍ରତିଷ୍ଠିତ ବ୍ୟାବସାୟିକ ସଂସ୍ଥା ଉତ୍କଳ ବିଲ୍ଡର୍ସ କାର୍ଯ୍ୟାଳୟରେ ଆୟକର ଚଢ଼ାଉ ଜାରି ରହିଛି । ଆଜି ଭୋର୍ ୪ଟା ବେଳେ ହଠାତ୍ ଆୟକର ଟିମ୍ ଭୁବନେଶ୍ୱର ସହିଦନଗର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଚଢ଼ାଉ ଆରମ୍ଭ କରିଥିଲେ । ଏଥିସହ ୧୪ଟି ସ୍ଥାନରେ ଚାଲିଛି ଚଢ଼ାଉ । ୧୦୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଚାଲିଛି ଆୟକର ବିଭାଗର ଛାନଭିନ । ଚଢ଼ାଉରେ ନିୟୋଜିତ ଅଛନ୍ତି ୧୨୦ ଅଫିସର । ଆକାଉଣ୍ଟାଣ୍ଟଙ୍କୁ ଘାଣ୍ଟୁଛି ଓ ପାର୍ଟନରମାନଙ୍କୁ ପଚରାଉଚରା କରୁଛି ଟିମ୍ । କେତେ ଠକିଛ ହିସାବ ଦିଅ । ଝାଳନାଳ କଲେଣି ଆୟକର ଅଫିସର । ଉତ୍କଳ ବିଲଡରର ଅଫିସ ଆକାଉଣ୍ଟାଣ୍ଟ ପ୍ରସନ୍ନ କୁମାର ବେହେରାଙ୍କୁ ଅଟକ ରଖି ଝାଳବୁହା ଜେରା କରୁଛି ସ୍ୱତନ୍ତ୍ର ଟିମ୍ ଓ ଏହାସହିତ ଉତ୍କଳ ବିଲଡରର ପାର୍ଟନର

▶▶ପୃଷ୍ଠା ୭

## ସୁଦାନରେ ଓଡ଼ିଆ ଯୁବକଙ୍କୁ ଅପହରଣ କରିଛନ୍ତି ଉଗ୍ରବାଦୀ ସଂଗଠନ : ଉଦ୍ଧାର ପାଇଁ ବୈଦେଶିକ ମନ୍ତ୍ରାଳୟକୁ ଲେଖିଲେ ଚିଠି



ଭୁବନେଶ୍ୱର, ୪/୧୧ (ନି.ପ୍ର): ଆଫ୍ରିକୀୟ ଦେଶ ସୁଦାନ ରେ ଓଡ଼ିଆ ଯୁବକ ଆଦର୍ଶ ବେହେରାଙ୍କ ଅପହରଣ ଖବର ଆସିବା ପରେ ଓଡ଼ିଶା ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି । ଏ ସଂପର୍କିତ ଖବର ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଦର୍ଶଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପରେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟକୁ ଏକ ପତ୍ର ଲେଖି ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି । ସେହିପରି ଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିସନର ଏମଇଏକୁ ପତ୍ର ଲେଖି ସୁଦାନରେ ଥିବା ଭାରତୀୟ ଦୂତାବାସକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ସେହିପରି ସୁଦାନରେ ଥିବା ଭାରତର ରାଷ୍ଟ୍ରଦୂତ କହିଛନ୍ତି ଯେ ଆଦର୍ଶଙ୍କୁ ମୁକୁଳାଇବାକୁ ସୁଦାନ ସରକାରଙ୍କ ସହ ସେ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଯେ ୩୬ ବର୍ଷୀୟ ବେହେରାଙ୍କୁ ଖାର୍ତୁମ୍ ଠାରୁ ୧୦୦୦ କିଲୋମିଟର ଦୂରରେ ଥିବା ଅଲ୍ ଫାସିର୍ ସହରରୁ ଅପହରଣ କରାଯାଇଥିଲା । ରାପିଡ୍ ସପୋର୍ଟ ଫୋର୍ସର ଲୋକମାନେ ଅପହରଣ କରିନେଇଛନ୍ତି ।

▶▶ପୃଷ୍ଠା ୭

## କର୍ଣ୍ଣାଟକର ବିଜୟପୁରାରେ ୨.୯ ତୀବ୍ରତାର ଭୂମିକମ୍ପ

ନୂଆଦିଲ୍ଲୀ,୪/୧୧ : ମଙ୍ଗଳବାର ସକାଳ ପ୍ରାୟ ୭ଟା ୪୯ ସମୟରେ କର୍ଣ୍ଣାଟକର ବିଜୟପୁରା ଜିଲ୍ଲାରେ ଏକ ଭୂମିକମ୍ପ ହୋଇଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ପ୍ରାୟ ୨.୯ ଥିଲା । ଏହା ଗତ ଦୁଇ ମାସ ମଧ୍ୟରେ ୧୩ତମ ଭୂମିକମ୍ପ, ଯାହା ବ୍ୟାପକ ଚିନ୍ତା ସୃଷ୍ଟି କରିଛି । କର୍ଣ୍ଣାଟକ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ମନିଟରିଂ ସେଂଟର (କେଏସଏନଡିଏମସି) ଅନୁଯାୟୀ, ସକାଳ ୭ଟା ୪୯ ସମୟରେ ୨.୯ ତୀବ୍ରତାର ଭୂମିକମ୍ପ ହୋଇଥିଲା ।

▶▶ପୃଷ୍ଠା ୭

## ବରମୁଣ୍ଡା ବସଷ୍ଟାଣ୍ଡରେ ମା'-ଝିଅଙ୍କୁ ବଳାତ୍କାର ଉଦ୍ୟମ

ଭୁବନେଶ୍ୱର, ୪/୧୧ (ନି.ପ୍ର): ରାଜଧାନୀରେ ଚାଞ୍ଚଲ୍ୟ । ବରମୁଣ୍ଡା ବସ ଷ୍ଟାଣ୍ଡ ରେ ମା'-ଝିଅଙ୍କୁ ବଳାତ୍କାର ଉଦ୍ୟମ । ଜଣେ ଯୌନ ପିପାସୁ ବସ୍ଷ୍ଟାଣ୍ଡରେ ଶୋଇଥିବା ଅବସ୍ଥାରେ ମା' ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଛି । ଅଭିଯୋଗ ପାଇ ଭରତପୁର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ଗଞ୍ଜାମ ବେଗୁନିଆପଡ଼ାର ପବିତ୍ର କହଁର । ବସ ପାଇଁ ବରମୁଣ୍ଡା ବସ୍ଷ୍ଟାଣ୍ଡରେ ଆଶ୍ରୟ ନେଇଥିଲେ ମା ଝିଅ । ଅଭିଯୋଗ କାରିଣୀ ଗଞ୍ଜାମ ଜିଲ୍ଲାର । ବରମୁଣ୍ଡା ବସ୍ଷ୍ଟାଣ୍ଡରେ ଝିଅକୁ ଧରି ବସ୍କୁ ଅପେକ୍ଷା କରିଥିବା ବେଳେ ମହିଳାଙ୍କୁ ନିଦ ହୋଇ ଯାଇଥିଲା ।

▶▶ପୃଷ୍ଠା ୭

## +୨ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର, ୪/୧୧ (ନି.ପ୍ର): ଯୁକ୍ତ ଦୁଇ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି କରାଯାଇଛି । ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଆବେଦନ କରିପାରିବେ । ୧୧ ତାରିଖ ପରେ ଆବେଦନ କଲେ ଫାଇନ ଲାଗିବ । ୧୩ରୁ ୧୮ ତାରିଖ ମଧ୍ୟରେ ଆବେଦନ କଲେ ୨୦୦ ଟଙ୍କା ଫାଇନ୍ ଏବଂ ୧୯ରୁ ୨୧ ତାରିଖ ଭିତରେ ଆବେଦନ କଲେ ୬୦୦ ଟଙ୍କା ଫାଇନ୍ ଲାଗିବ । ଏନେଇ ସମସ୍ତ ଅଧକ୍ଷଙ୍କୁ ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ଚିଠି ଲେଖି ଜଣାଇଛନ୍ତି ।

## ୧୦% ସବର୍ଣ୍ଣଙ୍କ ନିୟନ୍ତ୍ରଣରେ ସେନା: ରାହୁଲ



ନୂଆଦିଲ୍ଲୀ,୪/୧୧ : ବିହାରର କୁଟୁମ୍ବାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତୀୟ ସେନା ବିଷୟରେ ଏକ ବିବାଦୀୟ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଦେଶର ଜନସଂଖ୍ୟାର ଶୀର୍ଷ ୧୦ ପ୍ରତିଶତ ଭାରତୀୟ ସେନାବାହିନୀକୁ ନିୟନ୍ତ୍ରଣ କରନ୍ତି । ବିଜେପି ଏହାକୁ ନେଇ କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କୁ ପାଲଟା ଆକ୍ରମଣ କରିଛି । ରାହୁଲ ତାଙ୍କ ଭାଷଣରେ ଚାଷୀ, ଶ୍ରମିକ ଏବଂ ଗରିବଙ୍କୁ ଅଣଦେଖା କରିବାର ଅଭିଯୋଗ ଆଣିଥିଲେ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି, 'ଯଦି ଆପଣ ଭଲ ଭାବରେ ଦେଖନ୍ତି, ତେବେ ଦେଶର ୯୦ ପ୍ରତିଶତ ଜନସଂଖ୍ୟା ଦଳିତ, ମହାଦଳିତ, ପଛୁଆ, ଅତ୍ୟନ୍ତ ପଛୁଆ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟର । ଯଦି ଆପଣ ୫୦୦ଟି ବୃହତ କମ୍ପାନୀର ତାଲିକା ଦେଖନ୍ତି, ତେବେ ଆପଣ ପଛୁଆ କିମ୍ବା ଦଳିତ ସମ୍ପ୍ରଦାୟର ଜଣେ ବି ବ୍ୟକ୍ତି ପାଇବେ ନାହିଁ । ସେମାନେ ସମସ୍ତେ ଶୀର୍ଷ ୧୦ ପ୍ରତିଶତରୁ ଆସିଥାନ୍ତି । ସମସ୍ତ ଚାକିରି ସେମାନଙ୍କ ପାଖକୁ ଯାଏ । ସେନାବାହିନୀ ସେହି ୧୦ ପ୍ରତିଶତଙ୍କ ଦ୍ୱାରା ନିୟନ୍ତ୍ରିତ । ଆପଣ ବାକି ୯୦ ପ୍ରତିଶତ ଜନସଂଖ୍ୟାର କୌଣସି ସ୍ଥାନରେ ପ୍ରତିନିଧିତ୍ୱ ପାଇବେ ନାହିଁ ।' ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, 'ବିହାରର ଲୋକମାନେ ସାରା ଦେଶରେ କାମ କରୁଛନ୍ତି । ବିହାରର ଲୋକମାନେ ଦେଶର ବିଭିନ୍ନ ସ୍ଥାନରେ ବଡ଼ ବଡ଼ କୋଠା, ରାସ୍ତା, ସୁଡ଼ଙ୍ଗ ଏବଂ କାରଖାନା ନିର୍ମାଣ କରୁଛନ୍ତି । ସତ୍ୟ ହେଉଛି ନୀତିଶ କୁମାର ଏଠାରେ ନିଯୁକ୍ତି ନଷ୍ଟ କରିଦେଇଛନ୍ତି ଏବଂ ବିହାରର ଲୋକମାନଙ୍କୁ ଶ୍ରମିକରେ ପରିଣତ କରିଛନ୍ତି । ଯେପରି ଏକ ରିମୋଟ୍ ଟିଭି ଚ୍ୟାନେଲକୁ ବଦଳାଇପାରେ, ସେହିପରି ମୋଦି ଏବଂ ଶାହ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଚ୍ୟାନେଲକୁ ବଦଳାଇ ଦିଅନ୍ତି ।' ବିଜେପି ନେତା ପ୍ରଦୀପ ଭଣ୍ଡାରୀ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ତାଙ୍କୁ ଭାରତୀୟ ସେନାର ବିରୋଧୀ ବୋଲି କହିଛନ୍ତି । ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ସେ କହିଛନ୍ତି, 'ରାହୁଲ ଗାନ୍ଧୀ ଏବେ ଆମର ସଶସ୍ତ୍ର ବାହିନୀକୁ ଜାତି ଆଧାରରେ ବିଭକ୍ତ କରିବାକୁ ଚାହୁଁଛନ୍ତି । ଭାରତୀୟ ସେନା, ନୌସେନା ଏବଂ ବାୟୁସେନା ଜାତି, ଧର୍ମ କିମ୍ବା ବର୍ଗ ନୁହେଁ ବରଂ ରାଷ୍ଟ୍ର ପାଇଁ ଠିଆ ହୁଅନ୍ତି । ରାହୁଲ ଗାନ୍ଧୀ ଆମର ସାହସୀ ସଶସ୍ତ୍ର ବାହିନୀକୁ ଘୃଣା କରନ୍ତି । ସେ ଭାରତୀୟ ସେନା ବିରୋଧୀ ।'

## ପ୍ରଥମ ପର୍ଯ୍ୟାୟ ପାଇଁ ସରିଲା ପ୍ରଚାର: ବୟାନବାଜିରେ କମ୍ପିଲା ବିହାର: ବୈଶାଳୀଠୁ ଦରଭଙ୍ଗାରେ ଏନଡିଏ ନେତାଙ୍କ ରାଲି



ନୂଆଦିଲ୍ଲୀ,୪/୧୧ : ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାରର ଶେଷଦିନରେ କମ୍ପିଥିଲା ସମ୍ପୃକ୍ତ ସବୁ ନିର୍ବାଚନମଣ୍ଡଳୀ । ଏନଡିଏ ଏବଂ ମହାଗଠବନ୍ଧନର ନେତାମାନେ ଦିନସାରା ସଭା, ଶୋଭାଯାତ୍ରା ଓ ସାମ୍ବାଦିକ ସମ୍ମିଳନୀ କରି ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା କରିଥିଲେ । ସମସ୍ତଙ୍କ ମୁହଁରେ ଥିଲା ପୁଳାପୁଳା ପ୍ରତିଶ୍ରୁତି ଓ ପରସ୍ପରକୁ ସମାଲୋଚନା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଏନଡିଏ ମହିଳା କର୍ମୀମାନଙ୍କ ସହିତ ନମୋ ଆପ୍ ଯୋଗେ ଆଲୋଚନା କରିଥିଲେ । ବିଜେପିର ମେରା ବୁଥ୍ ସବସେ ମଜଭୁତ୍ କାର୍ଯ୍ୟକ୍ରମରେ ଆଲୋଚନା କରିଥିଲେ ମୋଦୀ । ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଦରଭଙ୍ଗା ବକ୍ତିଆରପୁରରେ ଏନଡିଏ ପାଇଁ ପ୍ରଚାର କରିଛନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ଜେ.ପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଦରଭଙ୍ଗା ବକ୍ତିଆରପୁର ଓ ଅମିତ ଶାହ ବୈଶାଳୀର ମୋତିହାରି ନିର୍ବାଚନୀ ରାଲିରେ ଯୋଗଦେଇଥିଲେ । ବିହାରର ପ୍ରତି ଜିଲ୍ଲାରେ ଇଞ୍ଜିନିୟରିଂ ଓ ମେଡିକାଲ କଲେଜ ପାଇଁ ଶାହ ପ୍ରତିଶ୍ରୁତି ଦେଇଛନ୍ତି । ଆରଜେଡି ଓ କଂଗ୍ରେସକୁ ସମାଲୋଚନା କରି ଶାହ କହିଛନ୍ତି, ଲାଲୁଙ୍କ ପୁଅ ମୁଖ୍ୟମନ୍ତ୍ରୀ କି ସୋନିଆଙ୍କ ପୁଅ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ । ଲାଲୁ ଓ ରାବ୍ଡୀଙ୍କ ୧୫ ବର୍ଷର ଜଙ୍ଗଲରାଜ୍ ଆପଣ ଫେରାଇ ଆଣିବାକୁ ଚାହାନ୍ତି କି ବୋଲି ବିହାରବାସୀଙ୍କୁ ଶାହ ପ୍ରଶ୍ନ କରିଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧୀ କୁଟୁମ୍ବା ଓ ଆରଜେଡି ସଭାପତି ଲାଲୁ ପ୍ରସାଦ ଯାଦବ ପାଟଣାରେ ପ୍ରଚାର କରିଥିଲେ । ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତଥା ଆରଜେଡି ନେତା ତେଜସ୍ୱୀ ଯାଦବ ପାଟନାରେ ସାମ୍ବାଦିକ ସମ୍ମିଳନୀ କରି ମହିଳା ଓ କୃଷକଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଜଲାଲପୁରରେ ଏନଡିଏ ନିର୍ବାଚନୀ କାଲିକୁ ସମ୍ବୋଧନ କରିଥିଲେ । ବିହାରର ସବୁରାସ୍ତାକୁ ଆମେରିକା ରସ୍ତା ଭଳି ବିଶ୍ୱମାନର କରିବା ପାଇଁ ଗଡ଼କରୀ ପ୍ରତିଶ୍ରୁତି ଦେଇଛନ୍ତି । ପୂର୍ଣ୍ଣିଆର ସ୍ୱାଧୀନ ସାସଂଦ ପପୁ ଯାଦବ ପାଟନାରେ ସାମ୍ବାଦିକ ସମ୍ମିଳନୀ କରି ବିହାରର ବିକାଶ ପାଇଁ ଏନଡିଏ କ'ଣ କରିଛି ବୋଲି ପ୍ରଶ୍ନ କରିଥିଲେ ।

▶▶ପୃଷ୍ଠା ୭

# ସେଲ୍, ଆରଏସପିର ସିଏସଆର ବିଭାଗରେ ପଟ୍ଟଚିତ୍ର ଚିତ୍ରକଳା କର୍ମଶାଳାର ଦ୍ୱିତୀୟ ବ୍ୟାଚ୍ ତାଲିମ ଆରମ୍ଭ



ରାଉରକେଲା, ୪/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ବିଭାଗର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ନଭେମ୍ବର ୧ ତାରିଖରେ ପଟ୍ଟଚିତ୍ର ଚିତ୍ରକଳା କର୍ମଶାଳାର ଦ୍ୱିତୀୟ ବ୍ୟାଚ୍ ତାଲିମ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସପି ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଡ଼ିଜିଏମ ଶ୍ରୀ ଟି ବି ଟପ୍ପୋ, ଏଜିଏମ ଶ୍ରୀ ବି ଜେନା, ଏବଂ ଅନ୍ୟ ଅଧିକାରୀ ତଥା ସହଭାଗୀ ସଂସ୍ଥାର ପ୍ରତିନିଧିମାନେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଉପସ୍ଥିତ ଥିଲେ। ଲାଠିକଟା ବ୍ଲକର ସୁଇଡିହ ଗ୍ରାମ ପଞ୍ଚାୟତର ମୋଟ ୧୨ ଜଣ ମହିଳା ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।

ଏହି ଅବସରରେ ଶ୍ରୀ ସୁବ୍ରତ କୁମାର ଏପରି ଏକ ଅନନ୍ୟ ପଦକ୍ଷେପ ଗ୍ରହଣ ପାଇଁ ସିଏସଆର ବିଭାଗକୁ ପ୍ରଶଂସା କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ତାଲିମ କାର୍ଯ୍ୟକ୍ରମର ପୂର୍ଣ୍ଣ ଲାଭ ଉଠାଇବା, ସେମାନଙ୍କର ଦକ୍ଷତାକୁ ଉନ୍ନତ କରିବା ଏବଂ ସେମାନଙ୍କର ହସ୍ତଶିଳ୍ପକୁ ଏକ ସଫଳ ଏବଂ ଲାଭଜନକ ଉଦ୍ୟୋଗରେ ପରିଣତ କରିବାକୁ ଉତ୍ସାହିତ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ, ଏକ ମାସିଆ ତାଲିମ କାର୍ଯ୍ୟକ୍ରମ, ସିଏସଆର ବିଭାଗର ପେରିଫେରୀ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ବର୍ଡର, ଲାଇନିଙ୍ଗ, ସୃଜନଶୀଳ ମୋଟିଫ୍, ଡିଜାଇନ୍, ପକ୍ଷୀ, ପଶୁ, ମାଛ, ଚୂଡ଼ାନ୍ତ ଚିତ୍ରକଳା ପାଇଁ କାଗଜ ପ୍ରସ୍ତୁତି ଏବଂ ଚିତ୍ରକଳା ସମାପ୍ତ କରିବା ଭଳି ବିଭିନ୍ନ ଡିଜାଇନ୍ ଶିଖାଯିବ। ପ୍ରଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ମଧ ଯୋଗାଇ ଦିଆଯିବ। ଏସଡବ୍ଲୁଏଡ଼ିର ଶ୍ରୀ ସୁଶାନ୍ତ କୁମାର ବେତାଳ ଏହାର ପ୍ରଶିକ୍ଷକ ରହିବେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ୧୧ ମାସ ଅବଧିର ହେବ ଏବଂ ସୁଇଡିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ହେବ ଯେଉଁଠାରେ ସେମାନେ ସରଳ ବିଷୟବସ୍ତୁକୁ ନିର୍ଭୁଲ ଭାବରେ ଚିତ୍ରଣ କରିବାର ଅଗ୍ରିମ ପାଠ୍ୟକ୍ରମ ଶିଖିବେ।

ପ୍ରାରମ୍ଭରେ ସୁଶ୍ରୀ ମିତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ । ଶ୍ରୀ ଟି ବି ଟପ୍ପୋ ଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

ଉଲ୍ଲେଖନୀୟ ଯେ, ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୧୨.୫୮ ଲକ୍ଷ ଟଙ୍କା ରହିଛି । ବାର ମାସ ଧରି ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏହି ମହିଳାମାନଙ୍କ ପାଇଁ ଆୟ ସୃଷ୍ଟି, ଦକ୍ଷତା ବିକାଶ, କ୍ଷମତା ନିର୍ମାଣ ଏବଂ ସ୍ଥାୟୀ ଜୀବିକା ନିର୍ବାହ କରିବା ରହିଛି।

# ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ



ଖୋର୍ଦ୍ଧା , ୪/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି । ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ କୁ ଅଧିକାରୀ ମାନେ ତ୍ୱରାନ୍ୱିତ କରି ନିଷ୍ପାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଞ୍ଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଣ୍ଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା , ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲା ପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଧିକାରୀ ମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା, ଆପତ୍ତି ଏବଂ ଅଭିଯୋଗ ଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଗୁରୁତ୍ୱାରୋପ କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୧୫୯ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୧୫୫ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୦୪ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୧୦ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲାମାଜିଷ୍ଟ୍ରେଟ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପାଠପଢା ନିମନ୍ତେ ଲିଲି ବାହାଦୁର, ଗ୍ରାମ:ଚକେଇସିଆଣି, ଙ୍କୁ ୧୦ ହଜାର ଟଙ୍କା ଏବଂ ଚିଲିକା ବ୍ଲକ ଅଧୀନ ପିଙ୍କି ଜେନା, ଗ୍ରାମ: ଆଙ୍କୁଲାଙ୍କୁ ଆତ୍ମ ନିର୍ଭରଶୀଳ ନିମନ୍ତେ ଜେରକ୍ସ ମେସିନ ପାଇଁ ୧୫ ହଜାର ଟଙ୍କା ଏବଂ ଚନ୍ଦ୍ର ଶେଖର ପଟ୍ଟନାୟକ, ଗ୍ରାମ: ଓରଡ, ଟାଙ୍ଗୀ ଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପ ଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା,ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀମତୀ କସ୍ତୁରୀ ବାଳା ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠ , ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ , ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦର ବି ଡି ଓ ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ,ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଲାଠିକଟା ବ୍ଲକରେ ଯୁଗ୍ମ ଜନଶୁଣାଣି

ରାଉରକେଲା, ୪/୧୧ (ନି.ପ୍ର): ଲାଠିକଟା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ ଓ୍ୱାଧଓ୍ୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୮୩ ଗୋଟି ଅଭିଯୋଗ ରହିଥିଲା। ସେଥି ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୮ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨ ଗୋଟି ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଶ୍ରୀ ଯସବନ୍ତ ସେଠୀ, ପାନପୋଷ ଉପ ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ନାୟକ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତର ଶଙ୍କର ରାମ ଚନ୍ଦାନି ସମ୍ବର୍ଦ୍ଧିତ

ସମ୍ବଲପୁର, ୪/୧୧ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ଗୋବିନ୍ଦଟୋଲା ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପବିତ୍ର କାର୍ତ୍ତିକ ମାସରେ ଭଜନ ସମାରୋହ ଆୟୋଜିତ ହୋଉଛି । ଏହି କ୍ରମରେ ଚଳିତ ବର୍ଷ ମଧ ଧୁମଧାମରେ ଦୁର୍ଗାପୂଜାର ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ଗୋବିନ୍ଦଟୋଲା ମଣ୍ଡପରେ 'ଭଜନ ସନ୍ଧ୍ୟା' ଏକ ଭକ୍ତିମୟ ପରିବେଶରେ ଆୟୋଜିତ ହୋଇଯାଇଛି । ପୂର୍ବାହ୍ନରେ ଶ୍ରୀଶ୍ରୀ ସତ୍ୟନାରାୟଣ ପୂଜା ପଣ୍ଡିତ ଜଗଦୀଶ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇଯାଇଥିବା ବେଳେ ସନ୍ଧ୍ୟାରେ ଦୁର୍ଗାପୂଜା କମିଟି ତତ୍ତ୍ୱାବଧାନରେ ଭଜନ ସମାରୋହ ଅନୁଷ୍ଠିତ ହୋଇଛି । କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀ, ତ୍ରିଲୋଚନ ପରିଡା, ଇପ୍ସିତା ପଣ୍ଡା, ତପସ୍ୱିନୀ ଦାସ ପ୍ରମୁଖ ସୁମଧୁର ଅନେକ ଭକ୍ତି ସଙ୍ଗୀତ ତଥା ବହୁ ଶ୍ରୁତିମଧୁର ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗୀତା କରିଥିଲେ ମୁରଲୀଧର, ସନ୍ତୋଷ, ସୁରେନ୍ଦ୍ର, ଗଣେଶ, ଦିୱାନ ଓ ଅନୀଲ । ଏହି ଅବସରରେ ବିଶିଷ୍ଟ ସଙ୍ଗଠକ ତଥା ବିଜେପି ନେତା ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ଉତ୍ସବ ମଧ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ବିପିନ ବିହାରୀ ନନ୍ଦ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟି ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଅଜୟ ସାହୁ, କୋଷାଧ୍ୟକ୍ଷ ଇ. ରମାକାନ୍ତ ବେରିହା ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ସମାଜର ପ୍ରତ୍ୟେକ ବର୍ଗ ତଥା ଗରିବ ଗୁରୁବାଙ୍କ ପାଇଁ ଭଗବାନ ଭାବେ ପରିଚିତ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ତଥା ବୁର୍ଲାରେ ଟଙ୍କାକିଆ କ୍ଲିନିକ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମାଜର ଅବହେଳିତ, ନିଷ୍ପେସିତ ଏବଂ ଅସହାୟ ରୋଗୀଙ୍କୁ ନିସର୍ତ୍ତ ସେବା ଦେଇ ଆସୁଥିବା ବୁର୍ଲା ଭୀମସାର ଭେଷଜ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମ ଚନ୍ଦାନିଙ୍କୁ ଦୁର୍ଗାପୂଜା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ମାନପତ୍ର ପ୍ରଦାନ ପୂର୍ବକ ଉପଢୌକନ ଦେଇ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା ' ଆରାଧା ' ଉନ୍ମୋଚନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦନା ମଣ୍ଡଳୀ ସଦସ୍ୟ ଡ଼. ବସନ୍ତ ଦାସ, ଅଧାପକ ଜୟ ନାରାୟଣ ଶତପଥି, ପ୍ରଶାନ୍ତ ମାଝୀ, ରଂଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୪/୧୧ (ନି.ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୫ ଜଗଦୀଶ ଚନ୍ଦ୍ର ନାୟକ ପୌର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଜୟପୁର ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକ,ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ ଗୋପାଳ, ସୋମନାଥ ଗାଦବା,ଜଗଦୀଶ ଚନ୍ଦ୍ର ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ୍, ବିଶିଷ୍ଟ ସାହିତ୍ୟିକ ଏବଂ ଅବସରର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ, ଗଡ଼ପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ୧୫ ଟି କ୍ଲଷ୍ଟର ର ୨୩୧ ଟି ବିଦ୍ୟାଳୟରୁ ୩୯୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ, ସଂଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଅଧ୍ୟାପିକା ଗାୟତ୍ରୀ ବୈଠାରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସ, ସଂମ୍ପାଦକ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲାଇ, କୋଷାଧକ୍ଷ ପୁରନ୍ଧର ନାୟକ, ସିଆର ସିସି ରାମେଶ୍ୱର ପଣ୍ଡା, ଜ୍ୟୋତିଶଙ୍କର ତ୍ରିପାଠୀ, ଆଦିତ୍ୟ ପଟ୍ଟନାୟକ, ସଂଯୁକ୍ତା ରାଉତ, ରୁଦ୍ରପ୍ରସନ୍ନ ପାଣିଗ୍ରାହୀ, ଭାଗିରଥି ବାରିକ, ଅଭିମନ୍ୟୁ ପ୍ରଧାନ, ରଶ୍ମିରେଖା ଗୌଡ଼, ବିଜୟଲକ୍ଷ୍ମୀ ସ୍ୱାଇଁ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର କୁମାର ପାରିହି, ଏକାଉଂଟାଂଟ ଶାନ୍ତନୁ ଜେନା, ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶଙ୍କର ପ୍ରହରାଜ, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ପଣ୍ଡା ମଂଚ ପରିଚାଳନା କରିଥିଲେ।

# ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶଙ୍କ ପରଲୋକ

କେନ୍ଦୁଝର, ୪/୧୧ (ନି.ପ୍ର): ଚିକିତ୍ସାଧୀନ ଅବସ୍ଥାରେ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡ଼ ଜନାର୍ଦ୍ଦନ ଦାଶଙ୍କ ପରଲୋକ ହୋଇଯାଇଛି, ଗତ ଦୁଇ ତିନି ଦିନ ଧରି ଗ୍ୟାସ ଜନିତ ରୋଗରେ ପୀଡ଼ିତ ଥିଲେ, ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବନଲତା, ପୁତ୍ର ଜନବନ, ଜବ୍ବୁବନ, କନ୍ୟା ଜିନବୀନ, ପୁତ୍ରବଧୂ, ଜାମାତା ନାତି ନାତୁଣୀ ସମ୍ପର୍କୀୟ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଭାବେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ କାର୍ଯ୍ୟ କରି ଜିଲ୍ଲାରେ କ୍ରୀଡ଼ାର ବିକାଶରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିଲେ, ଜଣେ ଅବସର ପ୍ରାପ୍ତ ଭୁତତ୍ୱବିତ୍ ହେବା ସହିତ ରାଜ୍ୟ ଅଲମ୍ପିକ ଆସୋସିଏସନ, ତୀରନ୍ଦାଜ ସଙ୍ଘ, ଫୁଟବଲ ସଙ୍ଘ, ଖୋଖୋ ସଙ୍ଘ, କବାଡ଼ି ସଙ୍ଘ, ଥ୍ରୋ ବଲ୍ ସଙ୍ଘ, ଆଥଲେଟିକ୍ ସଙ୍ଘର ରାଜ୍ୟ ଉପସଭାପତି ଭାବେ ଦୀର୍ଘଦିନ ବ୍ୟାପୀ କାର୍ଯ୍ୟରତ ଥାଇ ବହୁ ପ୍ରତିଭା ସୃଷ୍ଟିର ମାର୍ଗ ପାଲଟି ଯାଇଥିଲେ। ଶେଷ ପର୍ଯ୍ୟନ୍ତ ସକ୍ରିୟତାରେ କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଥିଲେ, ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି, ମରଶରୀର କେନ୍ଦୁଝର ଷ୍ଟାଡିଅମ୍‌ରେ ପହଂଚିବା ପରେ ରାଜ୍ୟ ଓଏଏ ଓସିଏ ଏବଂ ଫାଓର କର୍ମକର୍ତା ଅଭିଜିତ ପାଲ, ଧୀରେନ ପଲେଇ, ରାଜ୍ୟ ଆସୋସିଏସନ ପକ୍ଷରୁ ସଂଘ ପତାକା ଘୋଡ଼ାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଏକ କ୍ରୀଡ଼ା ଯୁଗର ଅବସାନ ଘଟିଲା ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ରୀଡ଼ା କୋଚ ଜିତେନ୍ଦ୍ର ମହାକୁଡ଼, ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, କ୍ରୀଡ଼ା ସଂସ୍ଥା କର୍ମକର୍ତା ସୁରେଶ ପଟନାୟକ, ସରୋଜ ରଣା, ସଂଗ୍ରାମ ପଟ୍ଟନାୟକ, ରବିନ୍ଦ୍ର କୁମାର ପାଢ଼ୀ, ଗିରିଶ ହୋତା, ସନାତନ ବେହେରା, ପ୍ରଶାନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ଉପନଗରପାଳ ବରଦା ଦାସ , ଜିଲ୍ଲା ରେଡ଼କ୍ରସ ଯୁଗ୍ମସମ୍ପାଦକ ଏ ଆର୍ ଖାନ, ଭାଜପା ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଦିଲୀପ ପଣ୍ଡା, ଓକିଲ ସଂଘ ସଭାପତି ଆଲୋକ ମହାନ୍ତ, ବରିଷ୍ଠ ନାଗରିକ ରମାନାରାୟଣ ଦ୍ୱିବେଦୀ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ବାସସ୍ଥାନ ବଡ଼ଶାସନରେ ମଧ୍ୟ ବହୁ ନରନାରୀ ଜନସାଧାରଣ ଶେଷଦର୍ଶନ କରିଥିଲେ ସ୍ଥାନୀୟ ଆଦର୍ଶ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଲୋକଙ୍କୁ ଲୁଟୁଛନ୍ତି ଜନସେବା କେନ୍ଦ୍ର

ଚମ୍ପୁଆ, ୩/୧୧ (ନି.ପ୍ର): ସାଧାରଣଲୋକଙ୍କ ପାଇଁ ସରକାର କରୁଥିବା ବିଭିନ୍ନ ଯୋଜନା ର ଲାଭ ଯୋଗାଇ ଦେବା ପାଇଁ ଜନସେବା ଓ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରି ଗ୍ରାମାଂଚଳ ଲୋକଙ୍କୁ ସେବା ଯୋଗାଇ ଦେବା ଯୋଜନା କରୁଥିବା ବେଳେ ଏହି ସେବା କେନ୍ଦ୍ର ଗୁଡିକରେ ସେବା ପରିବର୍ତ୍ତେ ଲୋକଙ୍କୁ ଶୋଷଣ କରାଯାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଏହିଭଳି ଏକ ଅଭିଯୋଗ ଆସିଛି ଚମ୍ପୁଆ ଉପଖଣ୍ଡ ନାରଦପୁରରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ର ନାମରେ । ଏହି କେନ୍ଦ୍ରରେ ଜଣେ ଅସହାୟା ଆଦିବାସୀ ବୃଦ୍ଧାଙ୍କୁ ଶୋଷଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆବାସ ଯୋଜନାରେ ବୃଦ୍ଧା ପାଇଥିବା ସବସିଡି ଅର୍ଥ ତାଙ୍କ ଜମାଖାତାରୁ ହେରଫେର ହୋଇଥିବା ବେଳେ ଏ ନେଇ ବୃଦ୍ଧା ଜଣକ ଝୁମ୍ପୁରା ବିଡିଓ ଓ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ନାରଦପୁର ପଂଚାୟତ ଆଙ୍ଗୁଳିଆ ଗ୍ରାମର ବୃଦ୍ଧା ଚନ୍ଦ୍ରି ନାଏକଙ୍କ ନାରଦପୁର ସ୍ଥିତ ଏକ ଘରୋଇ ବ୍ୟାଙ୍କରେ ବୃଦ୍ଧାଙ୍କର ଏକ ଜମାଖାତା ଅଛି। ଉକ୍ତ ଆକାଉଂଟରେ ବୃଦ୍ଧା ଜଣକ ସରକାର ଯୋଗାଇ ଦେଉଥିବା ବିଭିନ୍ନ ଯୋଜନାର ଲାଭ ପାଇଥାନ୍ତି । ଚଳିତ ବର୍ଷ ବୃଦ୍ଧା ଜଣକ ଅନ୍ତେଦ୍ୟୋୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ବେଳେ ବୃଦ୍ଧା ଙ୍କର ଆଧାର କାର୍ଡରେ ମୋବାଇଲ ନମ୍ବର ସଂଯୋଗ ହୋଇ ନ ଥିବାରୁ ଗୃହ ଯୋଜନାର ପ୍ରଥମ କିସ୍ତିର ଅର୍ଥ ପାଇନଥିଲେ । ଏଥି ଯୋଗୁଁ ଆଧାରରେ ମୋବାଇଲ ନମ୍ବର ସଂଯୋଗ ପାଇଁ ନାରଦପୁର ସ୍ଥିତ ସଞ୍ଜୀବନ ମୁଣ୍ଡାଙ୍କ ଜନସେବା କେନ୍ଦ୍ରକୁ ଯାଇଥିଲେ । ସେଠାରେ ମୋବାଇଲ ନମ୍ବର ସଂଯୋଗ କରିବାକୁ ବୃଦ୍ଧା ଜଣଙ୍କ ଟିପ ଚିହ୍ନ ଦେଇଥିଲେ । ତେବେ ଟିପ ଚିହ୍ନ ଦେବା ପରେ ବୃଦ୍ଧାଙ୍କ ଆକାଉଂଟ ରୁ ତାଙ୍କ ଅଜାଣତରେ ଟଙ୍କା କଟିବା ଆରମ୍ଭ ହେଲା । ଗତ ସେପ୍ଟେମ୍ବର ମାସ ୨୨ ତାରିଖ ଓ ଅକ୍ଟୋବର ମାସ ୨୧ ତାରିଖରେ ତାଙ୍କ ଆକାଉଂଟ ରୁ ହଜାରେ ଟଙ୍କା ଲେଖାଏଁ କଟିଥିବା ବେଳେ ଗତ ମାସ ୨୧ ତାରିଖ ରେ ତାଙ୍କ ଆକାଉଂଟ ରେ ଗୃହ ଯୋଜନା ର ପ୍ରଥମ କିସ୍ତି ଚାଳିଶ ହଜାର ଟଙ୍କା ଡିବିଟି ମାଧ୍ୟମରେ ଜମା ହୋଇଥିଲା । ତେବେ ବୃଦ୍ଧା ଜଣକ ତିନି ଦିନ ତଳେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ କୁ ଯିବା ପରେ ତାଙ୍କ ଆକାଉଂଟ ରୁ ଟଙ୍କା କଟିଥିବା ନେଇ ଜାଣିବାକୁ ପାଇଥିଲେ । ଗତ ମାସ ୨୫ ଓ ୨୬ ତାରିଖ ରେ ତାଙ୍କ ଆକାଉଂଟ ରୁ ଦୁଇଥର ୯୮୦୦ ଟଙ୍କା କଟିଥିବା ଜାଣିବାକୁ ପାଇଥିଲେ । ତାଙ୍କ ଜମାଖାତା ରୁ ସମୁଦାୟ ୨୧୬୦୦ ଟଙ୍କା କଟିଥିବା ଜାଣିବାକୁ ପାଇଥିଲେ । ସେ ବ୍ୟାଙ୍କ ରୁ ଟଙ୍କା ଉଠାଣ କରି ନ ଥିବା ବେଳେ ତାଙ୍କ ଆକାଉଂଟ ରୁ କିପରି ଏତେ ଟଙ୍କା କଟିଲା ସେ ନେଇ ସନ୍ଦିହାନ ହୋଇ ପଡ଼ିଥିଲେ । ତାଙ୍କ ଜମାଖାତା ରୁ ସେ ଟଙ୍କା ନ ଉଠାଇ କିପରି ଏତେ ଟଙ୍କା ଉଠିଲା ଏହାର ବିଧିବଦ୍ଧ ତଦନ୍ତ ପାଇଁ ବୃଦ୍ଧା ଜଣଙ୍କ ଝୁମ୍ପୁରା ବିଡିଓ ଓ ଚମ୍ପୁଆ ଥାନା ର ଦ୍ୱାରସ୍ଥ ହୋଇଛନ୍ତି । ତେବେ ଧନୀ ହେଉ କି ଗରିବ ଛୋଟ ରୁ ବଡ଼ ଅତି ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ପ୍ରତିଦିନ ହଜାର ହଜାର ଲୋକ ଏହି ଜନସେବା ଓ ଗ୍ରାହକ ସେବାକେନ୍ଦ୍ର ଗୁଡିକ ଉପରେ ନିର୍ଭର କରୁଥିବାବେଳେ ଚମ୍ପୁଆ ଅଂଚଳରେ କାର୍ଯ୍ୟ କରୁଥିବା ଜନସେବା ଓ ଗ୍ରାହକ ସେବା କେନ୍ଦ୍ର ଗୁଡିକରେ ଲୋକଙ୍କୁ ଲୁଟୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସିଛି। କିନ୍ତୁ, ପ୍ରଶାସନ ପକ୍ଷରୁ ଏମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନ ଥିବାରୁ ଦିନକୁ ଦିନ ଜନସେବା ଓ ଗ୍ରାହକ ସେବା କେନ୍ଦ୍ର ଗୁଡିକରେ ସଂଚାଳକ ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ତା ସହିତ କିଛି ଜନସେବା ଓ ଗ୍ରାହକ ସେବା କେନ୍ଦ୍ରର ନିଜ ନାମରେ ପଞ୍ଜି କରଣ ନ ଥାଇ ଅନ୍ୟର ପଞ୍ଜିକରଣ ରେ ସେବାକେନ୍ଦ୍ର ଚଳାଇ ଲୋକଙ୍କୁ ଶୋଷଣ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏହା ପଛରେ ବିଭିନ୍ନ ମହଲର ଲୋକ ସମ୍ପୃକ୍ତ ଥାଇ ଏକ ବଡ଼ ରାକେଟ କାମ କରୁଥିବା ମଧ କୁହା ଯାଉଛି। ଖୋଦ ମୁଖମନ୍ତ୍ରୀଙ୍କ ନିଜ ବ୍ଲକ ଝୁମ୍ପୁରା, ଚମ୍ପୁଆ ଅଂଚଳରେ ଏପରି ଘଟଣା ଘଟୁଥିଲେ ମଧ ଅଣଦେଖା କରା ଯାଉଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ତ ଜନସେବା କେନ୍ଦ୍ର ଗୁଡିକ ଉପରେ ବିଧିବଦ୍ଧ ଭାବେ ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

## ରକ୍ତଚାପ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୪/୧୧ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରକ୍ତଚାପ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ରକ୍ତଚାପ ରୋଗର କାରଣ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ । ଆମିଷ,ପନିର, ଅଶୁଦ୍ଧ କ୍ଷୀର, ଘିଅ, ପୋଡ଼ାତେଲ ଛଣାଖାଦ୍ୟ, ଧୂମପାନ, ମଦ୍ୟପାନ, ମେଦବୃଦ୍ଧି, ଚିନ୍ତା, କ୍ରୋଧ ଦ୍ୱାରା ରକ୍ତଚାପ ହୁଏ । ଏହି ସବୁ ତ୍ୟାଗ କରି ସାତ ଘଂଟା ଶୋଇବେ,ସକାଳ ସନ୍ଧ୍ୟା ଅଧା ଘଂଟା ଲେଖାଏଁ ଧ୍ୟାନ କରିବେ,ଉଚ୍ଚ ରକ୍ତଚାପରେ ସର୍ପଗନ୍ଧା ମୂଳ, ଅର୍ଜୁନ ଛାଲି କ୍ୱାଥ,ପଦ୍ମମଞ୍ଜି ସେବନ କଲେ ରକ୍ତଚାପ ସହ ହୃଦ୍ରୋଗ ମଧ ଭଲ ହୋଇଯାଏ କ୍ଷ ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ, ଚର୍ମରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା ।

# ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତରଫରୁ ଦିନିକିଆ କନଭରଜେନ୍ସ ବୈଠକ

ଜୟପୁର, ୪/୧୧ (ନି.ପ୍ର): ଜୟପୁରସ୍ଥ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପାଇଁ ଗୋଷ୍ଠୀ ନେତୃତ୍ୱ ପ୍ରକଳ୍ପ ତରଫରୁ ଦିନିକିଆ କନଭରଜେନ୍ସ ବୈଠକ ବ୍ଲକ କାର୍ଯ୍ୟାଳୟ, ଲମତାପୁଟ୍ ଠାରେ ଆୟୋଜନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ଲମତାପୁଟ୍ ବ୍ଲକର ଚୟନ କରିଥିବା ୧୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ୮ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ , ୧୦ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ୩ ଜଣ ଆଇ.ସି.ଡ଼ି.ଏସ ସୁପରଭାଇଜର ଅଂଶଗ୍ରହଣ କରିଥିଲେ । ଆଦିବାସୀ ବହୁଳ ଅଂଚଳରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରୀକରଣ ପାଇଁ ବିଲ୍ ଏଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହଯୋଗରେ ଏହି ପ୍ରକଳ୍ପଟି କାର୍ଯ୍ୟ କରୁଅଛି । ଏହି ଦିଗରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ସେବା, ୟୁ.ନି.ସେ.ଫ ଏବଂ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ମିଳିତହୋଇ ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କ ର ସ୍ୱାସ୍ଥ୍ୟ ଏବଂ ପୋଷଣ ଉପରେ କାର୍ଯ୍ୟ କରିବାକୁ ପ୍ରତିଜ୍ଞା ବୋଧ ହେଲେ । ଶ୍ରୀ ଅସିତ ମାନସିଂହ, ରାଜ୍ୟ ପ୍ରକଳ୍ପ ସଂଯୋଜକ, ଶ୍ରୀ ଯଶ୍ମିନ୍ ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏବଂ ଶ୍ରୀ ରାଜଦୀପ ବେହେରା, ବ୍ଲକ ସଂଯୋଜକ ଅଂଶଗ୍ରହଣକାରୀଙ୍କୁ ସଚେତନ କରିଥିଲେ। ଏହି କନଭରଜେନ୍ସ ଆଦିବାସୀ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ଜୀବନରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସକରାତ୍ମକ ଏଂ ସ୍ଥାୟୀ ପରିବର୍ତ୍ତନ ଆଣିବା ଦିଗରେ ସହାୟକ ହେବ।ଏହି ତାଲିମ୍ ଶିବିରରେ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ସ୍ପନ୍ଦନ ସ୍ମିତପ୍ରଜ୍ଞା, ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ଇନ୍ଦୁମତୀ ପାଣିଗ୍ରାହୀ, ପି.ହେଚ.ଇ.ଓ ଈତିଶ୍ରୀ ବିଶ୍ୱାଳ, ବି. ପି. ଏମ୍. ଅମ୍ବୁଜିନୀ ବାରିକ ଏଂ ପୋଷଣ ବିଶେଷଜ୍ଞ ସତ୍ୟସ୍ୱର ନାୟକ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟ ଏବଂ ପୋଷଣ ସେବାଗୁଡିକ ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ ତତ୍ ସହିତ ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରିଥିଲେ।କାର୍ଯ୍ୟକ୍ରମ କୁ ସୁଚାରୁ ଭାବରେ ପରିଚାଳନା କରିବା ନିମନ୍ତେ ପ୍ରକଳ୍ପର ଅନ୍ୟ କର୍ମକର୍ତ୍ତା ସାହାଯ୍ୟ ଓ ସହଯୋଗ କରିଥିଲେ।

# ସ୍ମୃତିରେ ଗାଁ ଓ କାର୍ତ୍ତିକ ପୂର୍ଣ୍ଣିମା

## ବାଦଲ ଭୂୟାଁ



ଏବେ ମୋ ଗାଁଠୁ ସହରର ଜାମସେଦପୁର ମୋ ଓଡ଼ିଶାଠୁ ଅନେକ ଦୂରରେ। ଗାଁର ସ୍ମୃତି ସବୁ ଆଖି ସାମ୍ନାରେ ଜଳଛବି ପରି ଦିଶିଯାନ୍ତି। ହାଇସ୍କୁଲ ପରୀକ୍ଷା ସାରି ୧୯୮୨ ମସିହାରୁ ମୁଁ ଲୌହନଗରୀ ଜାମସେଦପୁର ନସଇଓ୍ୱାନଜୀ ଟାଟାଙ୍କ ସ୍ୱପବ୍ନର ସହର ଟାଟା ନଗର ଠାରେ ଅବସ୍ଥାପିତ। ମତେ ମିଶେଇ ଏହା ମୋର ତିନି ପିଢ଼ି। ମୋ ଜେଜେ ଗୋପୀନାଥ ଭୂୟାଁ, ମୋ ବାପା ଗୌରହରି ଭୂୟାଁ, ଦାଦା ପ୍ରଫେସର ରମେଶ ଚନ୍ଦ୍ର ଭୂୟାଁ, ମୋ ବଡ଼ ଦି'ଭାଇ ଶଶିଭୂଷଣ ଓ ବିଧୁଭୂଷଣଙ୍କ ସହିତ ମୋର ଏ ସହରର ବୃତ୍ତିଗତ ଜୀବନ ଅଦ୍ୟାବଧି ଚାଲିଛି। ଓଡ଼ିଶାଠୁ ଶହ ଶହ ମାଇଲ ପାର ହୋଇ ଯେତେବେଳେ ମୁଁ ଏ ସହରକୁ ଆସିଲି ସେତେବେଳେ ସବୁ ଜିନିଷ ସବୁ ମଣିଷ ଗଳି, କନ୍ଦି, ବଜାରଘାଟ ସବୁଥିଲା ନିଆରା ଓ ଅଲଗା। ଆମ ଗାଁ ତୋଟାପଡ଼ା ଜଗତସିଂହପୁର ଜିଲ୍ଲା ସଦରମହକୁମାଠୁ ଅଳ୍ପ କେଇ କିଲୋମିଟର ଦୂରର ଏକ ଗାଁ। ଏଇ ଗାଁରେ ବହି ଯାଇଛି ଅଳକା ନଈ, ବାରଙ୍ଗ ପୀଠ, ଆମ୍ବ ପୁନାଙ୍ଗ ଘେରା ସବୁଜ ବନର ପରିବେଷ୍ଟନି ମୋ ବାଲ୍ୟ ଜୀବନ ଓ ପୁରୁଣା ଦିନ ସବୁ ମନକୁ ମନ ଆସି ଯାଆନ୍ତି। ଗାଁ ଚାରିପଟେ ଧାନ ବିଲ, କଜଳ ପାତି, କୁମ୍ଭାଟୁଆ, କାଉ, କୋଇଲି କଳରବ ମତେ ବାରମ୍ବାର ଆନମନା କରନ୍ତି, ଗାଁ ମନସ୍କ ମଣିଷଟିଏ କରି ଦିଅନ୍ତି। ଏଇ ଗାଁର ଚୌହଦି ଯେମତି ମୋ ଭିତରେ ଘର କରି ମତେ ସବୁବେଳେ ସେମାନଙ୍କ ସମୋହନ ଆନମନା କରନ୍ତି ଅହରହ।

ଏଇ କାର୍ତ୍ତିକ ମାସର ଶୁଭ ଲଗ୍ନରେ ଗାଁର ସବୁ ଆଇମା, ଜେଜେ ମା, ବଡ଼ ବୋଉ, ଖୁଡ଼ି, ଦାଦା, ମାଉସୀ, ମଉସା, ମୋ ସମବୟସୀ ସାଙ୍ଗ ସେମାନଙ୍କଠୁ ବଡ଼ ଅବା ସାନ ସମସ୍ତଙ୍କ କଥା ମନକୁ ଚାଲିଆସେ। କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ି ଭୋରରୁ ଗାଁ ପୋଖରୀରେ କଦଳୀ ପାଟୁଙ୍ଗା ବା ସୋଲଡଙ୍ଗା ଭସା, ଭୋଗରାଗ, ସଞ୍ଜ ସଳିତା, ଆକାଶଦୀପ ଜଳିବା ପାଇଁ ମୃଗସିଙ୍ଗ ବା ସଗଡ଼ି ତା ଉପରେ ଚଢ଼େଇ ନବସିବା ପାଇଁ କଣ୍ଟାଗଛର ଝଟା। ଆକାଶ ଦୀପରେ ଆଶାର ସଳିତା, ପୂର୍ବପୁରୁଷଙ୍କୁ ସଞ୍ଜବତୀ ଏଇଥିରେ ପଞ୍ଚୁକରେ ଦୀପ ଓ ଚଉରା ମୂଳେ ନିତି ସକାଳେ ସଞ୍ଜେ ମୁରୁଜ ଓ ପୂଜନ ପୁଣି ରାହାସ ଗାୟନ ମନ ଭିତରେ ଅଫୁରନ୍ତ ପୁଲକ। ଆମ ଗାଁର ଗୋପୀନାଥ (ଗୁଗୁଲା) ଘରେ ରାହାସର ପଞ୍ଚୁରଙ୍ଗୀ କାଗଜରେ ସଜା ଯାଇଥିବା ଠାକୁର ଘର, ଭଜନ, କୀର୍ତ୍ତନର ପରିବେଶ, ବାରଙ୍ଗ ଗୋସେଇଁଙ୍କ ଠାରେ ନିତି ନିୟମର ପୂଜା, ମନ୍ତ୍ରର ମହକ, ଆକାମା.ଭୈ... ପାନଗୁଆ....ଖାଇ....ପାନଗୁଆ ତୋର...... ମାସକ ଧର୍ମ ମୋର.....ର କଥା କେଇପଦ ମତେ ମୋ ଗାଁକୁ ମୋ ସାଙ୍ଗ ମାନଙ୍କ ପାଖକୁ ନେଇଯାଏ। ମୋ ସ୍କୁଲ ଜୀବନ କଥା



ହଟକେଶ୍ୱର ମହାଦେବ ଦେଇ ଜଗନ୍ନାଥ ଉପ୍ରା ସ୍କୁଲକୁ ଯିବା କିମ୍ବା ସୋମନାଥ ବିଦ୍ୟାପୀଠ ସ୍କୁଲ ଯିବା ବାଟରେ ଗହିର ବଳର ସମ୍ମୋହନ ମାୟା ମୋତେ ଅନ୍ୟ ମନସ୍କ କରେ। ସ୍ମୃତିର ଆର୍ସିରେ ସବୁ କାଲି ସକାଳର କଥାପରି ଲାଗେ ମୋର ପୁରୁଣା ଦିନ, ସ୍କୁଲ ବେଳର ସ୍ୱର୍ଣ୍ଣିମ ମୁହୂର୍ତ୍ତ। ଏବେ ସବୁଆଡ଼େ ଫୁଲ ଫଳର ସମ୍ଭାରରେ ମହମହ ବାସ୍ନା ବାଉଳା କରୁଥିବା ପ୍ରତିଟି ଘର, ସବୁ ଗାଁ ଦାଣ୍ଡ। ହେନା ଓ ଗଙ୍ଗଶିଉଳିର ଭୁରୁଭୁରୁ ବାସ୍ନା, ଟୁପଟାପ କାକରର ଗପ, ଗାଁ ମଶାଣିରେ ଅରଖ ଦୁଦୁରା ଗଛର ସିରସିର୍ ଯେମିତି ଲାଗୁଥିବ ବାପାବୋଉ ଆଉ ପୂର୍ବଜଙ୍କ ଗପର ସରସ ମୁହୂର୍ତ୍ତ ଏଇ କାର୍ତ୍ତିକ ମାସ। ଏଇ ମାସ ପରେ ପୂର୍ବଜମାନେ ଫେରିଯିବେ ନିଜ ନିଜ ସ୍ଥାନ। ଯା ପରେ ଧାନକଟା ବେଳ। ବିବାହ, ପୂଜନର ପ୍ରକୃଷ୍ଟ ସମୟ।

ଏବେ ସ୍ମରଣରେ ଫେରେ ଗାଁର ବହଳ ଅନ୍ଧାର, କୋଇଲି ସୂତା, କୋଇଲି ପାରୁଡ଼ା ଆମ୍ବ, କଳା ସିଲଟକୁ ପାଣିକନାରେ ପୋଛି କୂଅ ପାଣି କୂଅକୁ ଯା' ମୋ ସିଲଟ ସୁଖିଯାର ଅପ୍ତବାକ୍ୟ କହିବାର ନିଟୋଳ ମୁହୂର୍ତ୍ତ, ସବୁ ମୋତେ ଅନ୍ୟ ମନସ୍କ କରନ୍ତି ତାଙ୍କରି ପଛରେ ମୁଁ ଏମିତି ଦୋଉଡୁ ଥାଏ ସ୍ୱପ୍ନ ପଛରେ ଦଉଡିଲା ପରି। ଏବେ ଆମ ଗାଁ ଓ ମୋ ରାଜ୍ୟ ଓଡ଼ିଶାର ଭୌଗୋଳିକ ଚିତ୍ର ବଦଳିବାରେ ଲାଗିଛି। ରାସ୍ତାଘାଟ, କଳକାରଖାନା ସବୁ ସହରର ଭ୍ରମ ସୃଷ୍ଟି କରୁଛି। ସମୟ ହିସାବରେ ସବୁ ବଦଳୁ କିନ୍ତୁ ପର୍ବ, ପର୍ବାଣୀ, ସଂସ୍କୃତି ସବୁ ସେମିତି ଥାଉ ମୋ ପରି, ସବୁ ମଣିଷର ସରଳ ମନ ପରି।

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

## ପୁଣ୍ୟ ପଞ୍ଚୁକ

### ମନୋଜ କୁମାର ମେହେର

ମାସ ମଧ୍ୟେ ଶ୍ରେଷ୍ଠ ଅଟେ କାର୍ତ୍ତିକ
କାର୍ତ୍ତିକେ ମହତ୍ୱ ପରା ପଞ୍ଚୁକ।

ଏକାଦଶୀ ଠାରୁ ଆରମ୍ଭ ହୁଏ,
ପୂର୍ଣ୍ଣିମା ପର୍ଯ୍ୟନ୍ତ ସେ ରହିଥାଏ।

ବଗ ମଧ ଛାଡ଼ି ଦିଏ ଆଇଁଷ,
ଭକ୍ତ ଜନେ କରଥାନ୍ତି ହବିଷ।

ସକାଳୁ ଉଠିଣ ସ୍ନାନ କରନ୍ତି,
ତୁଳସୀ ଚଉରେ ଦୀପ ଜାଳନ୍ତି।

ପାଞ୍ଚଦିନେ ପାଞ୍ଚଟି ବେଶ ଧରି,
ପୂଜାପାଇଥାନ୍ତି ପ୍ରଭୁ ଶ୍ରୀହରି।

ନାମ ସଙ୍କୀର୍ତ୍ତନ କରିଣ ଭକ୍ତ,
ଆନନ୍ଦରେ ପଢନ୍ତି ଭାଗବତ।

ବଡ଼ଓଷା ହୋଇଥାଏ ପାଳିତ,
ଧର୍ମ ମାସ ଭାବେ ଏ ପରିଚିତ।

ପୂର୍ଣ୍ଣିମା ସକାଳୁ ଉଠିଣ ଜନ,
ଭୋର ସକାଳରୁ କରିଣ ସ୍ନାନ।

ପୂର୍ବପୁରୁଷଙ୍କୁ ମନେ ପକାନ୍ତି,
ସେମାନଙ୍କ ପାଇଁ ଡଙ୍ଗା ଭସାନ୍ତି।

+ବଣ୍ଡାକୁଟୁରା, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ପବିତ୍ର ଆକାଶ ଦୀପ

### ରାମଚନ୍ଦ୍ର ବେହେରା

ମହା କାର୍ତ୍ତିକର ପୂଣ୍ୟ ପଂଚୁକରେ
ଅଛି ଉତ୍କଳୀୟ ରୀତି
ସନ୍ଧ୍ୟାରେ ଜଳଇ ଆକାଶ ପ୍ରଦୀପ
ମିଳିଥାଏ ପୂଣ୍ୟପ୍ରାପ୍ତି
ତୁଳସୀ ଚଉରା ମୂଳେ
ହାଣ୍ଡି ମଧ୍ୟେ ରହି ଭୂଇଁରୁ ଉର୍ଦ୍ଧ୍ୱରେ
ଆଶାର ପ୍ରଦୀପ ଜଳେ।
ଦେବାଳୟେ ଜଳେ ପୂର୍ଣ୍ଣ ଏକମାସ
ଗୃହେ ମହା ପଂଚୁକରେ
ପୂଜା କର୍ମ ସାରି କୁଳ ପୁରୋହିତ
ଦୀପ ଆବାହନ କରେ
ମାଟିହାଣ୍ଡି ଚଉପାଶେ
ଏକୋଇଶ ଛିଦ୍ର ଶୋଭା ପାଇଥାଏ
ବାୟୁ ସଂଚାଳନ ଆଶେ।
ଶ୍ରୀଜଗନ୍ନାଥଂକ ଧର୍ମ ଓ ସଂସ୍କୃତି
ଦେଇଥାଏ ତାକୁ ମାନ୍ୟ
ସାତ ଜନମର ପାପ ଧୋଇଯାଏ
ମିଳିଥାଏ କୋଟି ପୂଣ୍ୟ
ଯେ'ଜାଳେ ଆକାଶ ଦୀପ
ପୂର୍ବ ପୁରୁଷଂକ ଶୁଭାଶିଷ ମିଳେ
ଦୂର ହୁଏ ରୋଗ ଶୋକ।
ଘଣ୍ଟ ଘଣ୍ଟି ନାଦ ଉଚ୍ଛୁଳି ପଡଇ
ଶୁଭେ ଶଂଖ ହୁଳହୁଳି
ପ୍ରଦୀପର ଶିଖା ନିରାଶା ଦୂରେଇ
ସୁଖ ଶାନ୍ତି ଦିଏ ଭରି
ଖୁସିଦିଏ ଅପ୍ରମିତ
ମହା କାର୍ତ୍ତିକର ଏ ପୂଣ୍ୟ କରମ
କରିଥାଏ ଜନ ହିତ।
ଆକାଶ ପ୍ରଦୀପ ଜଳାନ୍ତି ଶ୍ରଦ୍ଧାଳୁ
ହରିଂକୁ ହୃଦେ ସୁମରି
ଭକ୍ତିଦିଏ ମାନ ଦାନଦିଏ ପୂଣ୍ୟ
ମଂଗଳ ହୁଏ ସବୁରି
ଯେ'କରଇ ଦୀପ ଦାନ
ଆପଦ ନ'ଆସେ ତା'ର ତଲାପଥେ
ବୈକୁଣ୍ଠରେ ପାଏ ସ୍ଥାନ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬

# ସମୃଦ୍ଧ ଓଡ଼ିଶାର ଆୟୁଧ ବାଲିଯାତ୍ରା

## ମୀରା ବେଉରା



ପାଶ୍ଚାତ୍ୟ ସମାଜ ବିଜ୍ଞାନୀ ଏଡମଣ୍ଡ ବୁର୍କେଙ୍କ ମତରେ ଯେଉଁମାନେ ଅତୀତକୁ ଭଲକରି ସ୍ମରଣ କରି ପାରନ୍ତି ନାହିଁ, ସେମାନେ ଭବିଷ୍ୟତକୁ ମଧ୍ୟ ସିଂହାବଲୋକନ କରି ପାରିବେ ନାହିଁ। Those who donot look to their posterity, they can not look forward at theire future. ସେତେବେଳର ସୁନାବ୍ୟା ମହାନଦୀ ସେତୁ ବିହୀନ, ଆନିକଟ ବିହୀନ ହୋଇ ନୌପରିବହନର ଏକମାତ୍ର ସୁଲଭ ମାଧ୍ୟମ ଥିଲା। କାଳକ୍ରମେ ସଡ଼କ, ରେଳପଥ ଓ ଆକାଶ ପଥର ବିକାଶ ଘଟିବା ଫଳରେ ଗମନାଗମନ ଓ ପରିବହନର ଉନ୍ମୁକ୍ତ ମାର୍ଗ ଏବେ ବହୁମୁଖୀ ହୋଇଛି। ଅର୍ଥନୀତିର ପରିଭାଷାରେ ସଭ୍ୟତା ନଦୀ ମାତୃକ ହୋଇପାରେ ମାତ୍ର ସମୃଦ୍ଧି ବନ୍ଦର ଭିତ୍ତିକ ହେବାକୁ ବାଧ। ମହାନଦୀ ହିଁ ଓଡ଼ିଶାର ପ୍ରାଚୀନ ସଂସ୍କୃତି ଓ କୀର୍ତ୍ତିରାଜିର ପ୍ରତ୍ୟକ୍ଷ ମୂକ ସାକ୍ଷୀ ଅଟେ। କେବଳ ସେତିକି ନୁହେଁ ଏହା ଓଡ଼ିଶାର ଇତିହାସର ଉଜ୍ଜ୍ୱଳତମ ଅଧ୍ୟାୟ ଏବଂ ସ୍ମାରକୀ। ଏହି ପୁଣ୍ୟତୋୟାଙ୍କ ଉଭୟ ପାଶ୍ୱର୍ କୃଷି ଓ ବାଣିଜ୍ୟ ସହ ଅନେକ ଧର୍ମ, ସଂପ୍ରଦାୟ, ମତବାଦ ସହ ରାଜନୀତି, ଅର୍ଥନୀତି ଓ କୂଟନୀତି ଆଦି ପ୍ରତିଷ୍ଠାର ଅଲିଭା ସ୍ୱାକ୍ଷରକୁ ଆଜିବି ବହନ କରି ରହିଅଛି। ଓଡ଼ିଶାର ଲୁପ୍ତ ସ୍ୱାଭିମାନକୁ ମନେ ପକାଇବାର ଏଇ ପରଂପରା ସ୍ୱାଗତାର୍ହ ଓ ଅନୁକରଣୀୟ। କାର୍ତ୍ତିକ ପୂର୍ଣ୍ଣିମାର ପ୍ରଭାତରେ ମହାନଦୀରେ ବୋଇତ ବନ୍ଦାଣ ଓ ସୂର୍ଯ୍ୟ ବନ୍ଦାପନା ସାଙ୍ଗକୁ ସନ୍ଧ୍ୟାରେ ଏକ ଆଧାତ୍ମିକ ବାତାବରଣ ମଧ୍ୟରେ ଚନ୍ଦ୍ର ବନ୍ଦାପନାରେ ମହାନଦୀ ବନ୍ଦାପନା ଓ ବୋଇତ ଉତ୍ସବ ନିଶ୍ଚୟ ଆମର ଉତ୍ତର ପୀଢ଼ିମାନଙ୍କ ଭିତରେ ଏକ ଆଦର୍ଶ ପରଂପରା ସୃଷ୍ଟି କରୁଛି ଓ ଭବିଷ୍ୟତରେ କରିବ ମଧ୍ୟ।

ଓଡ଼ିଶାର ସୁଦୀର୍ଘ ବେଳାଭୂମି ଓ ପୋତାଶ୍ରୟମାନଙ୍କର ସଦୁପଯୋଗ କରି ଆମର ପୂର୍ବପୁରୁଷମାନେ ଯେଉଁ ନୌବାଣିଜ୍ୟ ପରଂପରାର ବିକାଶ କରିଥିଲେ ତାହା ସମୟ ସ୍ରୋତରେ ପ୍ରମାଣିତ ହୋଇଛି। ଏହି ଉଜ୍ଜ୍ୱଳ ପରଂପରାର ପୁନରୁଦ୍ଧାର ସହ ଆମର ବର୍ତ୍ତମାନ ଓ ଭବିଷ୍ୟ ପୀଢ଼ିକୁ ଆମର ସମୃଦ୍ଧ ଅତୀତ ପରିଚିତ କରାଇଲା। ଆମ ଓଡ଼ିଶାର ବାଲିଯାତ୍ରାର ପ୍ରୟାସ ନିଶ୍ଚିତ ଭାବେ ସମୟୋପଯୋଗୀ। ଅର୍ଥନୀତିର ପରିଭାଷାରେ ସଭ୍ୟତା ନଦୀମାତୃକ ହୋଇପାରେ ମାତ୍ର ସମୃଦ୍ଧି ବନ୍ଦର ଭିତ୍ତିକ ହେବାକୁ ବାଧ। ଶିକ୍ଷାର ଆଲୋକ ବିଜ୍ଞାନ ଭିତ୍ତିକ ହେବାରୁ ଜୀବନ ଚର୍ଯ୍ୟା ବିଶ୍ୱଶ୍ରେଣୀ ପର୍ଯ୍ୟାୟକୁ ଆସି ଯାଉଛି। ଉପାଦାନର ଶୈଳୀ ପ୍ରକ୍ରିୟା ବଦଳିଛି, ମାତ୍ର ମୌଳିକ ଲକ୍ଷ୍ୟ ବଦଳିନାହିଁ। ବଳକା ଅଂଚଳରୁ ନିଅଂଟିଆ ଅଂଚଳକୁ ଖାଉଟି ଦ୍ରବ୍ୟ ନିଶ୍ଚୟ ଆସିବ। ଅତୀତର ନଦୀ ଭିତ୍ତିକ ବନ୍ଦରର ସ୍ଥାନ ନେଇଛି ଗଭୀର ସମୁଦ୍ର ଭିତ୍ତିକ ପୋତାଶ୍ରୟ। ବର୍ହିବାଣିଜ୍ୟର ସଂଜ୍ଞା ଆଜି ବଦଳି ଯାଇଛି। ମାତ୍ର ମାନବ ସମ୍ବଳର ସଂଜ୍ଞା ବଦଳି ନାହିଁ। ଏହି ଐତିହାସିକ ବାଲିଯାତ୍ରାରେ ଯେ ଦିନେ ଆଗାମୀ ପିଢ଼ିପାଇଁ ସମୃଦ୍ଧିର ସାତ ବର୍ଣ୍ଣ ଇନ୍ଦ୍ରଧନୁ ସୃଷ୍ଟି କରିବ, ଯେଉଁଥିପାଇଁ ପାଣ୍ଠିର ବା ପୁଞ୍ଜିର ଅଭାବ ରହିବନାହିଁ।

ଅନନ୍ତ ମହାକାଳର ବିସ୍ମୃତି ଗର୍ଭରେ ଅତୀତର ଅନେକ ସ୍ମୃତି, କୀର୍ତ୍ତିରାଜି ଆଜି ଲୁପ୍ତ ହୋଇଥିବା ଦୃଷ୍ଟାନ୍ତର ଅଭାବ ନାହିଁ। କିନ୍ତୁ ଅନେକ ଐତିହ୍ୟ ପରଂପରା ଶତାବ୍ଦୀ ପାବଚ୍ଛ ପରେ ପାବଚ୍ଛ ଅତିକ୍ରମ କରି ମଧ୍ୟ ମାନବୀୟ ଚିନ୍ତା ଚେତନାରେ ସ୍ୱତନ୍ତ୍ର ସ୍ଥାନ ବଜାୟରଖି ଆଗାମୀ ପିଢ଼ି ନିମନ୍ତେ ପ୍ରେରଣାର ଉତ୍ସ ପାଲଟି ଥାଏ। ତନ୍ମଧ୍ୟରୁ ଐତିହାସିକ ବାଲିଯାତ୍ରା ଅନ୍ୟତମ। ଅଦ୍ୟାବଧି ଭୌଗୋଳିକ, ଐତିହାସିକ ଓ ପରିବ୍ରାଜକଙ୍କ ସେ ସମୟର ପ୍ରଦ ବିବରଣୀରୁ ଯାହା ଜଣାପଡ଼େ ଅତୀତରେ ଓଡ଼ିଆମାନେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଅତ୍ୟନ୍ତ କୁଶଳୀ, ଅଭିଜ୍ଞ ଓ ବୋଇତ ଚାଳନାରେ ପାରଙ୍ଗମ ଥିଲେ। ସମଗ୍ର ବିଶ୍ୱରେ ମଧ୍ୟ ଓଡ଼ିଆଙ୍କ ଭଳି ଲୋକଜୀବନ ନାହିଁ। ଯାହାର କ୍ଷେତ୍ର ଏତେ ଦ୍ୱନ୍ଦ୍ୱ, ଏତେ ରହସ୍ୟମୟ, ବିରୋଧାଭାସର ସମନ୍ୱୟ ତତ୍ତ୍ୱ ସହାସର ବିସ୍ମୟ ବିନ୍ଦୁରେ ଯେଉଁ ପ୍ରାଣବିନ୍ଦୁଟି ଏଇ ଜନଜାତିରେ ନାଚେ ଶୂନ୍ୟକୁ କୋଳ କରି ପୂର୍ଣ୍ଣ ହୋଇଯାଏ, ତହା ଏହି ଜାତିର ମହତ୍ତ୍ୱ। ପ୍ରତ୍ୟେକ ମୁହୂର୍ତ୍ତରେ ଅସହାୟତାକୁ ଟପି ଆସୁଥିବା ମଣିଷ ଭିତରେ କୋଉଠି ନା କୋଉଠି ଜୀଇଁଛି ଟିକେ ପ୍ରେମ, ଟିକେ ସଂଗୀତ ଆଉ ମଦହୋସ ଝମିଯିବାର ପ୍ରବଣତା। ଇତିହାସର ପ୍ରାଣ ବିନ୍ଦୁରେ କଳାକାରହିଁ ଛାତିରୁ ପୋଛି ନେଇଛି ନିର୍ଜନତା। ଆଉ ସ୍ମୃତିର ଲହରୀରେ ଚିହ୍ନାଇ ଦେଇଛି ଆମ ଦୁଃସାହସିକତାର ଇତିହାସ।

ଏହି ବାଲିଯାତ୍ରା ଆଜିର ନୁହେଁ, ଏହା ସଂସ୍କୃତିର ପୁନରାବୃତ୍ତି। ଆଧୁନିକ ମଣିଷର ଅନ୍ତଃସାର ଶୂନ୍ୟତାକୁ ସ୍ମୃତି ଓ ସାମର୍ଥ୍ୟକୁ ଜୀଆଁଇ ଦେବାର ସତରେ ଏକ ପ୍ରୟାସ ମାତ୍ର। ଓଡ଼ିଶାର କଳା, ସଂସ୍କୃତି, ଶିଳ୍ପ, ବାଣିଜ୍ୟକୁ ଇତିହାସ ଓ ଅତୀତକୁ ସାମର୍ଥ୍ୟ ଯୋଗାଇ ଦେବାପାଇଁ ଏହି ଉତ୍ସବର ଆୟୋଜନ। ହିଂସା, ଦ୍ୱେଷ, ପରଶ୍ରୀକାତରତାକୁ ଭୁଲି ପାଦରେ ପାଦ ଛନ୍ଦି,



ହୃଦୟରେ ହୃଦୟ ମିଶାଇ ସାଧକର ସୃଷ୍ଟି ସର୍ଜନାକୁ ସମ୍ମାନ ଦେବା, ଭଲ ପାଇବା ଏହାର ଉଦ୍ଦେଶ୍ୟ। ସୃଷ୍ଟି କାଳରୁ ହିଁ କଳିଙ୍ଗ ଜାତି ସମଗ୍ର ଦେଶରେ ଥିଲା ଧର୍ମ, ସଂସ୍କୃତି ସହ ବାଣିଜ୍ୟର ପ୍ରମୁଖ ପ୍ରଦେଶ। ଇତିହାସ କହେ, "କଳିଙ୍ଗା ସାହସିକଃ। ବିଦେଶରେ ମଧ୍ୟ କଳିଙ୍ଗର ସାଂସ୍କୃତିକ ଧାରାର ପ୍ରଭାବ ବେଶ୍ ସ୍ପଷ୍ଟ। ସମୁଦ୍ରର ଦୁଃସାହସ ପରି ଏହି ସମୁଦ୍ର କୂଳର ଜାତି ବର୍ମା, ମାଳୟ, ସିଂହଳ, ଜାଭା, ସୁମିତ୍ରା, ବାଲି, ବୋର୍ଣ୍ଣିଓ ଓ ଚୀନ ଇତ୍ୟାଦି ଦେଶମାନଙ୍କରେ ବାଣିଜ୍ୟି ସଂପର୍କ ସ୍ଥାପନ କରି ସେହି ସ୍ଥାନମାନଙ୍କରେ କଳିଙ୍ଗର ଓ ଭାରତର ସଂସ୍କୃତିକୁ ସ୍ଥାପନା କରିଥିଲେ। ଓଡ଼ିଆ ଜାତିକୁ ଦେଖିଲେ ଆଜି କେମିତି ଥରି ଉଠେ ପଞ୍ଜରା ହାଡ଼। ଆମେ ଆମ ଜୀବନ ଯାପନ ପ୍ରଣାଳୀରେ ପରସ୍ପର ପ୍ରତି ପରିଶ୍ରୀକାତରତା ଗର୍ବ ଗୌରବର କଥା ଆମ ପାଇଁ ନିଶ୍ଚିତ ଭାବରେ ଏକ ପ୍ରହସନ। ବଜାରି ସଭ୍ୟତାର ଜୀବନ ଆଜି ପାଲଟିଛି ହାଟ ସଉଦା। ସମାଜର ପ୍ରାଣ ଲୋକଜୀବନରେ ହିଁ ରହିଥାଏ। ଲୋକସଂସ୍କୃତି ଥାଏ ସାମାଜିକ ନୀତି ନିୟମରେ, ଧର୍ମରେ ସଭ୍ୟତାରେ, ଦୈନିକ ଜୀବନ ଚର୍ଯ୍ୟାରେ। ସେଇଥିପାଇଁ ତ ଓଡ଼ିଆ ଜାତିକୁ ଓଡ଼ିଶାର ସଂସ୍କୃତିକୁ ଭଲ ପାଉଥିବା କବି, କବିବର ରାଧାନାଥ ରାୟଙ୍କ କବିତାରେ ଥିଲା-

"ପୂର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି ରଣେ ଗରୀୟସୀ ॥"

ଏହି ଓଡ଼ିଆ ସାଧବପୁଅ ଦିନେ ସାତ ସମୁଦ୍ର ପାର ହୋଇ ଜାଭା, ସୁମାତ୍ରା, ବାର୍ଲି, ବୋର୍ଣ୍ଣିଓ ତଥା ଇଣ୍ଡୋନେସିଆ ସହିତ ବାଣିଜ୍ୟିକ ସଂପର୍କ ସ୍ଥାପନ କରିଥିଲା ଆମ ପୂର୍ବପୁରୁଷ, ସାଧବପୁଅମାନଙ୍କ ସାହସିକତା ଓ ବାଣିଜ୍ୟିକ ନିପୁଣତା କେବଳ କଳା, ଭାସ୍କର୍ଯ୍ୟ, ସାହିତ୍ୟର ପ୍ରଚାର ପ୍ରସାର କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଆମ ଐତିହ୍ୟ, ସଂସ୍କୃତି ଓ ଅର୍ଥ ନୈତିକ ସମୃଦ୍ଧିର ବାର୍ତ୍ତା ପ୍ରଦାନ କରିଥିବା ବାଲିଯାତ୍ରା ଆମକୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମୃଦ୍ଧିର ଚିତ୍ର ଉତ୍ ?ପ୍ରେରିତ କରିବ। ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା। ଏହି ବାଲିଯାତ୍ରା ହିଁ ହେଉଛି ଆମର ଐତିହ୍ୟ, ଗୌରବମୟ ବାଣିଜ୍ୟିକ ପରଂପରାର ମୂକସାକ୍ଷୀ। ଏହା ପ୍ରାଚୀନ ଉତ୍କଳର ସମୃଦ୍ଧି ଏବଂ ଗରିମାର ଐତିହର ପ୍ରତୀକ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ କଳିଙ୍ଗ ବର୍ହିବାଣିଜ୍ୟର ସ୍ୱାକ୍ଷର ।

ଓଡ଼ିଶାର ବାଲିଯାତ୍ରା ବର୍ତ୍ତମାନ ଆଉ ଏକ ପରଂପରାରେ ସୀମିତ ହୋଇ ରହିନାହିଁ। ଏହା ଏକ ମହୋତ୍ସବର ରୂପନେଇ ଓଡ଼ିଆ ପୁଅକୁ ବୈଦେଶିକ ବାଣିଜ୍ୟ ନିମନ୍ତେ ନିଶ୍ଚୟ ପ୍ରେରଣା ଦେଇଛି। ଏହି ଗୌରବମୟ ପରଂପରାକୁ ବଜାୟ ରଖିବା ଦିଗରେ କଟକ ବାଲିଯାତ୍ରା ମହୋତ୍ସବ ପ୍ରଶଂସନୀୟ। ଏହା ଆଶ୍ଚର୍ଯ୍ୟ ଲାଗିଲେ ବି ସତ, ଆମ ପୂର୍ବସୂରୀମାନଙ୍କର ଅଦମ୍ୟ ସାହସ ସବୁ ଦେଖି। ଏହା ସତ୍ୟ ଯେ ଯେତେବେଳେ ମହାନଦୀ ପୂର୍ଣ୍ଣଗର୍ଭା ଥିଲା ଓ ଏହାର ପ୍ରବାହ ଖରା, ବର୍ଷା ଓ ଶୀତ ସମୟରେ ମଧ୍ୟ ଅକ୍ଷୁର୍ଣ୍ଣ ରହୁଥିଲା, ସେତେବେଳେ ଏହି ନଦୀ ବଙ୍ଗୋପସାଗର ଦେଇ ସେଠାରୁ ଯାଭାଦ୍ୱୀପ, ଉପଦ୍ୱୀପ ଓ ବିଦେଶକୁ ଯାଇ ସାଧବ ବଣିଜମାନେ ବାଣିଜ୍ୟ କରୁଥିଲେ ଓ ସେଠାରୁ ଫେରିଆସି ଦେଶକୁ ଧନଧାନ୍ୟରେ ପୂର୍ଣ୍ଣ କରୁଥିଲେ। ଖ୍ରୀ:ପୂ: ୫୦୦ ବର୍ଷରୁ ଏହି ବୋଇତ ଯାତ୍ରା ଲଗାତାର ଭାବରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ନାନାବାଧା ଓ ପ୍ରତିକୂଳ ପରିସ୍ଥିତି ସହ ଗଡ଼ି କରି ଆସିଥିଲା ନାନା ବନ୍ଦର। କହିବାକୁ ଗଲେ ଗଂଜାମ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଯେତେ ନଦୀ ଅଛି ପ୍ରାୟ ସମସ୍ତ ନଦୀରେ ବୋଇଇ ଯାଉଥିଲା। ଓ ନଦୀ କଳରେ ଗଢ଼ି ଉଠିଥିଲା ନାନା ବନ୍ଦର। ସେହି ବନ୍ଦର ଗୁଡ଼ିକ ଥିଲା ସେକାଳର କଳିଙ୍ଗ। ବାଲେଶ୍ୱରର ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଧାମରା, କଟକର ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଗଂଜାମର ଋଷିକୁଲ୍ୟା, ପୁରୀର ପ୍ରାଚୀ, ଚନ୍ଦ୍ରଭାଗା, ଦୟା, ଭାର୍ଗବୀ ନଦୀ କୂଳେ କୂଳେ ଅନେକ ବନ୍ଦର ଗଢ଼ି ଉଠିଥିଲା। ପ୍ରାଚୀନ କଳିଙ୍ଗ ଇତିହାସକୁ ଅନୁଶୀଳନ କଲେ ଜଣାଯାଏ ଯେ ସେକାଳର ସମସ୍ତ ବନ୍ଦର ମଧ୍ୟରେ ଥିଲା ଅପୂର୍ବ ସଂହତି। ବଣିକମାନଙ୍କ ମଧ୍ୟରେ ଥିଲା ପାରସ୍ପରିକ ସଂପର୍କ।

ଏହି ସାଧବମାନେ ଥିଲେ କଳିଙ୍ଗ ଓଡ଼ିଶାର ଆର୍ଥନୀତିକ ସଂହତିର ମୁଖ୍ୟ ସଂପ୍ରଦାୟ। ସାଧବ ଓ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ମଧୁର ସଂପର୍କ ଥିଲା। ଏହା ସହ ରାଜ୍ୟମୁଖ୍ୟ ରାଜାଙ୍କ ସହିତ ମଧ୍ୟ ସାଧବମାନଙ୍କର ଅତି ନିବିଡ଼ ସଂପର୍କ ରହିଥିଲା। ସେଥିପାଇଁ ଷୋଡ଼ଶ, ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ନୌବାଣିଜ୍ୟ ଥିଲା ସୁବର୍ଣ୍ଣଯୁଗ। କିନ୍ତୁ ଫିରିଙ୍ଗୀ, ଫରାସୀ, ଦିନମାର, ଓଲନ୍ଦାଜ, ଆରବ ଆଦି ଜଳଦସ୍ୟୁମାନଙ୍କର ଘନଘନ ବୋଇତ ଲୁଣ୍ଠନ ଓ ଆକ୍ରମଣ ହେତୁ କ୍ରମେ ଏହି ଯୁଗର ଅବସାନ ଘଟିବାକୁ ଲାଗିଲା। ଗୋଟାଏ ପଟେ ଓଡ଼ିଶାର ସ୍ୱାଧୀନତାର ବିଲୋପ (୧୫୬୮) ଓ ଆଉ ଗୋଟିଏ ଦିଗରେ ଆଫଗାନ ମୁସଲମାନ, ମୋଗଲ, ମରହଟ୍ଟା ଓ ଶେଷରେ ଇଂରେଜ ଶାସନ ଫଳରେ ବୋଇତ ଯାତ୍ରା ପ୍ରତି ପୃଷ୍ଠପୋଷକତାର ଅଭାବ ଓ ଅନ୍ୟ ଦିଗରେ ବୋଇତ ଲୁଣ୍ଠନକାରୀଙ୍କୁ ପ୍ରୋତ୍ସାହନ ଫଳରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଶାର ନୌବାଣିଜ୍ୟରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। କଳିଙ୍ଗର ନୌବାଣିଜ୍ୟ ଓ ଜଳଯାତ୍ରା ସଂପର୍କରେ ଖ୍ରୀ:ପୂ: ୪ର୍ଥ ଶତାବ୍ଦୀରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ବିଚକ୍ଷଣ କୁଟନୀତିଜ୍ଞ ଓ ମନ୍ତ୍ରୀଚାଣକ୍ୟ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ଅର୍ଥଶାସ୍ତ୍ରରେ କଳିଙ୍ଗର ବୋଇତ ଯାତ୍ରାକୁ ସୂଚାଇଛାଏ। ସେମାନେ କେବଳ ବାଣିଜ୍ୟ କରୁ ନଥିଲେ, ସମସ୍ତଙ୍କ ସହିତ ସଂପର୍କ ମଧ୍ୟ ପ୍ରତିଷ୍ଠା କରୁଥିଲେ। ନିଜର ଭାଷା, ସଂସ୍କୃତି ଓ ଧର୍ମର ଛାପ ମଧ୍ୟ ରଖି ଦେଉଥିଲେ। ସାଧବମାନେ ସେସବୁ ଅଂଚଳରେ ବୈବାହିକ ସଂପର୍କ ମଧ୍ୟ ସ୍ଥାପନ ମଧ୍ୟ କରୁଥିଲେ। ଯାହା ଉତ୍କଳର ଉଦାର ମାନବ ମୈତ୍ରୀର ପରିଚୟ ଦେଇଥିଲା। ସାରଳା ଦାସଙ୍କ ମହାଭାରତରେ ବୋଇତ ଯାତ୍ରାର ଚିତ୍ର ରହିଛି। ଦଶକୁମାର ଚରିତ, ତଅପୋଇର କାହାଣୀ, ମଙ୍ଗଳା ଓଷା କଥା, ଚାରିମହାମନ୍ତ୍ରୀ ପୁଅ କଥା, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ, ବୈଦେହୀଶ ବିଳାସ ଆଦି ସାହିତ୍ୟିକ ରଚନାମାନଙ୍କରୁ ବୋଇତ ଯାତ୍ରାର ପରିଚୟ ମିଳିଥାଏ। ଏହା ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବା ସହ ଦୁର୍ଦ୍ଧର୍ଷ ସାମରିକ ଶକ୍ତି ମଧ୍ୟ ଗଢ଼ିଥିଲା। ସାଧବମାନେ ପ୍ରଥମେ ବାଲିକୁ ଯାଇଥିବାରୁ ଏହାର ନାମ ବାଲିଯାତ୍ରା ରଖା ଯାଇଛି। ଓଡ଼ିଆ ସାହିତ୍ୟର ବିଶିଷ୍ଟ ଔପନ୍ୟାସିକ କାହ୍ନୁ ଚରଣ ବାଲିଯାତ୍ରା ନାମରେ ୧୯୨୪ ମସିହାରେ ଉପନ୍ୟାସ ରଚନା କରି ବାଲି ସହ ଆମର ସାଂସ୍କୃତିକ ସଂପର୍କ ଦର୍ଶାଇଥିଲେ। ଏବେ କେବଳ କଟକ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଏହା ଜଗତୀକରଣକୁ ମଧ୍ୟ ବେଶ୍ ପ୍ରୋତ୍ସାହିତ କରୁଛି।

+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି, କଟକ-୮
ମୋ : ୭୮୪୬୯୨୧୪୦୦

## ଆ କା ମା ବୈ

### ସୁଷମା ପରିଡ଼ା

ଦିନେ ଉଡୁଥିଲା ଉତ୍କଳୀୟ ବାନା
ସାରା ବିଶ୍ୱ ବାଣିଜ୍ୟରେ
ଓଡିଶା ସାଧବ ପୁଅ ଯାଉଥିଲେ
ଚିଜ ନେଇ ବୋଇତରେ ।।
ଜାଭା ସୁମାତ୍ରାରୁ ବାଲି ଦ୍ୱୀପ ପୁଣି
ସିଂହଳରୁ ବ୍ରହ୍ମ ଦେଶ
କିଣା ବିକା କରି ଏ ଦେଶ ସାଧବ
ଧନ ଅରଜେ ଅଶେଷ ।।
ଅଙ୍ଗ ବଙ୍ଗ ମଦ୍ର ବିଦର୍ଭ ଗାନ୍ଧାର
ସୌରାଷ୍ଟ୍ର ଦାକ୍ଷିଣାତ୍ୟରେ
ବାଣିଜ୍ୟ ବେପାର କରି ଆଣୁଥିଲେ
କୁଢ କୁଢ ଧନ ଘରେ ।।
କାର୍ତ୍ତିକ ମାସରୁ ଜ୍ୟେଷ୍ଠ ମାସ ଯାଏଁ
ବିଦେଶେ ବଣିଜ କରି
ଉତ୍କଳ ସାଧବ ଆଦ୍ୟ ଆଷାଢରେ
ଘରକୁ ଆସଇ ଫେରି ।।
ଚତୁର୍ମାସ୍ୟା କାଳ ବର୍ଷେ ଘୋର ଜଳ
ବିପଦ ଯେ ଜଳଯାତ୍ରା
ଗୃହସ୍ଥ ଜୀବନ ଧନ୍ୟ ହୁଏ ପୁଣ
ଦେଖି ନନ୍ଦିଘୋଷ ଯାତ୍ରା ।।
ବାଣିଜ୍ୟ କାଳରେ ଘୋର ସମୁଦ୍ରରେ
ବିପଦ ନପଡୁ କା'ରେ
ସାଧବ ବୋହୂଟି ମଙ୍ଗଳ ମନାସି
ବ୍ରତ କରେ କାର୍ତ୍ତିକରେ ।।
ଭାଦ୍ରବ ମାସରୁ ଓଷା ଆରମ୍ଭଇ
ସୁମରି ମଙ୍ଗଳା ମାଆ
ସାଗର ମଝିରେ ବିପଦେ ଆପଦେ
ତୁମେ ଏକା ଆମ ସାହା ।।
ଶୁଭରେ ଫେରନ୍ତୁ ପ୍ରିୟ ପରିଜନ
ଆନନ୍ଦେ ବଣିଜ ସାରି
ଦୟା ରଖିଥିବୁ ମଙ୍ଗଳା ମାଆଗୋ'
ପଣତ କାନି ଆବୋରି ।।
କାର୍ତ୍ତିକ ପୂର୍ଣ୍ଣିମା ଦିନରେ ବୋଇତ
ଛାଡେ ଯେବେ ନଦୀ ତୀରେ
ସାଧବ ବୋହୂଟି ବନ୍ଦାପନା କରି
ବିଦାୟ ଦିଏଟି ତା'ରେ ।।
ପାନ ଗୁଆ ଥୋଇ ଦୁର୍ବାକ୍ଷତ ଦେଇ
ଦୀପଟିଏ ଜାଳିଦିଏ
ଶୁଭଙ୍କର ହେଉ ତୁମ ଯାତ୍ରା କାଳ
କହି ପ୍ରଣାମ ଜଣାଏ ।।
ହଜିଛି ସେଦିନ ଉତ୍କଳ ଭୁବନ
ସାଧବ ପୁଅ ର କଥା
ହଜିଛି ସେ କାଳ ବୋଇତ ବଣିଜ
ତଥାପି ରହିଛି ପ୍ରଥା ।।
କର୍ପୁର ହଜାଇ କନା ପଡିଅଛି
ତଥାପି ଲିଭିନି ବାସ
ଅତୀତ କୁ ସ୍ମରି ବୋଇତ ବନ୍ଦାଣ
କରିବା ସଭିଏଁ ଆସ ।।

+ ଶାରଳା ଭବନ, ପୋତାପୋଖରୀ,
କଟକ -୪

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ନିଯୁକ୍ତି: ଉଚ୍ଚଶିକ୍ଷାରେ ସଂକଟ



## ଗୋଲକ ବିହାରୀ ଆଚାର୍ଯ୍ୟ

ଶିକ୍ଷା ବିଭାଗର ଦୁଇଟି ନୂତନ ଚିଠି ଓଡ଼ିଶାର ଶିକ୍ଷା ମଣ୍ଡଳୀରେ ନୂତନ ଚର୍ଚ୍ଚାର ଦ୍ୱାର ଖୋଲିଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ୬୯ ବର୍ଷରୁ କମ୍ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଅତିଥି ଶିକ୍ଷକ ବା ଅସ୍ଥାୟୀ ଅଧିକାରୀ ଭାବେ ପୁନଃନିଯୁକ୍ତ କରାଯିବ, ଯାହା ଦ୍ୱାରା ନୂତନ ନିଯୁକ୍ତି ହେବାଯାଏ ମହାବିଦ୍ୟାଳୟଗୁଡ଼ିକ ଚାଲିପାରିବ।" ପ୍ରଥମ ଦୃଷ୍ଟିରେ ଏହି ପଦକ୍ଷେପ ଅତ୍ୟନ୍ତ ବ୍ୟବହାରିକ ଲାଗିପାରେ-କାରଣ ଅବଶ୍ୟ, ସଂସ୍ଥାଗୁଡ଼ିକ ଜଣଶୂନ୍ୟ ହେବାକୁ ବସିଲାଣି । କିନ୍ତୁ ଏହାର ଗଭୀର ଅନୁଶୀଳନ କଲେ ଏକ ଜଟିଳ ଏବଂ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସେ। ୨୦୨୦ ପରେ ଏପରି ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହା ଏକ ନୂତନ ପରିବେଶ ସୃଷ୍ଟି କରିଛି ଯେଉଁଠି ଅଭିଜ୍ଞତା ମୂଲ୍ୟବାନ ହୋଇଥାଇ ମଧ୍ୟ ନୂତନ ସୁଯୋଗ, ସୃଜନଶୀଳତା ଓ ପ୍ରତିଷ୍ଠାନର ସମନ୍ୱୟକୁ ଅନ୍ଧକାର କରିଦେଉଛି ।ମାତ୍ର, ସେମାନଙ୍କ ମଧ୍ୟରୁ, ପୁନଃ ନିଯୁକ୍ତି ନିମନ୍ତେ, ଅନେକଙ୍କ ଉତ୍କଣ୍ଠା ବି ଦୃଶ୍ୟମାନ ।

**ସ୍ଥାଣୁତା ଜମି ଯାଉଥିବା ବ୍ୟବସ୍ଥା**

ଦୀର୍ଘ ସମୟ ପାଇଁ ପୁନଃନିଯୁକ୍ତି ଶିକ୍ଷାକୁ ସ୍ଥାଣୁ କରିଦେଇପାରେ , ଏହା ବି ମାନସିକ ଜଡତାକୁ ବଢ଼ାଇଦିଏ। ବହୁ ବର୍ଷ ଧରି କାମ କରିଥିବା ଅନେକ ଅଧ୍ୟାପକ ନୂତନ ଶିକ୍ଷା ପଦ୍ଧତି, ଟେକ୍ନୋଲଜି ଓ ପ୍ରାତ୍ୟହିକ ଚାହିଦା ସହିତ ସୁମେଳ କରିପାରନ୍ତି ନାହିଁ। ଯେତେବେଳେ ନୂତନତା ଅଟକିଯାଏ, ଶିକ୍ଷାକ୍ଷେତ୍ର ନିର୍ଜୀବ ହୋଇଯାଏ ଓ ଛାତ୍ରମାନେ ହାରନ୍ତି।" ଏହା ଉପରେ, ଯୁବ ଅଧ୍ୟାପକମାନଙ୍କ ଉତ୍ସାହ ଓ ମନୋବଳ ହ୍ରାସ ପାଏ। ସଦା ବରିଷ୍ଠ ଓ ପୁନଃନିଯୁକ୍ତ ଶିକ୍ଷକମାନଙ୍କ ଉପସ୍ଥିତି ନୂତନ ଯୁବ ଶିକ୍ଷକଙ୍କ ପାଇଁ ସୁଯୋଗକୁ ବନ୍ଦ କରିଦେବା ସ୍ୱାଭାବିକ। ଏହା ଉଚ୍ଚ ଶିକ୍ଷାକୁ ଗତିହୀନ କରିବା ସହ ଓ ସୃଜନଶୀଳ ଶିକ୍ଷାର ପରିବେଶକୁ କ୍ଷତି କରିବ ।

**ନୂତନ ପିଢି ପାଇଁ ବନ୍ଦ ଦ୍ୱାର**

ପ୍ରତ୍ୟେକ ପୁନଃନିଯୁକ୍ତି ଯୁବ ଶିକ୍ଷକଙ୍କ ସୁଯୋଗକୁ ପଛକୁ ଠେଲିଦିଏ। ଯୁବ ଅଧ୍ୟାପକ ପାଇଁ ଏକ ନିଯୁକ୍ତି କେବଳ ଚାକିରି ନୁହେଁ-ଏହା ଅକାଡେମିକ ଜୀବନର ଦ୍ୱାର, ଗବେଷଣାର ଆଧାର ଓ ନିଜ ଉନ୍ନତି ପାଇଁ ଆର୍ଥିକ ସମ୍ଭାବନା। ଯେତେବେଳେ ଏହି ଦ୍ୱାର ବନ୍ଦ ହୁଏ, ଯୁବ ମନୋବଳ ଭାଙ୍ଗିଯାଏ ଓ ଅନେକ ପ୍ରତିଭାଶାଳୀ ଲୋକ ଅନ୍ୟ କ୍ଷେତ୍ରକୁ ପଳାଇଯାନ୍ତି କିମ୍ବା ହାରି ମାନସିକ ବିଭ୍ରାନ୍ତି ମଧ୍ୟକୁ ଚାଲି ଯାଆନ୍ତି ।ଏହି ପିଢିଗତ ବାଧା ଦୀର୍ଘକାଳୀନ ଭାବେ ଅକାଡେମିକ ଇକୋସିଷ୍ଟମକୁ କ୍ଷତିଗ୍ରସ୍ତ କରେ। ଏକ ସ୍ୱସ୍ଥ ଶିକ୍ଷା ପରିବେଶ ପାଇଁ ଯୁବ ଉର୍ଜା ଓ ପ୍ରବୀଣ ଅଭିଜ୍ଞତା ଦୁହେଁ ଆବଶ୍ୟକ। ଏକ ପକ୍ଷକୁ ଅତ୍ୟଧିକ ଭାର ଦେଲେ ସନ୍ତୁଳନ ଭଙ୍ଗ ହୋଇଯାଏ।

**ସୁବିଧାର ଭୂଗୋଳ**

ଓଡ଼ିଶାରେ ଅଧିକାଂଶ ପୁନଃନିଯୁକ୍ତ ଶିକ୍ଷକ ନିଜ ଘର ନିକଟରେ ରହିବାକୁ ପସନ୍ଦ କରନ୍ତି। ଦୂରବର୍ତ୍ତୀ ବା ଗ୍ରାମାଞ୍ଚଳର କଲେଜକୁ ଯିବା ପାଇଁ ସେମାନଙ୍କ ଇଚ୍ଛା ନଥାଏ । କମ୍ ଦରମା ଓ ଅବସରପରର ସୁବିଧା ଏହି ଭାବନାକୁ ବଢ଼ାଇଦିଏ। ଫଳରେ ଦୂର ଅଞ୍ଚଳର କଲେଜ ଶୂନ୍ୟ ରହିଯାଏ ଓ ସହର ନିକଟର କଲେଜଗୁଡ଼ିକ ବଢ଼ିଆ ଅଧ୍ୟାପକ ସହ ଭରିଯାଏ।" ଏପରି ପରିସ୍ଥିତିରେ ସେମାନଙ୍କ ଉତ୍ସାହ ହ୍ରାସ ପାଏ। ପେନସନ ଦ୍ୱାରା ଅର୍ଥିକ ସୁରକ୍ଷା ଓ ଅବସର ଭାବନା ସହିତ ନୂତନ ଚେଷ୍ଟା କରିବାର ଉଦ୍ୟମ ହ୍ରାସ ହୋଇଯାଏ। ଏହା ଧୀରେ ଧୀରେ ଶିକ୍ଷାର ଗୁଣମାନ ଓ ଛାତ୍ରମାନଙ୍କ ନିଷ୍ଠାକୁ କ୍ଷୟ କରେ।

> ଓଡ଼ିଶାରେ ଅଧିକାଂଶ ପୁନଃନିଯୁକ୍ତ ଶିକ୍ଷକ ନିଜ ଘର ନିକଟରେ ରହିବାକୁ ପସନ୍ଦ କରନ୍ତି। ଦୂରବର୍ତ୍ତୀ ବା ଗ୍ରାମାଞ୍ଚଳର କଲେଜକୁ ଯିବା ପାଇଁ ସେମାନଙ୍କ ଇଚ୍ଛା ନଥାଏ । କମ୍ ଦରମା ଓ ଅବସରପରର ସୁବିଧା ଏହି ଭାବନାକୁ ବଢ଼ାଇଦିଏ। ଫଳରେ ଦୂର ଅଞ୍ଚଳର କଲେଜ ଶୂନ୍ୟ ରହିଯାଏ ଓ ସହର ନିକଟର କଲେଜଗୁଡ଼ିକ ବଢ଼ିଆ ଅଧ୍ୟାପକ ସହ ଭରିଯାଏ।" ଏପରି ପରିସ୍ଥିତିରେ ସେମାନଙ୍କ ଉତ୍ସାହ ହ୍ରାସ ପାଏ। ପେନସନ ଦ୍ୱାରା ଅର୍ଥିକ ସୁରକ୍ଷା ଓ ଅବସର ଭାବନା ସହିତ ନୂତନ ଚେଷ୍ଟା କରିବାର ଉଦ୍ୟମ ହ୍ରାସ ହୋଇଯାଏ। ଏହା ଧୀରେ ଧୀରେ ଶିକ୍ଷାର ଗୁଣମାନ ଓ ଛାତ୍ରମାନଙ୍କ ନିଷ୍ଠାକୁ କ୍ଷୟ କରେ।

**ଯେତେବେଳେ ଅଧିକାର ଅସହଜ ହୋଇଯାଏ**

ପୁନଃନିଯୁକ୍ତିର ଏକ ଅଦୃଶ୍ୟ ପରିଣାମ ହେଉଛି ପ୍ରଶାସନୀୟ ଶୃଖଳାର ଭଙ୍ଗ। ଅନେକ ସମୟରେ ଦେଖାଯାଏ ଯେ ପୁନଃନିଯୁକ୍ତ ଅଧ୍ୟାପକ ବର୍ତ୍ତମାନ ଅଧକ୍ଷ ଠାରୁ ବୟସରେ ଓ ପଦମର୍ଯ୍ୟାଦାରେ ବଡ଼। ଏହା ଅନାୟାସରେ ଏକ ଅସହଜ ସମୀକରଣ ସୃଷ୍ଟି କରେ।" ଅଧକ୍ଷ ବା ଯୁବ ଅଧ୍ୟାପକମାନେ ପୂର୍ବତନ ଉପରିସ୍ଥଙ୍କୁ ମନ୍ତବ୍ୟ ବା ସୁଧାର ଦେବାରେ କୁଣ୍ଠା ପ୍ରକାଶ କରନ୍ତି। ଦାୟିତ୍ୱ ଅସ୍ୱଷ୍ଟ ହୋଇଯାଏ ଓ ସଂସ୍ଥାର ଶୃଖଳା ଭଙ୍ଗ ହୁଏ। ଶ୍ରଦ୍ଧାର ଭାବନା ଅନେକ ସମୟରେ ପରିଚାଳନାର ବାଧା ହୋଇଯାଏ।

**ପରିମାଣ ଉପରେ ଗୁଣର ହାନି**

କିଛି ଦିନ ପରେ, ଆବଶ୍ୟକତା କୁ ଦେଖି ଏକାଥରେ ଗୁଡ଼ିଏ ନିଯୁକ୍ତି ଦେବା ଦରକାର ପଡ଼ିବା ସ୍ୱାଭାବିକ । ଯେତେବେଳେ ବଡ଼ ପରିମାଣରେ ପୁନଃନିଯୁକ୍ତି ହୋଇଥାଏ, ସେତେବେଳେ ଗୁଣନିୟନ୍ତ୍ରଣ ଅବଶ୍ୟ ହ୍ରାସ ହୋଇଯାଏ। ଗୁଡ଼ାଏ ନିଯୁକ୍ତି ଯୋଗୁଁ ଅନେକ ଅଯୋଗ୍ୟ ଲୋକ ନିଯୁକ୍ତି ପାଇଯାନ୍ତି, ଯାହା ଦେଶର ଶିକ୍ଷା ଓ ଭବିଷ୍ୟତ୍ ପିଢି ପାଇଁ ଅପକାରୀ। ଦ୍ରୁତ ପ୍ରୟୋଜନ ପାଇଁ ଯେତେବେଳେ ଯାଗାକୁ କେବଳ 'ଉପଲବ୍ଧତା' ଆଧାରରେ ପୂରଣ କରାଯାଏ, ଶିକ୍ଷା ଗୁଣମାନ ନିଶ୍ଚିତ ହ୍ରାସ ପାଏ।" ଏହି ପରିସ୍ଥିତି ଦୀର୍ଘକାଳୀନ ଭାବେ ଶିକ୍ଷା ସଂସ୍ଥାଗୁଡ଼ିକର ନୈତିକ ଭିତିକୁ ଦୁର୍ବଳ କରିବା ବି ବିଚିତ୍ର ନୁହେଁ। ଅସ୍ଥାୟୀ ବ୍ୟବସ୍ଥା ଦ୍ୱାରା ଶିକ୍ଷାର ନିୟମିତତା ବା ଗୁଣମାନ ରକ୍ଷା ହୋଇପାରେ ନାହିଁ।

**ଅସମ ପାରିଶ୍ରମିକ, ଅସମ ସମ୍ମାନ**

ଯେତେବେଳେ ପୁନଃନିଯୁକ୍ତ ବା ଅବସରପ୍ରାପ୍ତ ଶିକ୍ଷକମାନେ ଅଧିକ ପାରିଶ୍ରମିକ ନେଇଥାନ୍ତି ଓ ଯୁବ ଚୁକ୍ତିଭିତ୍ତିକ ଶିକ୍ଷକମାନେ ଅଧିକ କାମ କରି କମ୍ ପାରିଶ୍ରମିକ ପାଆନ୍ତି, ସେଠାରେ ଅସନ୍ତୋଷ ଜନ୍ମ ନେଇଥାଏ। ଏହି ଅସମତା ସଂସ୍ଥାର ନୈତିକତା ଓ ଉତ୍ପାଦନକୁ କ୍ଷୟ କରେ।" ପାରିଶ୍ରମିକର ସମତା ଏକ ଆର୍ଥିକ ସୁବିଧା କେବଳ ନୁହେଁ, ନୈତିକ ପ୍ରଶ୍ନ ମଧ୍ୟ। ଯେତେବେଳେ ସମର୍ପଣ ଅପେକ୍ଷା ପ୍ରାଚୀନତାକୁ ପୁରସ୍କୃତ କରାଯାଏ, ତେବେ ପ୍ରଣାଳୀ ଧୀରେ ଧୀରେ ଅବସାଦଗ୍ରସ୍ତ ହୋଇଯାଏ।

**ପୁରୁଣା ଅଧକ୍ଷ, ନୂତନ ଶ୍ରେଣୀକକ୍ଷ**

ପୂର୍ବତନ ଅଧକ୍ଷ ବା ପ୍ରଶାସକ ଯେତେବେଳେ ଅଧ୍ୟାପକ ଭାବେ ଫେରିବାର ସୁଯୋଗ ଥିବାରୁ, ସେଠାରେ ସଂଗଠନୀୟ ସମନ୍ୱୟ ଭାଙ୍ଗିଯାଏ। ପୂର୍ବତନ ଅଧୀନସ୍ଥମାନେ କେହି ଏହି ପରିସ୍ଥିତିରେ ଅତ୍ୟଧିକ ସମ୍ମାନ ଦେଇପାରନ୍ତି, କେହି ପୁରୁଣା ଅସନ୍ତୋଷ ବୋହି ଅସମ୍ମାନ ବି କରିପାରନ୍ତି-ଏହି ଦୁଇପ୍ରକାର ଭାବନା ଦଳୀୟ ନୈତିକତା ଓ ସହଯୋଗୀତାକୁ କ୍ଷୟ କରିବା ସ୍ୱାଭାବିକ।" ସେପରି ସମୟରେ ସ୍ୱଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ଆବଶ୍ୟକ। ଯେକୌଣସି ପୁନଃନିଯୁକ୍ତି, ଅସ୍ଥାୟୀ ହେଉ କି ନ ହେଉ, ସଂସ୍ଥାର ଶୃଙ୍ଖଳାକୁ ସମ୍ମାନ କରିବା ଦରକାର।

**ସମତାପୂର୍ଣ୍ଣ ନୀତି ଦିଗରେ**

ଏହି ସମସ୍ତ ଆଲୋଚନାର ଅର୍ଥ ଏହା ନୁହେଁ ଯେ, ବରିଷ୍ଠ ଶିକ୍ଷକମାନଙ୍କ ଅଭିଜ୍ଞତାକୁ ଅବମୂଲ୍ୟାୟନ କରାଯିବା ଉଚିତ। ସେମାନଙ୍କ ଜ୍ଞାନ, ଅନୁଭବ ଓ ଶିଷ୍ୟମାନଙ୍କ ପ୍ରତି ଅନୁପ୍ରେରଣା ଏବେମଧ ଅମୂଲ୍ୟ। କିନ୍ତୁ ଏହି ଅଭିଜ୍ଞତାକୁ ଏମିତି ଏକ ନୀତିଗତ ଉପାୟରେ ନେଇଆସିବା ଦରକାର ଯେଉଁଠି ଯୁବ ପିଢି ମଧ୍ୟ ସଶକ୍ତ ହେବାକୁ ଅନୁପ୍ରେରିତ ହେବେ। ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ହେଉଛି ଭାବନାପୂର୍ଣ୍ଣ ଓ ସମତାପୂର୍ଣ୍ଣ ନୀତିଗୁଡ଼ିକ-ପୁନଃନିଯୁକ୍ତି ପାଇଁ ସ୍ୱଷ୍ଟ ସମୟସୀମା ନିର୍ଦ୍ଧାରଣ, ଯାହା ସଂସ୍ଥାଗତ ଜଡତାକୁ ରୋକିବ ।ପୁରୁଣା ଓ ନୂତନ ଶିକ୍ଷକମାନଙ୍କ ମଧ୍ୟରେ ସମତା ରଖିଥିବା ନ୍ୟାୟସଂଗତ ପରିଯୋଜନା ସଂରଚନା କରାଯିବା ଉଚିତ ।ପୁନଃନିଯୁକ୍ତି ଅଧିକାର ଦେବା ଠାରୁ ମେଣ୍ଟରସିପ୍ ସୁଯୋଗ ସୃଷ୍ଟି, ଯେଉଁଠି ଜ୍ୟେଷ୍ଠ ଅଧ୍ୟାପକମାନେ ଯୁବ ଶିକ୍ଷକମାନଙ୍କୁ ପରିଚାଳନା କରିବେ, ସେମାନଙ୍କ ସ୍ଥାନ ଦଖଳ କରିବେ ନୁହେଁ।

ନିୟମିତ ଡିଜିଟାଲ ଓ ପେଡାଗୋଜିକାଲ ଶିକ୍ଷା ପ୍ରଶିକ୍ଷଣ, ଯାହା ଦ୍ୱାରା ପୁନଃନିଯୁକ୍ତ ଅଧ୍ୟାପକମାନେ ଆଧୁନିକ ଶିକ୍ଷା ପ୍ରକ୍ରିୟା ସହ ସମନ୍ୱୟ ରଖିପାରିବେ।

**ଉପସଂହାର: ଶିକ୍ଷାର ସଜୀବତା ରକ୍ଷା ପାଇଁ**

ଅବସରପ୍ରାପ୍ତ ଅଧ୍ୟାପକଙ୍କ ପୁନଃନିଯୁକ୍ତି ପ୍ରଶାସନୀୟ ଦୃଷ୍ଟିରୁ ସୁବିଧାଜନକ ହୋଇପାରେ, କିନ୍ତୁ ଏହାକୁ ସ୍ୱାଧିକାର ସଂଶୋଧନର ପରିବର୍ତ୍ତନଭାବେ ଦେଖାଯିବା ଉଚିତ ନୁହେଁ। ଉଚ୍ଚ ଶିକ୍ଷା ନୂତନତା, ନୂତନ ଚିନ୍ତା ଓ ନୂତନ ଉର୍ଜା ଉପରେ ନିର୍ଭର କରେ। ଯେତେବେଳେ ଏକ ପ୍ରଣାଳୀ ଅବସରପ୍ରାପ୍ତମାନଙ୍କ ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ଏହା ନିଜ ଅଭିବୃଦ୍ଧିର କ୍ଷମତା ହରାଏ।

ସରକାରଙ୍କ ନିମନ୍ତେ ଉଚିତ ହେଉଛି ଅଭିଜ୍ଞତାକୁ ସମ୍ମାନ ଦେବା ସହିତ ଯୁବ ଶିକ୍ଷକମାନଙ୍କୁ ସଶକ୍ତ କରିବା। ମହାବିଦ୍ୟାଳୟ ହେଉ ଶିକ୍ଷା ଓ ଚିନ୍ତନର ସ୍ଥାନ, ଅବସର ବଢ଼ାଇବାର ଅପେକ୍ଷାଳୟ ନୁହେଁ। ନ୍ୟାୟ, ଦାୟିତ୍ୱ ଓ ସୁଯୋଗକୁ ପୁନଃସ୍ଥାପନ କଲେ ମାତ୍ର ଆମ ସଂସ୍ଥାଗୁଡ଼ିକ ନିଜର ସଜୀବତା ପୁନର୍ଜୀବିତ କରିପାରିବ।

ଶିକ୍ଷା, ସାରକଥାରେ, ବୟସ ବା ପଦରେ ନୁହେଁ, ଚିନ୍ତାର ତାଜାପଣ ଓ ଉଦ୍ଦେଶ୍ୟର ନିଷ୍ଠା ଦ୍ୱାରା ତିଷ୍ଠି ରହେ। ଓଡ଼ିଶାର ମହାବିଦ୍ୟାଳୟମାନେ ଦୁହିଁଟିକୁ ଅଧିକାର ପାଇବା ଯୋଗ୍ୟ- ସଜୀବ ଚିନ୍ତା ଓ ସତ୍ୟନିଷ୍ଠ ଶିକ୍ଷା।

+କେଶଦୁରାପାଳ, କେନ୍ଦୁଝର
୭୫୮୦୨୫
ମୋ: ୯୯୩୮୧୭୫୧୦୦

# କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ମାନ୍ୟତା ୨୦୨୬

ପ୍ରତିବର୍ଷ ପ୍ରକାଶ ପାଉଥିବା କ୍ୟୁଏସ୍ ବିଶ୍ୱବିଦ୍ୟାଳୟ ମାନ୍ୟତା କେବଳ ଏକ ତାଲିକା ନୁହେଁ, ବରଂ ଏହା ବିଶ୍ୱ ଉଚ୍ଚଶିକ୍ଷା ମାନଚିତ୍ରରେ ଏକ ଦେଶର ସ୍ଥିତି, ଗୁଣବତ୍ତା ଏବଂ ପ୍ରତିଯୋଗିତାମୂଳକ ମନୋଭାବର ଏକ ଦର୍ପଣ । ଏହି ପରିପ୍ରେକ୍ଷୀରେ, ନିକଟରେ ପ୍ରକାଶିତ କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ମାନ୍ୟତା ୨୦୨୬ ଭାରତୀୟ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି ଏବଂ ଏକ ଗଭୀର ଆତ୍ମଚିନ୍ତନ ପାଇଁ ଆହ୍ୱାନ ଦେଇଛି । ଏହି ତାଲିକା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଯେତେବେଳେ ଚୀନ୍, ସିଙ୍ଗାପୁର ଏବଂ ହଂକଂ ଭଳି ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ରୁତ ଗତିରେ ଆଗକୁ ବଢ଼ି ଶୀର୍ଷ ସ୍ଥାନ ଦଖଲ କରୁଛନ୍ତି, ସେତେବେଳେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ, ବିଶେଷକରି ଆଇଆଇଟିଗୁଡ଼ିକର ମାନ୍ୟତାରେ ଏକ ବଡ଼ ଧରଣର ହ୍ରାସ ଘଟିଛି । ଏହା ଏକ ଗମ୍ଭୀର ସଙ୍କେତ, ଯାହା ଆମ ଶିକ୍ଷା ନୀତି, ଏହାର କାର୍ଯ୍ୟକାରିତା ଏବଂ ଭବିଷ୍ୟତର ଦିଗ ଉପରେ ଏକାଧିକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏହି ବର୍ଷର ମାନ୍ୟତା ତାଲିକାକୁ ବିଶ୍ଳେଷଣ କଲେ ଏକ ବିଡ଼ମ୍ବନାର ଚିତ୍ର ସାମ୍ନାକୁ ଆସେ । ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ସ୍କୋରରେ ସାମାନ୍ୟ ଉନ୍ନତି ହୋଇଥିଲେ ମଧ୍ୟ, ସେମାନଙ୍କର ମାନ୍ୟତା ତଳକୁ ଖସିଛି । ଏହାର କାରଣ ହେଉଛି, ଆମର ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକର ଅଗ୍ରଗତିର ବେଗ ଆମ ତୁଳନାରେ ବହୁତ ଅଧିକ । ଭାରତର ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଅନୁଷ୍ଠାନ ଆଇଆଇଟି ଦିଲ୍ଲୀ, ଗତ ବର୍ଷ ୪୪ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୧୫ଟି ସ୍ଥାନ ତଳକୁ ଖସି ୫୯ତମ ସ୍ଥାନରେ ପହଞ୍ଚିଛି । ଏହାଠାରୁ ମଧ୍ୟ ଅଧିକ ଚିନ୍ତାଜନକ ହେଉଛି ଆଇଆଇଟି ବମ୍ବେର ପ୍ରଦର୍ଶନ, ଯାହାର ମାନ୍ୟତାରେ ସବୁଠାରୁ ବଡ଼ ହ୍ରାସ ଦେଖାଯାଇଛି । ଏହା ୪୮ତମ ସ୍ଥାନରୁ ୨୩ଟି ସ୍ଥାନ ତଳକୁ ଖସି ୭୧ତମ ସ୍ଥାନରେ ପହଞ୍ଚିଛି । ଆଇଆଇଟି ମାଡ୍ରାସ, କାନପୁର ଏବଂ ଖଡ଼ଗପୁର ଭଳି ଅନ୍ୟ ପ୍ରମୁଖ ସଂସ୍ଥାଗୁଡ଼ିକ ମଧ୍ୟ ସମାନ ଭାବରେ ନିଜର ସ୍ଥାନ ହରାଇଛନ୍ତି । ଏଥିରୁ ସ୍ପଷ୍ଟ ଯେ, କେବଳ ନିଜର ପ୍ରଦର୍ଶନକୁ ସୁଧାରିବା ଯଥେଷ୍ଟ ନୁହେଁ, ବରଂ ଆନ୍ତର୍ଜାତୀୟ ସ୍ତରରେ ହେଉଥିବା ଦ୍ରୁତ ପରିବର୍ତ୍ତନ ସହ ତାଳ ଦେଇ ଚାଲିବା ଜରୁରୀ ।

ଏହି ମାନ୍ୟତା ହ୍ରାସ ପଛରେ ଥିବା କାରଣଗୁଡ଼ିକୁ ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ୟୁଏସ୍ ରିପୋର୍ଟ ଅନୁଯାୟୀ, ଭାରତୀୟ ଅନୁଷ୍ଠାନଗୁଡ଼ିକ ମୁଖ୍ୟତଃ ତିନୋଟି ପ୍ରମୁଖ କ୍ଷେତ୍ରରେ ପଛରେ ପଡ଼ିଛନ୍ତି । ପ୍ରଥମତଃ, 'ଆନ୍ତର୍ଜାତୀୟକରଣ' (**Internationalisation**), ଯାହାକି ଆନ୍ତର୍ଜାତୀୟ ଛାତ୍ର ଓ ଅଧ୍ୟାପକଙ୍କ ଅନୁପାତକୁ ମାପିଥାଏ, ସେଥିରେ ଆମର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ । ଆମର କ୍ୟାମ୍ପସଗୁଡ଼ିକରେ ବିଦେଶୀ ଛାତ୍ର ଓ ଅଧ୍ୟାପକଙ୍କ ସଂଖ୍ୟା ନଗଣ୍ୟ, ଯାହା ଏକ ବିବିଧ ଏବଂ ବିଶ୍ୱସ୍ତରୀୟ ଶୈକ୍ଷିକ ପରିବେଶ ସୃଷ୍ଟି କରିବାରେ ବଡ଼ ବାଧକ ସାଜୁଛି । ଦ୍ୱିତୀୟତଃ, 'ପେପର ପିଛା ସାଇଟେସନ୍' (**Citations per Paper**) ବା ଗବେଷଣାର ପ୍ରଭାବ ଏବଂ ଦୃଶ୍ୟମାନତା କ୍ଷେତ୍ରରେ ମଧ୍ୟ ଆମେ ପଛରେ ରହିଛୁ । ଏହା ସୂଚାଉଛି ଯେ, ଆମେ ଅଧିକ ସଂଖ୍ୟକ ଗବେଷଣା ପତ୍ର ପ୍ରକାଶ କରୁଥିଲେ ମଧ୍ୟ, ସେଗୁଡ଼ିକର ଗୁଣବତ୍ତା ଏବଂ ପ୍ରାସଙ୍ଗିକତା ବିଶ୍ୱ ସ୍ତରରେ ସେତେଟା ସ୍ୱୀକୃତି ପାଉନାହିଁ । ତୃତୀୟତଃ, 'ଫ୍ୟାକଲ୍ଟି-ଛାତ୍ର ଅନୁପାତ' (**Faculty-Student Ratio**) କ୍ଷେତ୍ରରେ ମଧ୍ୟ ଆମର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି, ଯାହା ବଡ଼ ଆକାରର ଶ୍ରେଣୀଗୃହ, ସମ୍ବଳର ଅଭାବ ଏବଂ ଶିକ୍ଷାଦାନର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ତେବେ, ଏହି ଚିତ୍ର ସମ୍ପୂର୍ଣ୍ଣ ନକାରାତ୍ମକ ନୁହେଁ । କିଛି କ୍ଷେତ୍ରରେ ଭାରତୀୟ ଅନୁଷ୍ଠାନଗୁଡ଼ିକ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । 'ଶିକ୍ଷାଗତ ପ୍ରତିଷ୍ଠା' (**Academic Reputation**) ଏବଂ 'ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା' (**Employer Reputation**) ଭଳି ମହତ୍ତ୍ୱପୂର୍ଣ୍ଣ ମାନଦଣ୍ଡରେ ଆମର ପ୍ରଦର୍ଶନ ବେଶ୍ ଭଲ । ଆଇଆଇଟି ବମ୍ବେ ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା କ୍ଷେତ୍ରରେ ଏସିଆରେ ୧୧ତମ ସ୍ଥାନରେ ରହିଛି, ଯାହା ଏକ ବଡ଼ ଉପଲବ୍ଧି । ଏହା ଦର୍ଶାଉଛି ଯେ, ବିଶ୍ୱର ଶିଳ୍ପ ଜଗତରେ ଭାରତୀୟ ସଂସ୍ଥାନରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କର ଚାହିଦା ଏବେବି ଅତୁଟ ରହିଛି । ସେହିପରି, 'ପିଏଚଡି ଥିବା କର୍ମଚାରୀ' (**Staff with PhD**) ଏବଂ 'ଫ୍ୟାକଲ୍ଟି ପିଛା ପେପର' (**Papers per Faculty**) କ୍ଷେତ୍ରରେ ଆମର ପ୍ରଦର୍ଶନ ଉତ୍ସାହଜନକ । ପଶ୍ଚିମବଙ୍ଗର ମୌଲାନା ଅବୁଲ କଲାମ ଆଜାଦ ବୈଷୟିକ ବିଶ୍ୱବିଦ୍ୟାଳୟ ଏସିଆରେ 'ପେପର ପିଛା ଫ୍ୟାକଲ୍ଟି' କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିବା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହା ପ୍ରମାଣିତ କରୁଛି ଯେ ଆମ ପାଖରେ ଗବେଷଣା କରିବାର କ୍ଷମତା ଏବଂ ଯୋଗ୍ୟ ମାନବ ସମ୍ବଳ ରହିଛି, କିନ୍ତୁ ଆବଶ୍ୟକତା ରହିଛି ସେହି ଗବେଷଣାକୁ ପ୍ରଭାବଶାଳୀ ଏବଂ ବିଶ୍ୱସ୍ତରୀୟ କରିବାର ।

ଏହି ମାନ୍ୟତା ଭାରତ ପାଇଁ ଏକ ସତର୍କ ଘଣ୍ଟି ସଦୃଶ । ଯେତେବେଳେ ଜାତୀୟ ଶିକ୍ଷା ନୀତି ୨୦୨୦ ମାଧ୍ୟମରେ ଭାରତ ନିଜକୁ ଏକ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ର ଭାବରେ ଗଢ଼ିବାକୁ 'ବିଶ୍ୱଗୁରୁ' ହେବାର ଲକ୍ଷ୍ୟ ରଖିଛି, ସେତେବେଳେ ଏହି ଧରଣର ପ୍ରଦର୍ଶନ ଆମ ନୀତି ଏବଂ ଏହାର କାର୍ଯ୍ୟକାରିତା ଉପରେ ଗମ୍ଭୀର ସମୀକ୍ଷାର ଆବଶ୍ୟକତାକୁ ଦର୍ଶାଉଛି । ଚୀନ୍ ଏହି ତାଲିକାରେ ୩୯୫ଟି ବିଶ୍ୱବିଦ୍ୟାଳୟ ସହ ଭାରତକୁ (୨୯୪) ପଛରେ ପକାଇ ଏସିଆର ସବୁଠାରୁ ଅଧିକ ପ୍ରତିନିଧିତ୍ୱ କରୁଥିବା ଦେଶ ପାଲଟିଛି । ଏହା ସେମାନଙ୍କର ଦୀର୍ଘମିଆଦୀ ରଣନୀତି, ଗବେଷଣା କ୍ଷେତ୍ରରେ ବିପୁଳ ନିବେଶ ଏବଂ ଆନ୍ତର୍ଜାତୀୟ ପ୍ରତିଭାକୁ ଆକର୍ଷିତ କରିବାର ନୀତିର ସଫଳ ପରିଣାମ । ତେଣୁ, କେବଳ ଅଧିକ ସଂଖ୍ୟକ ଅନୁଷ୍ଠାନ ଖୋଲିଦେଲେ କିମ୍ବା ତାଲିକାରେ ସାମିଲ ହୋଇଗଲେ ହେବନାହିଁ, ବରଂ ଗୁଣାତ୍ମକ ମାନ ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ । ଆନ୍ତର୍ଜାତୀୟ ସହଯୋଗ ବୃଦ୍ଧି, ବିଦେଶୀ ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା, ଗବେଷଣା ପାଇଁ ଅଧିକ ପାଣ୍ଠି ଯୋଗାଣ ଏବଂ ଅଧ୍ୟାପକ-ଛାତ୍ର ଅନୁପାତରେ ସୁଧାର ଆଣିବା ପାଇଁ ତୁରନ୍ତ ଏବଂ ଦୃଢ଼ ପଦକ୍ଷେପ ନେବାକୁ ହେବ। ଏହି ଆହ୍ୱାନକୁ ଏକ ସୁଯୋଗ ଭାବରେ ଗ୍ରହଣ କରି ସଠିକ୍ ଦିଗରେ କାର୍ଯ୍ୟ କଲେ ହିଁ ଭାରତ ଏସୀୟ ଉଚ୍ଚଶିକ୍ଷା ମାନଚିତ୍ରରେ ନିଜର ହୃତଗୌରବକୁ ପୁନଃପ୍ରାପ୍ତ କରିପାରିବ ।

# ସଂଘ ଶତାବ୍ଦୀ ବର୍ଷର ବିଶାଳ ପଥ ସଞ୍ଚଳନ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

## ସସ୍ମିତାରାଣୀ ରାଉତ

ଆଧୁନିକତା ଏବଂ ଉପଭୋକ୍ତାବାଦର ଏହି ଯୁଗରେ ବ୍ୟକ୍ତିମାନେ ସେମାନଙ୍କର ଦାୟିତ୍ୱରୁ ବିମୁଖ ହେଉଛନ୍ତି କିନ୍ତୁ ସଂଘର ଏହି ଶୃଙ୍ଖଳିତ ପ୍ରଦର୍ଶନ ଆମକୁ ମନେ ପକାଇ ଦିଏ ଯେ ରାଷ୍ଟ୍ରୀୟ ଜୀବନର ମୂଳଦୁଆ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସାମୂହିକ ଚେତନା। ଏହି ଚେତନା ବିନା ରାଷ୍ଟ୍ର କେବଳ ଏକ ଭୌଗୋଳିକ ସତ୍ତା ହୋଇ ରହିଥାଏ । ଏହା ମଧ୍ୟ ଉଲ୍ଲେଖନୀୟ ଯେ ଶତାବ୍ଦୀ ପଥ ସଞ୍ଚଳନରେ ବହୁ ସଂଖ୍ୟକ ଯୁବକ ଅଂଶଗ୍ରହଣ କରିଥିଲେ। ଏହା ସୂଚିତ କରେ ଯେ ନୂତନ ପିଢ଼ି ସଂଘର ବିଚାରଧାରାକୁ କେବଳ ଏକ ପରମ୍ପରା ଭାବରେ ନୁହେଁ, ବରଂ ଆଧୁନିକ ରାଷ୍ଟ୍ର ନିର୍ମାଣ ପାଇଁ ଶକ୍ତି ଭାବରେ ଦେଖେ। ଯେତେବେଳେ ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍, ସାମାଜିକ ଗଣମାଧମ ଏବଂ ଆଧୁନିକ ଶିକ୍ଷା ସହିତ ଜଡିତ ଏହି ପିଢ଼ି ଶାଖା ଏବଂ ପଥସଞ୍ଚଳନରେ ଶୃଙ୍ଖଳାର ସହିତ ଯୋଗ ଦିଏ, ଏହା ଭାରତର ଭବିଷ୍ୟତ ପାଇଁ ଏକ ସକାରାତ୍ମକ ସଙ୍କେତ।

ସାମୁହିକ ଭାବରେ ଦେଖିଲେ ସଂଘର ପଥ ସଞ୍ଚଳନ ଗୁଡିକ ଭାରତୀୟ ସମାଜର ଅଦୃଶ୍ୟ ଏକତାର ଏକ ଦୃଶ୍ୟମାନକୁ ପରିପ୍ରକାଶ କରିଛି । ଏହାସହିତ ବାର୍ତ୍ତା ଦେଇଛି ରାଷ୍ଟ୍ରର ପ୍ରଗତି କେବଳ ସରକାର କିମ୍ବା ନୀତି ଦ୍ୱାରା ହୁଏ ନାହିଁ, ବରଂ ନାଗରିକଙ୍କ ଜାଗରଣ ଏବଂ ସଂଗଠନ ଦ୍ୱାରା ହୋଇଥାଏ । ସଂଘର ଏହି କାର୍ଯ୍ୟପଦ୍ଧତି କାହାକୁ ବିରୋଧ କରିବା ଉପରେ ଆଧାରିତ ନୁହେଁ, ବରଂ ଆତ୍ମ-ଅନୁଶାସନ ଏବଂ ସମାଜର ଉତ୍ଥାନ ଉପରେ ଆଧାରିତ। ଏହି କାରଣରୁ ଶତାବ୍ଦୀ ପଥ ସଞ୍ଚଳନଗୁଡ଼ିକୁ କେବଳ ସଂଘର କାର୍ଯ୍ୟକ୍ରମ ଭାବରେ ବିବେଚନା କରାଯିବା ଉଚିତ ନୁହେଁ, ବରଂ ଭାରତୀୟ ସଂସ୍କୃତିର ସାମୂହିକ ଶକ୍ତିର ଉତ୍ସବ ଭାବରେ ବିବେଚନା କରାଯିବା ଉଚିତ। ଆଜି ଯେତେବେଳେ ଭାରତ ତାର ସଭ୍ୟତାକୁ ପୁନରୁଦ୍ଧାର କରିବାର ଏକ ସୁବର୍ଣ୍ଣ ଯୁଗ ଆଡକୁ ଅଗ୍ରସର ହେଉଛି ସଂଘର ଏହି ବିଶାଳ ପଥ ସଞ୍ଚଳନ ସେହି ଯାତ୍ରାର ଆରମ୍ଭିକ ସ୍ୱର । ଏଥିରେ ଦେଖାଯାଉଥିବା ଏକତା, ଆତ୍ମବିଶ୍ୱାସ ଏବଂ ସାଂଗଠନିକ ଶକ୍ତି କେବଳ ଏକ ସଂଗଠନର ନୁହେଁ ବରଂ ଏକ ରାଷ୍ଟ୍ରୀୟ ଆତ୍ମାର ଅଭିବ୍ୟକ୍ତି । ଏହି ଘଟଣା ଆଗାମୀ ପିଢ଼ି ପାଇଁ ପ୍ରେରଣା ଭାବରେ କାର୍ଯ୍ୟ କରିବ: ଯେତେବେଳେ ସମାଜ ସଂଗଠିତ ହୋଇଯାଏ ସେତେବେଳେ କୌଣସି ଶକ୍ତି ଏହାକୁ ରୋକିପାରିବ ନାହିଁ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ବର୍ଷର ଏହି ବିଶାଳ ପଥ ସଞ୍ଚଳନ ଇତିହାସର ପୃଷ୍ଠାରେ କେବଳ ଏକ ଘଟଣା ଭାବରେ ନୁହେଁ, ବରଂ ଏକ ଯୁଗଚେତନାର ପୁନର୍ଜାଗରଣ ଭାବରେ ଲିପିବଦ୍ଧ ହେବ, ଯେଉଁଠାରେ ଏକ ସଂଗଠନ ନିଜ ଅସ୍ତିତ୍ୱକୁ ଅତିକ୍ରମ କରି ସମଗ୍ର ରାଷ୍ଟ୍ରକୁ ଏହାର ଆତ୍ମାର ସ୍ମରଣ କରାଇ ଦେଇଥିଲା। ଏହା ହେଉଛି ସଂଘ ଶହେ ବର୍ଷ ଧରି ସାଧନା କରିଥିବା ଅଭ୍ୟାସର ସାର: 'ଯଦି ଆମେ ଅଛୁ, ତେବେ ରାଷ୍ଟ୍ର ଅଛୁ, ଏବଂ ଯଦି ରାଷ୍ଟ୍ର ଅଛି, ତେବେ ଆମେ ଅଛୁ।' ଏହି ପଥ ସଞ୍ଚଳନ ପ୍ରକୃତରେ ଭାରତର ଅଖଣ୍ଡ ଯାତ୍ରାର ପ୍ରତୀକ, ଯାହା ସହସ୍ରାବ୍ଦ ଧରି ଜାରି ରହିଛି ଏବଂ ଆଗାମୀ ଯୁଗ ପାଇଁ ପ୍ରେରଣା ଦେଇ ଚାଲିବ। (ସମାପ୍ତ)

+ଘିଗିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୪୩୮୧୮୩୮୦୧




## ପ୍ରେମିକା ଆଉ ସ୍ତ୍ରୀ

### ସ୍ୱାଗତିକା ତରାଇ



ଆଖିରୁ ଲୁହ ଝରେଇ ଯିଏ ବିଦାୟ ଦିଏ
ସେ ହେଉଛି ପ୍ରେମିକା,
ଆଖିରୁ ଲୁହ ଝରେଇ
ଯିଏ ନିଜର କରେ
ସେ ହେଉଛି ସ୍ତ୍ରୀ ।

ରାତି ଭରି କଥା କହି ଯିଏ ନିଦ
ହଜେଇ ଦିଏ
ସେ ହେଉଛି ପ୍ରେମିକା,
ଘରେ ରହି ତୁମ ନିଦ ଭଲ ହେଉ
ବୋଲି ଯିଏ ଚିନ୍ତା କରେ
ସେ ହେଉଛି ସ୍ତ୍ରୀ ।

ତୁମେ ଫୋନ ନ କଲେ ଯିଏ ରାଗି
ଯାଏ
ସେ ହେଉଛି ପ୍ରେମିକା,
ଫୋନ ନ କଲେ ଯିଏ ମନେ ଚିନ୍ତା କରେ
ସେ ହେଉଛି ସ୍ତ୍ରୀ ।

ନଷ୍ଟ ଚରିତ୍ର କୁ ଯିଏ ବଦଳାଇ ଦିଏ
ସେ ହେଉଛି ପ୍ରେମିକା,
ପରିବର୍ତ୍ତିତ ପୁରୁଷକୁ ଯିଏ
ଆପଣାର କରେ
ସେ ହେଉଛି ସ୍ତ୍ରୀ ।

ରାତି ଭରି ତୁମ ସହ ଯେ ସ୍ୱପ୍ନ ଗଢେ
ସେ ହେଉଛି ପ୍ରେମିକା,
ଜୀବନ ସାରା ଯିଏ ତୁମ ସହ ଘର ଗଢେ
ସେ ହେଉଛି ସ୍ତ୍ରୀ ।

"ସେ ମୋର" ବୋଲି ଯିଏ ଭାବେ
ସେ ହେଉଛି ପ୍ରେମିକା,
"ମୁଁ ତା'ର" ବୋଲି ଯିଏ ଭାବେ
ସେ ହେଉଛି ସ୍ତ୍ରୀ ।

ଭଲ ପାଇବା ଯିଏ ଶିଖାଇ ଦିଏ
ସେ ହେଉଛି ପ୍ରେମିକା,
ପ୍ରେମକୁ ଜୀବନରେ
ଯିଏ ବଞ୍ଚାଇ ରଖେ
ସେ ହେଉଛି ସ୍ତ୍ରୀ ।

ମନ ପ୍ରାଣକୁ ଯିଏ ରଙ୍ଗିନ କରେ
ସେ ହେଉଛି ପ୍ରେମିକା,
ଜୀବନରେ ଯିଏ ସମ୍ପୂର୍ଣ୍ଣତା ଆଣେ
ସେ ହେଉଛି ସ୍ତ୍ରୀ।

ବଗିଚାରେ ଫୁଲ ଫୁଟିଲେ ଯିଏ ହସେ
ସେ ହେଉଛି ପ୍ରେମିକା,
ଫୁଲ ମଧରେ ଯିଏ ସୁଗନ୍ଧ ଭରି ଦିଏ
ସେ ହେଉଛି ସ୍ତ୍ରୀ ।

ତୁମ ଜୀବନରେ
ଯିଏ ଏକ ଅଧ୍ୟାୟ ହୁଏ
ସେ ହେଉଛି ପ୍ରେମିକା,
ସମଗ୍ର ପୁସ୍ତକର ଯିଏ ଅର୍ଥ ହୁଏ
ସେ ହେଉଛି ସ୍ତ୍ରୀ ।

ପ୍ରେମିକା ହେଉଛି ସ୍ୱପ୍ନ,
ସ୍ତ୍ରୀ ହେଉଛି ସତ୍ୟ,
ଜଣେ ମନର ଆଲୋକ ତ
ଅନ୍ୟ ଜଣେ ଜୀବନର ଦିପ୍ତି ।।

+ଜେଲରୋଡ଼, ବାଲେଶ୍ୱର



## କୃଷ୍ଣ ଗର୍ତ୍ତ

### ଦୁର୍ଗା ପ୍ରସାଦ ନାଥ

(ମହାକାଶରେ ଥିବା କୃଷ୍ଣଗର୍ତ୍ତ ତଥ୍ୟ ଉପରେ ଆଧାରିତ)

ସ୍ରଷ୍ଟାଙ୍କ ସୃଷ୍ଟିରେ ଅଛି
ଏକାଧିକ କୃଷ୍ଣଗର୍ତ୍ତ,
ଦଣ୍ଡିତ କରିବା ପାଇଁ
ନକ୍ଷତ୍ର ଉଦ୍ଧତ ।

କେ ବୁଝିବ ସୃଷ୍ଟିର ଗାରିମା
କେତେଦୁର ଅଟେ ତାର ସୀମା,
ଏ ଅସୀମ ବ୍ରହ୍ମାଣ୍ଡ ମଣ୍ଡଳେ
କୃଷ୍ଣଗର୍ତ୍ତ ଚିରନ୍ତନ ଅଟେ
କାଳେ କାଳେ ।

ଅସୀମ ତା ଆକର୍ଷଣ
ଗର୍ଭ ତାର ବାଡ଼ାଗ୍ନି ଜ୍ୱଳନ
ତା ସମ୍ମୁଖେ ନତଶିର
ସର୍ବ ତାରାଗଣ ।

କୃଷ୍ଣ ବର୍ଣ୍ଣ ଅଟେ କୃଷ୍ଣଗର୍ତ୍ତ
ବିଜନ ଅଟେ ତାର ପଥ,
ଯେ ପଥିକ ପଡ଼ିଯାଏ ଗର୍ତ୍ତେ
ଚିରଦିନ ହରାଏ ତା ସତ୍ତ୍ୱ ।

ମହାକାଶେ ଲଂଘେ ଯିଏ ନିଜ
ପରିସୀମା,
ସ୍ରଷ୍ଟାଙ୍କର ରହିଅଛି ସର୍ତ୍ତ,
ଦଣ୍ଡ ସ୍ୱରୂପେ ସେ ଦଣ୍ଡିବେ
ପେଶିତାକୁ ଏହି କୃଷ୍ଣଗର୍ତ୍ତ ।

+ସାଲାଡ଼, ସମ୍ବଲପୁର

# ସଂସ୍କୃତିର ପ୍ରତୀକ ବୋଇତ ବନ୍ଦାଣ



ଡକ୍ଟର ଲକ୍ଷ୍ମଣ ସାହୁ

ପୌରାଣିକ ତଥ୍ୟ ଅନୁଯାୟୀ ପରମପିତା ବ୍ରହ୍ମା ବ୍ରହ୍ମର୍ଷି ନାରଦଙ୍କୁ କାର୍ତ୍ତିକ ମାସର ମହାତ୍ମ୍ୟ ବୁଝାଇ କହିଛନ୍ତି , "ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତା ମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ଓ ତୀର୍ଥମାନଙ୍କ ମଧ୍ୟରେ ବଦ୍ରିକାଧାମ ଶ୍ରେଷ୍ଠ ଅଟେ । ସେଭଳି

"ନାଁ କାର୍ତ୍ତିକ ସମୋ ମାସୋ
ନ କୃତେନ ସମଂ ଯୁଗମ୍,
ନ ବେଦ ସଦୃଶଂ ଶାସ୍ତ୍ରଂ
ନ ତୀର୍ଥଂ ଗଙ୍ଗାୟା ସମମ୍" ।

ଅର୍ଥାତ୍- କାର୍ତ୍ତିକ ପରି ମାସ ନାହିଁ, ସତ୍ୟଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ଅତିପ୍ରିୟ ମାସ । କାର୍ତ୍ତିକ ପୂର୍ଣ୍ଣିମା, ରାସ ବା ରାସ ପୂର୍ଣ୍ଣିମା ନାମରେ ମଧ୍ୟ ପରିଚିତ । ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଜଡ଼ିତ । ଉତ୍କଳର ପ୍ରାଚୀନ ଇତିହାସ ଓ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି । ପ୍ରାଚୀନ ଉତ୍କଳ ତଥା କଳିଙ୍ଗର ସେହି ଅତୀତ ଗୌରବଗାଥାକୁ ମନେପକାଇବା ପାଇଁ ବନମାଳୀପୁର, ନିଆଳି, ନୟାହାଟ ଓ କାକଟପୁର ତେ ?ଳିକ ବେଶ୍ୟ ସମାଜ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଆସୁଛି । ଏହି କାର୍ଯ୍ୟକ୍ରମ ପାରାଦୀପ , ବ୍ରହ୍ମପୁର , ଚିଲିକା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୋଇଆସୁଛି ।

ଆଦିକବି ଶୂଦ୍ରମୁନି ସାରଳା ତାଙ୍କ ରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଏହିପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରେ ଦର୍ଶାଯାଇଛି ଯେ,କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ଘଟେ । ପୁନଶ୍ଚ କାର୍ତ୍ତିକ ଏକ ଧର୍ମ ମାସ ରୂପେ ମଧ୍ୟ ପରିଚିତ । ଏହି ମାସରେ ଧର୍ମପ୍ରାଣ ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ କରି ଦେବ ଦର୍ଶନ ସହିତ ନଗର ସଂକୀର୍ତ୍ତନ କରିଥାନ୍ତି । ପୂର୍ଣ୍ଣିମା ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି ।

କୁହାଯାଏ ଯେ ଏହି ପାଞ୍ଚଦିନ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀଠାରୁ ପୂର୍ଣ୍ଣମୀ ପାଞ୍ଚଦିନ ଧରି ଅନୁଷ୍ଠିତ ମହାପଞ୍ଚକ ହିନ୍ଦୁମାନଙ୍କ ପାଇଁ ଧର୍ମଗତ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପିଣ୍ଡ ପ୍ରଦାନ ଓଡ଼ିଶାରେ ସଂପ୍ରତି ପ୍ରଚଳିତ ନାହିଁ । କିନ୍ତୁ ବ୍ରତ ପାଳନ ଏବେ ବି ଓଡ଼ିଆ ପରମ୍ପରାରେ ଅନୁସୃତ ହୋଇ ଆସୁଅଛି । ଏହି ଦିନ ମହିଳାମାନେ ରାଇ- ଦାମୋଦର ବ୍ରତର ଉଦ୍‌ଯାପନ କରିଥାନ୍ତି । ଏହି ମାସରେ ବିଧବାମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜଳନ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହିମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇ ଆକାଶଦୀପ ଦିଆଯାଏ। କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ପ୍ରତି ସନ୍ଧ୍ୟାରେ ଆକାଶଦୀପ ରଖାଯାଉଥାଏ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ ରହିଛି । ସେ ଦିନ ପ୍ରତ୍ୟୁଷରୁ ଆବାଳ- ବୃଦ୍ଧା- ବନିତା ନଦୀ ବା ପୁଷ୍କରଣୀରେ ବୁଡ ପକାଇ କଦଳୀ ବାହୁଙ୍ଗା ବା ସୋଲ ତିଆରି ଖେଳଣା ଡଙ୍ଗାରେ ଦୀପ ଜାଳି ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି । ଏହି ସମୟରେ ଗାନ କରି କହନ୍ତି- 'ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକ ଧରମ ମୋର ।' ଯୁଗ ଯୁଗ ଧରି ବିଶ୍ୱାସ ରହିଛି ପ୍ରତ୍ୟୁଷରୁ ସ୍ନାନପୂର୍ବକ ଦେବଦର୍ଶନ କଲେ ସବୁ ପାପ ନାଶ ହୋଇଥାଏ। ଏହି ଅବସରରେ ଓଡ଼ିଶାର ନରନାରୀ ଜଳରେ ସ୍ୱଦେଶ ସଂସ୍କୃତିର ପ୍ରତୀକ ଉପାସନା ସାମଗ୍ରୀ ତାମ୍ବୁଳ, ଅକ୍ଷତ ଓ ତିଳ ନିକ୍ଷେପ ପୂର୍ବକ ପ୍ରତିଦାନ ସ୍ୱରୂପ ଦେବତାଙ୍କଠାରୁ ପୁଣ୍ୟ କାମନା କରିଥାନ୍ତି। ଏହି ଅବକାଶରେ ଶ୍ୟାମଦେଶ (ଥାଇଲ୍ୟାଣ୍ଡ )ରେ କଦଳୀ ପଟୁଆ ନିର୍ମିତ ଛୋଟ ଛୋଟ ଡଙ୍ଗା ଭସାଇବା ପରମ୍ପରା ଏବେ ମଧ୍ୟ ପ୍ରଚଳିତ । ଏହି ପୂର୍ଣ୍ଣିମା ଅବକାଶରେ ପ୍ରାଚୀନ ଉତ୍କଳର ରାଜଧାନୀ କଟକ ନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହୁଏ। ଏହା ଓଡ଼ିଶାର ଏକ ପ୍ରଧାନ ଉତ୍ସବ । ଉତ୍କଳର ବିଲୁପ୍ତ ନୌପରମ୍ପରା ସହିତ ଏହାର ସଂପୃକ୍ତି ରହିଛି। କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଦିବସ ନାମରେ ମଧ୍ୟ ଖ୍ୟାତ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ ହେଉଛି ।

ବାଲିଯାତ୍ରା ବନାମ ଡ଼ଙ୍ଗାଭସା ବା ବୋଇତ ବନ୍ଦାଣ ନାମରେ ଜଣାଶୁଣା । ଏହାକୁ ଏକ ଓଡ଼ିଆ ପର୍ବ ଭାବେ ଗ୍ରହଣ କରାଯାଏ ।



ବାଲିଯାତ୍ରା ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଯାତ୍ରା । ଏହା ଏଭଳି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା । ଆଧୁନିକ ଓଡ଼ିଶା ଉପରୋକ୍ତ ରାଷ୍ଟ୍ର ଗୁଡିକର ପରିବର୍ତ୍ତିତ ରୂପ। ଆଗ କାଳରେ ସାଧବପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା,ବୋର୍ଣ୍ଣିଓ (ଏବେକାର ଇଣ୍ଡୋନେସିଆ) ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ । ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ ।

ଏହି ଯାତ୍ରା ଅକ୍ଟୋବର-ନଭେମ୍ବରରେ କାର୍ତ୍ତିକ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ। ସାଧବମାନେ ବେପାର-ବଣିଜ ପାଇଁ ପ୍ରକୃଷ୍ଟ ସମୟ ବୋଲି ଏହି ସମୟକୁ ଭାବୁଥିଲେ । କାରଣ ପବନର ଗତି ସେମାନଙ୍କ ଯାତ୍ରାକୁ ସହଜ କରୁଥିଲା । ଅତୀତ ଉତ୍କଳର ଗୌରବମୟ ସଂସ୍କୃତିର ବାର୍ତ୍ତା ବହନକରେ ବାଲିଯାତ୍ରା । ତଥପୋଇ କିମ୍ବଦନ୍ତି ଏହି ପରମ୍ପରା , ବାଣିଜ୍ୟ ବ୍ୟବସାୟ , ଧର୍ମ , ଆଚାର ବ୍ୟବହାର , ରୀତିନୀତି , ଜୀବନ ସଂପର୍କରେ ଭରି ରହିଛି । ଆକାମାବୈରେ ଗୁଂଜରିତ ସେଦିନର ଉପକୂଳ ଅଞ୍ଚଳ ସମୂହର ସ୍ୱର୍ଣ୍ଣିମ ଅଧ୍ୟାୟ ସ୍ମୃତି ଓଡ଼ିଆଙ୍କ ପ୍ରତି ରକ୍ତବିନ୍ଦୁରେ ଅଦ୍ୟାବଧି ଗୁଂଜରିତ ହେଉଛି। ବର୍ତ୍ତମାନ ବାଲିଯାତ୍ରା କଟକ ସହରର ଏକ ପାରିବାରିକ ଉତ୍ସବଭାବେ ପାଳନ ହେଉଛି । ଶତାଧିକ ବ୍ୟବସାୟି ବାଣିଜ୍ୟମେଳାରେ ଅଂଶଗ୍ରହଣ କରି ନିଜର ଦ୍ରବ୍ୟ ବିକ୍ରି କରି ଉପଯୁକ୍ତ ପାରିଶ୍ରମିକ ଲାଭ କରୁଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଅଛି । ଏପରିକି ସ୍ଥାନୀୟ କଳାକାରମାନେ ନିଜର ଗାନ୍ଧର୍ବ କଳା ପ୍ରଦର୍ଶିତ କରି ଅନେକ ପ୍ରଶଂସା ସାଉଁଟିବା ସହ ଦେଶ ବିଦେଶରେ ପରିଚିତ ହେଉଛନ୍ତି । ଆଠଦିନ ବ୍ୟାପି ଏହି ମହୋତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱ ଷ୍ଟଲ ମାନ ବସାଯାଇ ହସ୍ତଶିଳ୍ପ,କାରୁକାର୍ଯ୍ୟ, ପାରମ୍ପାରିକ ଦ୍ରବ୍ୟ, ଘରୋଇ ଉପକରଣ, ଆସବାବପତ୍ର ଆଦି ବିକ୍ରି ହୋଇଥାଏ ।

ବାଲିଯାତ୍ରା କେବେ ଓ କାହିଁକି ଆରମ୍ଭ ହେଇଥିଲା ତାହା ସଠିକ ଭାବରେ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ନିର୍ଦ୍ଧାରଣ ନୀରବ ରହିବାରୁ ବାଲିଯାତ୍ରାର ଆରମ୍ଭକୁ ନେଇ ଦ୍ୱନ୍ଦ ରହିବା ସ୍ୱାଭାବିକ । ଏହି ଐତିହ୍ୟପୂର୍ଣ୍ଣ ଗଣମହୋତ୍ସବର କାରଣ ସମ୍ବନ୍ଧରେ କେତେକ ଗବେଷକ ଭିନ୍ନ ଭିନ୍ନ ମତ ଉପସ୍ଥାପନ କରି ଆସୁଛନ୍ତି ।

ପ୍ରଥମତଃ ବୃହତ କଳିଙ୍ଗ ରାଷ୍ଟ୍ରର ସାଧବମାନେ ଏହିଦିନ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଜଳପଥରେ ଯାଉଥିବାରୁ ମହାନଦୀ କୂଳରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଏହି ଯାତ୍ରା ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ଦ୍ୱିତୀୟତଃ ବାଣିଜ୍ୟ ବେପାର ସାରି ଦୀର୍ଘଦିନ ପରେ ଜଳପଥରେ ସ୍ୱଦେଶକୁ ଫେରୁଥିବାରୁ ସମ୍ବର୍ଦ୍ଧନାମୂଳକ ଆନନ୍ଦ ଉଲ୍ଲାସ ଯାତ୍ରା ବା ଉତ୍ସବରେ ପରିଣତ ହେବା ଅସମ୍ଭବ ନୁହେଁ । ତୃତୀୟତଃ ମତଟି ହେଉଛି ମହାନଦୀର ଏହି ଘାଟରେ ଶ୍ରୀଚୈତନ୍ୟ ବିରାଜମାନ କରି ଉଦଣ୍ଡ କୀର୍ତ୍ତନ ସହିତ ଆତ୍ମବିସ୍ମୃତ ହୋଇ ମହାନଦୀର ବାଲିଘାଟ ପର୍ଯ୍ୟନ୍ତ ଗଡିଗଡି ଲୋଟି ଯାଇଥିଲେ। ଯେଉଁଥି ପାଇଁ ସେହି ଘାଟର ନାମ ଗଡ଼ଗଡିଆ ଘାଟ । ସେହି ସ୍ମୃତିକୁ ଧରିରଖିବା ଉଦ୍ଦେଶ୍ୟରେ ଯେଉଁ ପ୍ରାରମ୍ଭିକ ଉତ୍ସବ ଆରମ୍ଭ ହେଇଥିଲା ବା ଆୟୋଜନ ହୋଇଥିଲା ତାହା ହିଁ ବାଲିଯାତ୍ରା । ଅନ୍ୟପକ୍ଷରେ ମହାନଦୀର ଏହି ଘାଟରେ ଶ୍ରୀଚୈତନ୍ୟ ଓଡ଼ିଶା ଆସିବାବେଳେ ପାର ହୋଇଥିବେ । ଯଦିଓ ଏହା ବିଶ୍ୱାସଯୋଗ୍ୟ ହୋଇନପାରେ ହୁଏତ ଗଜପତି ପ୍ରତାପରୁଦ୍ର ଦେବଙ୍କ ସାନ୍ନିଧ୍ୟରେ ଆସିବାପରେ ଏହି ଘାଟରେ ପାରି ହୋଇଥାଇ ପାରନ୍ତି । ଗଜପତି ପ୍ରତାପରୁଦ୍ର ଦେବଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ , ହୁଏତ ଏହା ୧୫୧୮-୧୯ ମସିହା କଥା । ଶ୍ରୀଚୈତନ୍ୟଙ୍କ ପୁରୀକୁ ଆସିବାର ଆଠ-ନଅବର୍ଷ ପରର କଥା । ତେଣୁ ଆସିବା ସମୟ ଅର୍ଥାତ୍ ୧୫୧୦ ମସିହାରେ ଏହି ଘାଟରେ ସେ ପାରିହେବା ତତ୍କାଳୀନ ସମୟରେ ହୁଏତ ସମ୍ଭବ ହୋଇନଥିବ ।

ଶ୍ରୀଚୈତନ୍ୟ ଦେବଙ୍କ ଆସିବାର ବହୁ ପୂର୍ବରୁ ସେଠାରେ ଗଜପତିଙ୍କ ବାରବାଟୀ ଗଡ଼ର ଗଡ଼ଚଣ୍ଡୀ ଉପାସିତ ହେଉଥିଲେ ।ଗଡ଼ ମଧ୍ୟରେ ଗଜପତିଙ୍କ ଉପାସ୍ୟ କନକ ଦୁର୍ଗା ଥିଲା ବେଳେ ଘାଟ ନିକଟରେ ଦେବୀପୂଜା ପାଇଲାଭଳି ଗଡ଼ଚଣ୍ଡୀ ପୂଜା ପାଉଥିଲେ । ସେଭଳି ଅନ୍ୟାନ୍ୟ ଘାଟମାନଙ୍କରେ ଶାବର ତନ୍ତ୍ରର ଦେବୀ ଥିବା ବେଳେ ଏହି ଘାଟର ଦେବୀ ଶାକ୍ତତନ୍ତ୍ରର ଥିଲେ। ଏବେ ମଧ୍ୟ ସେହି ଗଡ଼ଚଣ୍ଡୀଙ୍କ ପାଖରେ ଏକ ଶିବ ମନ୍ଦିର ଅଛି । ତେଣୁ ଏହାକୁ ଏକ ଶୈବ ଓ ଶାକ୍ତ ଅଞ୍ଚଳ କୁହାଯାଇପାରେ । ସେଠାରେ ସେଭଳି କୌଣସି ଶ୍ରୀକୃଷ୍ଣ ବା ବିଷ୍ଣୁଙ୍କ ମନ୍ଦିର ନଥିଲା । ଶ୍ରୀଚୈତନ୍ୟ ଶାକ୍ତ କିମ୍ବା ଶୈବ ମତାବଲମ୍ବୀ ନଥିଲେ । ତେଣୁ ସେଠାରେ କଦାପି ସେ ଉଦଣ୍ଡ କୀର୍ତ୍ତନ କରିବା ରହସ୍ୟ ସ୍ପଷ୍ଟ ନୁହେଁ। କୁହାଯାଏ ଶ୍ରୀଚୈତନ୍ୟ ଆସିବାବେଳେ ଗଡ଼ଘାଟ ଗଜପତିଙ୍କ ସୈନ୍ୟବାହିନୀର ଅକ୍ତିଆରରେ ଥିଲା। ବାରବାଟୀ ଦୁର୍ଗର ବିଶେଷ କରି ଗଡ଼ର ବ୍ୟବହାର ପାଇଁ ସେହି ଗୋଟିଏ ଘାଟର ବ୍ୟବହାର କରାଯାଉଥିଲା । ଅନ୍ୟ ଘାଟଗୁଡ଼ିକ ସାଧାରଣ ଲୋକଙ୍କ ପାଇଁ ଥିଲା । ରାଜଶାସନ ବ୍ୟବହୃତ ଘାଟରେ ଯଦି ଚୈତନ୍ୟ ଅବତରଣ କରିଥିଲେ , ସେତେବେଳକୁ ସେ ପ୍ରଭୁ ହୋଇନଥିଲେ କି ରାଜସାନ୍ନିଧ ଲାଭ କରିନଥିଲେ। ତେଣୁ ରାଜକର୍ମଚାରୀମାନେ ତାଙ୍କ ଉଦଣ୍ଡ ନୃତ୍ୟକୁ କେଉଁ ଦୃଷ୍ଟିରେ ଗ୍ରହଣ କରିଥିଲେ ତାହା ମଧ୍ୟ ବିଚାରଯୋଗ୍ୟ । କାରଣ କୀର୍ତ୍ତନ ଓ ସଂକୀର୍ତ୍ତନ ଦୁଇଟିଯାକ ଓଡ଼ିଶାର ନିଜସ୍ୱ ଓ ବହୁ ପ୍ରାଚୀନ । କିନ୍ତୁ ଉଦଣ୍ଡ-କୀର୍ତ୍ତନ ଆମ ଓଡ଼ିଶାରେ ନଥିଲା । ସେତେବେଳେ କଟକ ଯଦି ବିଷ୍ଣୁ ବା ଶ୍ରୀକୃଷ୍ଣଙ୍କ କ୍ଷେତ୍ର ହୋଇଥାନ୍ତା, ହୁଏତ ସେ ମାଟିରେ ପାଦ ଦେଉଦେଉ ଉଦଣ୍ଡ କୀର୍ତ୍ତନ କରିଥାନ୍ତେ । କଟକ ମୂଳରୁ ସନାତନ ଧାରାର ଅର୍ଦ୍ଧନାରୀଶ୍ୱର ଚେତନାର କ୍ଷେତ୍ର । ଅର୍ଥାତ ଶିବ+ଶକ୍ତିଙ୍କର ସମନ୍ୱୟ କ୍ଷେତ୍ର , ତେଣୁ ଶ୍ରୀଚୈତନ୍ୟଙ୍କ ଉଦଣ୍ଡ କୀର୍ତ୍ତନ ସେଠାରେ ଅମୂଳକ ଭ୍ରମାତ୍ମକ ହୋଇପାରେ । ସେଠାରେ ଗଡ଼ଚଣ୍ଡୀ ବିରାଜିତ ଥିବାରୁ ତାହାର ନାମ ଗଡ଼-ଘାଟ ହୋଇଥାଇପାରେ । ପରବର୍ତ୍ତୀ କାଳରେ ଲୋକଉକ୍ତିରେ ଗଡଗଡିଆ ଘାଟ ପ୍ରସିଦ୍ଧ ହୋଇଛି ବୋଲି ମନେ ହୁଏ ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ମହାରାଜା ଉଦ୍ୟୋତକେଶରୀ ସିଂହଳ ଦେଶ ବିଜୟ କରି ଜଳପଥରେ ଫେରିବାର ସ୍ମୃତିରେ ବାଲିଯାତ୍ରା ଅନୁଷ୍ଠିତ ହେଉଥିବା, ଏକ ଐତିହାସିକ ସତ୍ୟ ହୋଇପାରେ । ସେତେବେଳେ ମହାରାଜା ଉଦ୍ୟୋତକେଶରୀ ଉତ୍କଳ ଦେଶର ରାଜା ଥିଲେ। ଶିଳାଲେଖ ଅନୁଯାୟୀ ସୋମବଂଶୀ ରାଜା ଉଦ୍ୟୋତକେଶରୀ ଅଠର ବର୍ଷ ରାଜତ୍ୱ କରିଥିଲେ। ମହାରାଜା ଉଦ୍ୟୋତକେଶରୀ ଚୋଳରାଜା ମାଧବ ବର୍ମାଙ୍କୁ ପରାଜିତ କରି ସମ୍ପୂର୍ଣ୍ଣ ଦକ୍ଷିଣାପଥ ବିଜୟ କରିବା ପରେ ସିଂହଳ ଆକ୍ରମଣ କରିଥିଲେ । ସେତେବେଳେ ସିଂହଳରେ ଚିତ୍ରକେୟୁର ରାଜାଥିଲେ । ସିଂହଳ ବିଜୟ ପରେ ମଣିମୁକ୍ତା ପ୍ରଭୃତି ଧନରତ୍ନ ସେ ସଙ୍ଗରେ ଆଣିଥିଲେ। ସେ ଜଳପଥରେ ଆସି ମହାନଦୀ ମୁହାଣ ଦେଇ ନିରାପଦ ସ୍ଥାନ କଟକଦ୍ୱୀପରେ ପହଞ୍ଚି ବିଶ୍ରାମ ନେଇଥିଲେ । ସେତେବେଳେ ସମ୍ଭବତଃ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଲୋକ ମୁଖରେ ସାଧବ ପୁଅ ବାଲି-ସୁମାତ୍ରା-ବର୍ଣ୍ଣିଓ ଯାଉଥିବା କୁହାଯାଏ । ସିଂହଳବିଜୟ କରି ଫେରିଲେ ବି ବାଲିରୁ ଫେରିଲେ ବୋଲି ତୁଣ୍ଡରେ ତୁଣ୍ଡକୁ ଯାଇ ଲୋକଙ୍କ ମୁଖରେ ବାଲିଯାତ୍ରା ହୋଇଥିବା ଅନୁମାନ କରାଯାଏ ।

ପ୍ରକୃତରେ ହଜାର ବର୍ଷର କଟକଠାରେ ବାଲିଯାତ୍ରା ପ୍ରତି ବର୍ଷ ଗଡ଼ଗଡ଼ିଆ ଘାଟ ଓ ବାରବାଟି ଦୁର୍ଗ ନିକଟରେ ଅନୁଷ୍ଠିତ ହୋଇଆସୁଛି। ଏଠାକୁ ଓଡ଼ିଶା ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ବ୍ୟବସାୟୀ ଆସିଥାନ୍ତି । ଦେଶର ବିଭିନ୍ନ ପ୍ରାନ୍ତର ହସ୍ତ-ଶିଳ୍ପ ଦେଖିବାକୁ ମିଳିଥାଏ । ବାଲିଯାତ୍ରାରେ କଟକ ପ୍ରସିଦ୍ଧ ଦହିବରା-ଆଳୁଦମ ଓ ଠୁଙ୍କାପୁରି ଇତ୍ୟାଦି ଖାଦ୍ୟ ବହୁସ୍ଥାନରେ ବିକ୍ରିହୁଏ , ଯାହା ଆଜି ପ୍ରସିଦ୍ଧ ଲାଭ କରିଛି ଓ ଆଗକୁ ତା'ର ସ୍ଥିତି ବଜାୟ ରଖିବ ନିଃସନ୍ଦେହରେ କୁହାଯାଇପାରେ। ବାସ୍ତବରେ ଆମ ସଂସ୍କୃତି ଓ କିମ୍ବଦନ୍ତୀ ଆମ ପରମ୍ପରା ଓ ଐତିହ୍ୟକୁ ନେଇ ପୁରାତନ କାଳରୁ ପାଳିତ ହେଉଛି ବୋଇତ ବନ୍ଦାଣ ମହୋତ୍ସବ...!!!

+ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାନଦୀ
ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ
କଟକ -୪ , ସଂପର୍କ: ୯୦୪୦୧୫୧୪୭୫

# କାର୍ତ୍ତିକ ପୂର୍ଣ୍ଣିମା, ସ୍ମୃତିରେ ବାଲିଯାତ୍ରା ଓ ମହାପ୍ରଭୁ ଶ୍ରୀଚୈତନ୍ୟ



ସୌର ଚନ୍ଦ୍ର ମହାପାତ୍ର



କଳା, ସଂସ୍କୃତି ତଥା ବିଭିନ୍ନ ପର୍ବପର୍ବାଣୀର ଏକ ଅପୂର୍ବ ସମନ୍ୱୟର କ୍ଷେତ୍ର ହେଉଛି ଓଡ଼ିଶା। ଏଠି ବାର ମାସରେ ତେର ପର୍ବ ଆମ ସଂସ୍କୃତିର ଏକ ଅନନ୍ୟ ପରିଚୟ। ବର୍ଷ ତମାମ ଲାଗି ରହୁଥିବା ବିଭିନ୍ନ ପୂଜା ଏବଂ ଦିନ କିମ୍ବା ତିଥି ମଧ୍ୟରେ ସବୁଠାରୁ ପୁଣ୍ୟତମ ମାସ ହେଉଛି କାର୍ତ୍ତିକ। ଧାର୍ମିକ ଦୃଷ୍ଟିରୁ ମାସର ପ୍ରତିଟି ଦିବସ ସ୍ୱତନ୍ତତା ବହନ କରିଥିବାବେଳେ ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ସବୁଠାରୁ ପବିତ୍ର ଦିବସ ଭାବେ ଗ୍ରହଣ କରାଯାଇଥାଏ। ଏହି ପଞ୍ଚକ ପାଞ୍ଚ ଦିନରେ ତେତିଶ କୋଟି ଦେବତା ମନୁଷ୍ୟ ମାନଙ୍କର ଅତି ନିକଟତର ହୋଇଯାଆନ୍ତି ବୋଲି କୁହାଯାଇଥାଏ। ପଞ୍ଚୁକ ପାଞ୍ଚଦିନର ଶେଷ ଦିବସରେ ଆରମ୍ଭ ହୋଇଥାଏ ହଜାର ବର୍ଷର ସହର ଭାବେ ପରିଚିତ ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା। ସ୍କନ୍ଧ ପୁରାଣରେ ଉଲ୍ଲେଖ ରହିଛି - 'କାର୍ତ୍ତିକ ମାସି ବିପ୍ରେନ୍ଦ୍ର ଯସ୍ତୁଗୀତାଂ ପଠେନ୍ନରଃ, ତସ୍ୟ ପୁଣ୍ୟଫଳଂ ବକ୍ତୁଂ ମମଶକ୍ତି ନ ବିଦୀତେ। ଗୀତାୟାସ୍ତୁ ସମଂ ଶାସ୍ତ୍ରଂ ନ ଭୂତଂ ନ ଭବିଷ୍ୟତି, ସର୍ବ ପାପହରା ନିତ୍ୟଂ ଗୀତୈକା ମୋକ୍ଷଦାୟିନୀ ଶ୍ରୀମଦ ଭଗବତସ୍ୟାପି ଶ୍ରବଣଂ ଯଃ ସମାଚରେତ୍।'

ପୂର୍ବଭାରତୀୟ ଉପକୂଳର ବିଭବ ପୂର୍ଣ୍ଣ ରାଜ୍ୟ ହେଉଛି 'କଳିଙ୍ଗ'। ମହାଭାରତ ତଥା ବୈଦିକ ସାହିତ୍ୟରେ କଳିଙ୍ଗର ବର୍ଣ୍ଣନା ରହିଛି। ଯଥାର୍ଥରେ ଉଲ୍ଲେଖ ରହିଛି - 'କଳିଙ୍ଗ ସାହସିକାଃ'। ଦିନଥିଲା ଓଡ଼ିଆ ସାଧବ ପୁଅମାନେ କଳିଙ୍ଗ ଉପକୂଳର ଗଙ୍ଗା ଠାରୁ ଗୋଦାବରୀ ଯାଏ ଏବଂ ସମୁଦ୍ରର ଅପର ପାର୍ଶ୍ୱରେ ଥିବା ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା) ଓ କମ୍ବୋଜ (କମ୍ବୋଡ଼ିଆ) ଆଦି ଦେଶକୁ ବାଣିଜ୍ୟ ଉପଲକ୍ଷେ ଯାତ୍ରା କରି ଭାବ ସମ୍ପର୍କକୁ ବଢ଼ାଇ ପାରୁଥିଲେ। ସିଂହଳ ଭାରତର ପଡ଼ୋଶୀ ହେତୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ମଧ୍ୟ ଅତି ପ୍ରାଚୀନ। କଳିଙ୍ଗ ସହ ସିଂହଳ ଦ୍ୱୀପର ନୌବାଣିଜ୍ୟ କବି ଉପେନ୍ଦ୍ରଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ବୋଇତ କଥା ବର୍ଣ୍ଣିତ ହୋଇଛି - 'ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ, ସାଧବ ଯୁବତୀମାନେ ଅତି ପ୍ରମୋଦରେ ଗଲେ ବହିତ୍ର ବନ୍ଦାଇ ଆପଦସ୍ଥଳୀ ମାନକରେ ହୁଳହୁଳି ନେଇ..।'

କାର୍ତ୍ତିକ ପୂର୍ଣ୍ଣିମା ରାସ ବା ରାହାସ ପୂର୍ଣ୍ଣିମା ନାମରେ ମଧ୍ୟ ପରିଚିତ। ଓଡ଼ିଶାର ଆଚାର, ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତଃପ୍ରୋତ ଭାବେ ଜଡ଼ିତ। ଅପର ପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଏହା କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଗୌରବୋଜ୍ଜଳ ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ଏତେ ନିବିଡ଼ ଭାବରେ ସଂପୃକ୍ତ ଯେ ଏହି ଦିବସର ଗୁରୁତ୍ୱକୁ ବାଦ ଦେଲେ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ସମ୍ପର୍କରେ ଚିନ୍ତା ବି କରାଯାଇ ପାରେନାହିଁ। ଅତଏବ ଧର୍ମଗତ ତଥା ଐତିହାସିକ ଉଭୟ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଅତୀବ ବୈଶିଷ୍ଟ୍ୟ ପରିପୂର୍ଣ୍ଣ।

ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଅଙ୍ଗାଅଙ୍ଗି ଭାବେ ଜଡ଼ିତ । ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ନିବିଡ଼ ଭାବେ ସମ୍ପୃକ୍ତ। ପ୍ରାଚୀନକାଳରେ କାର୍ତ୍ତିକ ପୂର୍ଣ୍ଣିମାରେ ଉତ୍କଳର ସାଧବ ପୁଅମାନେ ନୌବାଣିଜ୍ୟ ପାଇଁ ଦରିଆ ପାରି ହୋଇ ଜାଭା, ସୁମାତ୍ରା, ବାଲି ଦ୍ୱୀପ ଆଦି ସ୍ଥାନକୁ ଯାଉଥିଲେ। ଏହି ସ୍ମୃତିକୁ ମନେ ପକାଇବା ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ କଦଳୀ ପଟୁଆରେ ଡଙ୍ଗା ଭସାଇବାର ପରମ୍ପରା ରହିଛି। ପ୍ରତ୍ୟୁଷରୁ ଉଠି ଆବାଳ ବୃଦ୍ଧବନିତା ନଦୀ, ପୁଷ୍କରିଣୀ, ଜଳାଶୟରେ ଡଙ୍ଗା ଭସାଇଥାନ୍ତି। ଡଙ୍ଗାରେ ଦୀପଜାଳି, ପାନଗୁଆ ଥୋଇଥାଆନ୍ତି। ଏହାପରେ ନଦୀରେ ସ୍ନାନ କରି ଦିଅଁ ଦର୍ଶନ କରିଥାନ୍ତି।

କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାର ଆରମ୍ଭ ଖୋଜିବା ସମୟରେ ଆମ ଆଖି ସାମ୍ନାକୁ ଆସନ୍ତି ପ୍ରଭୁ ଶ୍ରୀଚୈତନ୍ୟ। ଏହି କ୍ରମରେ ଦେଖିବାକୁଗଲେ ମହାନଦୀ ବାଲିରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ହେଉଛି ପ୍ରଭୁ ଶ୍ରୀଚୈତନ୍ୟଙ୍କ ସ୍ମୃତି ପଦାର୍ପଣର ଉତ୍ସବ। ଶ୍ରୀଚୈତନ୍ୟଙ୍କ ସମୟ ଅର୍ଥାତ୍ (୧୪୮୬-୧୫୩୫), ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତନ୍ମୟଭରା ଦର୍ଶନ କରି ପ୍ରଭୁ ଶ୍ରୀଚୈତନ୍ୟ ପଶ୍ଚିମବଙ୍ଗର ନବଦ୍ୱୀପକୁ ଫେରୁଥିବା ସମୟରେ ସେ ସମୟର କାଠଯୋଡ଼ି ପୁରୀଘାଟ ନିକଟରେ ଥିବା ସତୀଚଉରା ସନ୍ନିକଟ କଟକେଶ୍ୱର ମହାଦେବଙ୍କ ଶୈବକ୍ଷେତ୍ରରେ ପହଞ୍ଚି ଖାଲି ପାଦରେ ପବିତ୍ର 'ହରେକୃଷ୍ଣ ହରେରାମ' ସଂକୀର୍ତ୍ତନ କରି ଅଗଣିତ ଭକ୍ତଜନଙ୍କ ପବିତ୍ର ପଦ ଧୂଳିକୁ ନିଜ ଦେହରେ ଆତ୍ମବିଭୋର ହୋଇ ଭାବ ତନ୍ମୟରେ ବୋଳି ହୋଇ ନଦୀ ଶଯ୍ୟାର ବାଲିରେ ଗଡ଼ିଯାଇଥିଲେ। ଯାହାର ନାମ ତାଙ୍କରି ସ୍ମୃତିରେ ନାମିତ ହେଲା ଗଡ଼ଗଡ଼ିଆ ଘାଟ। ସେ ସମୟରେ ୭୨ ମଣ୍ଡଳ ସଂକୀର୍ତ୍ତନ ଦଳ ଓ ବୈଷ୍ଣବ ତଥା ଅଗଣିତ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଗହଳିରେ ମହାନଦୀର ନଦୀ କୂଳ ପୁରି ଉଠିଥିଲା। ରାଜା ପ୍ରତାପରୁଦ୍ର ଦେବଙ୍କ ସମୟରେ ଶ୍ରୀଚୈତନ୍ୟଙ୍କ ପଦାଙ୍କ ଏକ ପଥରରେ ଖୋଦେଇ ହୋଇ ସେହି ଦିନ ଠାରୁ ନିତ୍ୟ ପୂଜା ଅନୁଷ୍ଠିତ ହେଉଛି। ଯେଉଁଥିରେ ୧୫୧୦ ମସିହା ଲେଖା ରହିଛି। କଟକର ଦୁଇଟି ସ୍ଥାନରେ ପ୍ରଭୁ ଶ୍ରୀଚୈତନ୍ୟଙ୍କ ସ୍ମୃତି ରହିଛି। ଗୋଟିଏ ହେଉଛି ଗଡ଼ଗଡ଼ିଆ ଏବଂ ଅନ୍ୟଟି ହେଉଛି ମହମଦିଆ ବଜାରର ଶ୍ରୀଚୈତନ୍ୟ ମଠ। ଏହି ମଠର ପ୍ରକାଣ୍ଡକାୟ ବଟବୃକ୍ଷ ତଳେ ପ୍ରଭୁ ଶ୍ରୀଚୈତନ୍ୟ ବିଶ୍ରାମ ନେଇଥିଲେ। ଚୈତନ୍ୟ ମହାପ୍ରଭୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗଡ଼ଗଡ଼ିଆ ଘାଟରେ ପହଞ୍ଚିଥିବାର ଐତିହାସିକ ତଥ୍ୟ ରହିଛି ଏବଂ ଏହି ସ୍ମୃତିରେ ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ଏହି ଭକ୍ତ ଚୈତନ୍ୟଙ୍କ ସ୍ମୃତି ନିମିତ୍ତ ମହାନଦୀ ବାଲିରେ ଉତ୍ସବ ଆରମ୍ଭ କରିଥିଲେ। ପ୍ରଭୁ ଶ୍ରୀଚୈତନ୍ୟ ଜଗନ୍ନାଥ ବଲ୍ଲଭ ମଠର ପୁଷ୍କରିଣୀରେ ସ୍ନାନକରି ଭିକ୍ଷା ଗ୍ରହଣ କରିଥିଲେ। ସେହିପରି କଟକର ମସ୍ତରାମ ମଠ, ସତୀଚଉରା ଘାଟ ନିକଟ ଚୈତନ୍ୟ ଘାଟ ପ୍ରଭୁ ଶ୍ରୀଚୈତନ୍ୟଙ୍କ ସ୍ମୃତିକୁ ଏବେ ବି ଉଦଜ୍ଜୀବିତ କରୁଛି। ଶ୍ରୀଚୈତନ୍ୟଙ୍କ ବୃନ୍ଦାବନ ଯାତ୍ରା ସ୍ମୃତି ବହନ କରି ତତ୍କାଳୀନ ସମୟରେ ଆରମ୍ଭ ହୋଇଥିବା କୀର୍ତ୍ତନ ମଣ୍ଡଳୀ ପରବର୍ତ୍ତୀ ସମୟରେ ବଡ଼େଇ ସାହିରେ ନିର୍ମାଣ କରିଥିଲେ ବାସ୍ତରୀ ମଠ। କାର୍ତ୍ତିକ ପୂର୍ଣ୍ଣମୀର ସକାଳ ଡଙ୍ଗାଭସା ଉତ୍କଳୀୟ ସ୍ମୃତିର ଏକ ଝଲକ ନିଶ୍ଚୟ। ପୁଣ୍ୟ କାର୍ତ୍ତିକରେ ହରିନାମ ସଂକୀର୍ତ୍ତନ, ରାଧାକୃଷ୍ଣଙ୍କ ପୂଜା, ପ୍ରେମମୟ ଶ୍ରୀକୃଷ୍ଣଙ୍କ ରାସ ଉତ୍ସବ ସହିତ ପ୍ରଭୁ ଶ୍ରୀଚୈତନ୍ୟଙ୍କ ପଦରଜ ପବିତ୍ର ସ୍ମୃତିର ବାହକ ମହାନଦୀ ପଠାରେ ବାଲିଯାତ୍ରାର ଅୟମାରମ୍ଭ କରିଥାଏ। ହଜାର ବର୍ଷର କଟକ ସହରରେ ଐତିହାସିକ ବାଲିଯାତ୍ରା ଓ ପ୍ରଭୁ ଶ୍ରୀଚୈତନ୍ୟଙ୍କ ନାମ ସଂକୀର୍ତ୍ତନ କଟକ ସହରର ଆଧ୍ୟାତ୍ମିକ ପ୍ରାଣଜୀବନ ଓ ଜୀବନ ଚେତନାର ହୃଦୟସ୍ମୃତିକୁ ନିର୍ଝରିତ କରୁ ଏହା ହିଁ କାମନା।

+ବରିଷ୍ଠ ଆଇନଜୀବୀ ଓ ସଭ୍ୟ, ରାଜ୍ୟ ଆଇନ କମିଶନ, ଓଡ଼ିଶା ହାଇକୋର୍ଟ,
କଟକ,
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ,
ମୋ : ୯୪୩୭୦୦୪୪୬୬



## କାର୍ତ୍ତିକ ସିନାନ

ଜୟନ୍ତ କୁମାର ମଲ୍ଲିକ୍

କାର୍ତ୍ତିକ ସିନାନ ହବିଷ ଭୋଜନ
ହରିନାମ ସଂକୀର୍ତ୍ତନ -
ଧରମ ମାସରେ ଧରମରେ ସଦା
ରଖିବା ସଭିଏଁ ମନ।

ପିଆଜ ରସୁଣ ମାଛ ମାଉଁସଠୁଁ
ଜାଣି ଜାଣି ଦୂରେ ରହି -
ମାସଟାଏ ଜମା ନିରାମିଷ ଦୁଃଖ
କଷ୍ଟେ ମଷ୍ଟେ ଯିବା ସହି।

ପାହାନ୍ତିଆ ଉଠି ହୋଇ ଶୁଦ୍ଧପୁତ
ଯିବା ଆମେ ଫୁଲ ତୋଳି -
ଯତନରେ ହାର ଯେ କରିବା
ସୁଗନ୍ଧି ଚନ୍ଦନ ବୋଳି।

ଧୂପ ଦୀପ ଆଉ ନଇବେଦ୍ୟ ଦେଇ
ପୂଜିବା ଦିଅଁଙ୍କୁ ଯାଇ -
ରାଇ ଦାମୋଦର ଦେବେ ଦରଶନ
ମନ୍ଦିର ଭିତରେ ଥାଇ।

ପୂର୍ଣ୍ଣିମା ଦିନଟି ସବୁଠୁଁ ପବିତ୍ର
ମରତବାସୀଙ୍କ ପାଇଁ -
ଏହି ଦିନ ଭକ୍ତି ଭାବରେ ଡ଼ାକିଲେ
ଶୁଣିବେ ଜଗତସାଇଁ।

ଶୁରଡିହ, ନନ୍ଦିପୁର,ଦଶରଥପୁର,
ଯାଜପୁର, ଓଡ଼ିଶା
ମୋ -୯୪୩୮୬୫୭୨୭

# ସେଲ ରାଉରକେଲା ଇସ୍ପାତ କାରଖାନାରେ ସତର୍କତା ସଚେତନତା ସପ୍ତାହ-୨୦୨୫ ଉଦ୍‌ଯାପିତ



ରାଉରକେଲା, ୪/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ଗୋପବନ୍ଧୁ ଅଡିଟୋରିୟମ ଠାରେ ନଭେମ୍ବର ୩ ତାରିଖ ଦିନ ସତର୍କତା ସଚେତନତା ସପ୍ତାହ - ୨୦୨୫ ର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ଓଡିଶା ଗ୍ରୁପ ଓଫ ମାଇନ୍ସ ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ ପି ସିଂହ, ଖଣି ବିକାଶ ବିଭାଗର ନିର୍ବାହୀ ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବି କେ ଗିରି, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ ଏବଂ ସତର୍କତା ବିଭାଗର ଜିଏମ ତଥା ଏ ସି ଭି ଓ ଶ୍ରୀ ରଞ୍ଜନ ଭାରତୀ ମଞ୍ଚାସୀନ ଥିବା ବେଳେ ବିତ୍ତ ଓ ଲେଖା ବିଭାଗ ର ସି ଜି ଏମ ଶ୍ରୀ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ର ସି ଏମ ଓ ଇନ ଚାର୍ଜ, ଡକ୍ଟର ଜେ.କେ. ଆଚାର୍ଯ୍ୟଙ୍କ ସମେତ ଆର ଏସ ପି ର ବହୁ ସି ଜି ଏମ , ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ସ୍କୁଲ ଛାତ୍ର ଛାତ୍ରୀଙ୍କ ସମେତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ଅଭିଭାଷଣ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ, 'ଆମକୁ ଆମ ଆଚରଣରେ ଯଥେଷ୍ଟ ସତର୍କ ରହିବା ଉଚିତ ଯାହା ଦ୍ୱାରା ଆମକୁ ସୁଧାରିବା ପାଇଁ ଏକ ପୃଥକ ସତର୍କତା ବିଭାଗର ଆବଶ୍ୟକତା ରହିବ ନାହିଁ।' ସେ ଆହୁରି ମଧ୍ୟ କହିଥିଲେ ଯେ ବିଦ୍ୟାଳୟଗୁଡ଼ିକ ହେଉଛି ସଚ୍ଚୋଟତାର ମୂଳଦୁଆ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ କେବେବି ପ୍ରଶ୍ନ ପଚାରିବାରେ ଦ୍ୱିଧା ନ କରିବାକୁ ମଧ ପ୍ରେରଣା ଦେଇଥିଲେ।

ଶ୍ରୀ ପଲାଇ ନିଜର ଅଭିଭାଷଣ ରେ କହିଥିଲେ ଯେ, 'ଛାତ୍ରଛାତ୍ରୀ ମାନେ ଯୁବ ମାନସ ଯେଉଁମାନେ ଆମର ଭବିଷ୍ୟତକୁ ନୂତନ ରୂପ ଦେଇ ପାରିବେ।' ସେ ଆହୁରି ମଧ କହି ଥିଲେ ଯେ ସତର୍କତା ଗୋଟିଏ ବିଭାଗର ଦାୟିତ୍ୱ ନୁହେଁ ବରଂ ସାମଗ୍ରିକ ଦାୟିତ୍ୱ ଅଟେ । ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଖୋଲା ହୃଦୟରେ ଏହାକୁ ସମସ୍ତଙ୍କ ଦ୍ୱାରା ଅଭ୍ୟାସ କରାଯିବା ଉଚିତ। ସେ ସତର୍କତାର ମହତ୍ତ୍ୱ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ଅନିଲ କୁମାର ନିଜର ବକ୍ତବ୍ୟରେ କହିଥିଲେ ଯେ ସତର୍କତା ଗୋଟିଏ ସପ୍ତାହ ମଧ୍ୟରେ ସୀମିତ ନୁହେଁ ବରଂ ଏକ ନିରନ୍ତର ପ୍ରକ୍ରିୟା ଯାହାକୁ ବର୍ଷସାରା ଅନୁସରଣ କରାଯିବା ଉଚିତ। ସେ ସମଗ୍ର ସଂଗଠନରେ ଏହି ଦିଗରେ ସଚେତନତା ପ୍ରସାର କରିବାରେ ନିରନ୍ତର ପ୍ରୟାସ ପାଇଁ ସତର୍କତା ବିଭାଗର ପ୍ରଶଂସା କରିଥିଲେ।

ଶ୍ରୀ ଏମ.ପି. ସିଂହ ନିଜର ଅଭିଭାଷଣ ରେ ସଚ୍ଚୋଟତା ଏବଂ ସାଧୁତା ଏକ ଶକ୍ତିଶାଳୀ ପ୍ରକ୍ରିୟା ଯାହା ରାଷ୍ଟ୍ରର ମୂଳଦୁଆ ଗଠନ ସହ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଭାରତ ରୂପରେ ଗଢି ତୋଳିବାରେ ଯୋଗଦାନ ଦେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଶ୍ରୀ ବି.କେ. ଗିରି ନିଜର ବକ୍ତବ୍ୟରେ ସାର୍ବଜନୀନ ସମ୍ପତ୍ତିର ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରି କହିଥିଲେ ଯେ ଏପରି ସାମୂହିକ ଦାୟିତ୍ୱ ଏକ ଶକ୍ତିଶାଳୀ ଏବଂ ଅଧିକ ସମୃଦ୍ଧ ରାଷ୍ଟ୍ର ଗଠନରେ ସହାୟକ ହେବ।

ପରିଶେଷ ରେ ନିଜର ବକ୍ତବ୍ୟରେ ଶ୍ରୀ ଏସ.ପାଲ ଚୌଧୁରୀ , ସତର୍କତା ଏକ ମଡେଲ ଯାହା ପ୍ରତ୍ୟେକ ସଂଗଠନ ଏବଂ ଜୀବନଶୈଳୀକୁ ମାର୍ଗଦର୍ଶନ କରେ ଯାହା ନିଜ ଠାରୁ ଆରମ୍ଭ ହୁଏ ବୋଲି କହି ଥିଲେ। ସେ ଆହୁରି ମଧ କହିଥିଲେ ଯେ, ଆମ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ସାଧୁତାର ରକ୍ଷକ ଏବଂ ଆର ଏସ୍ ପି ରେ ଡିଜିଟାଲ ପ୍ରୋଜେକ୍ଟ ପରିଚାଳନା ବ୍ୟବସ୍ଥା ସତର୍କତା ଏବଂ ସ୍ୱଚ୍ଛତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

ଏହି ପରିପ୍ରେକ୍ଷୀରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ୨୦୨୫ ମସିହା ର ସତର୍କତା ସଚେତନତା ସପ୍ତାହରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ପ୍ରାରମ୍ଭରେ, ଶ୍ରୀ ଭାରତୀ ସମାବେଶକୁ ସ୍ୱାଗତ କରିବା ସହିତ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ସତର୍କତା ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ଇନବାଉଣ୍ଡ ଏବଂ ଆଉଟରିଚ୍ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସପ୍ତାହକ ମଧ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ଛୋଟ ଭିଡିଓ, 'ଦି ଭିଜିଲାଣ୍ଟ ମାଇଣ୍ଡ' ପୋଡକାଷ୍ଟର ଦ୍ୱିତୀୟ ସିରିଜ୍, ଥିମ୍ ସଙ୍ଗୀତ ଭିଡିଓ ଏବଂ ପେରିଫେରାଲ୍ ସ୍କୁଲଗୁଡ଼ିକରେ ଆୟୋଜିତ ପଥପ୍ରାନ୍ତ ନାଟକର ଭିଡିଓ ଫିଲ୍ମର ଏକ ଝଲକ ମଧ ପ୍ରଦର୍ଶିତ ହୋଇଥିଲା। ରାଉରକେଲାର ଡିପିଏସ୍ ର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ମେଘା ଏବଂ ବୋଲାଣି ଡିଏଭି ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ସୁଶ୍ରୀ ତୃପ୍ତି ସଚ୍ଚୋଟତାର ସଂସ୍କୃତିର ଗୁରୁତ୍ୱ ଉପରେ ପ୍ରଭାବଶାଳୀ ଭାଷଣ ଦେଇଥିଲେ।

ସତର୍କତା ବିଭାଗ ଏ ଜି ଏମ ଶ୍ରୀ ଅବନୀ ବିଶ୍ୱାଲ, ଧନ୍ୟବାଦ ଅର୍ପଣ କରିଥିବା ବେଳେ ସି ସି ଡବ୍ଲ୍ୟୁ ବିଭାଗ ର ସିନିୟର ମ୍ୟାନେଜର ସୁଶ୍ରୀ କବିତା ବିଶୋୟୀ, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ନଭେମ୍ବର ୨୩ ରେ ଟାଟା ଷ୍ଟିଲ୍ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ

କେନ୍ଦୁଝର, ୪/୧୧ (ନି.ପ୍ର): ଟାଟା ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ଘୋଷଣା କରାଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ହେଉଛି "ପ୍ରତି ପାଦ ଏକ ସବୁଜ ଭବିଷ୍ୟତ ଆଡ଼କୁ'। ରନ୍-ଏ-ଥନ୍ ର ଦ୍ୱିତୀୟ ସଂସ୍କରଣ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଯୋଡ଼ା ଠାରେ ଆୟୋଜିତ ହେବ। ଟାଟା ଷ୍ଟିଲ୍ ଓର୍ ମାଇନ୍ସ ଆଣ୍ଡ୍ କ୍ୱାରିଜ୍ (ଓଏମ୍‌କ୍ୟୁ) ଡିଭିଜନର ଏହି ସିଗ୍ନେଚର କାର୍ଯ୍ୟକ୍ରମ ନଭେମ୍ବର ୨୩ ସକାଳ ୬ଟାରୁ କେନ୍ଦ୍ରୀୟ ଖେଳ ପଡ଼ିଆରେ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ୧୦ କିମି ଓ ୭ କିମି(ପୁରୁଷ ଓ ମହିଳା), ୫ କିମି (ବାଳକ ଓ ବାଳିକା) ଏବଂ ଏକ ଅଣପ୍ରତିଯୋଗିତାମୂଳକ ୨ କି.ମି.(ଦିବ୍ୟାଙ୍ଗ) ଭଳି ୩ଟି ପ୍ରତିଯୋଗିତାମୂଳକ ଦୌଡ଼ ରହିଛି। ଏହି ଦୌଡରେ ମୋଟ ପୁରସ୍କାର ରାଶି ୫.୬୭ ଲକ୍ଷ ଟଙ୍କା ରଖାଯାଇଛି ଓ ଓଏମ୍‌କ୍ୟୁର ମହାପ୍ରବନ୍ଧକ ଅତୁଲ୍ କୁମାର ଭଟ୍ଟନାଗର କହିଛନ୍ତି ଯେ, "ଯୋଡ଼ା ରନ୍-ଏ-ଥନ୍ ୨୦୨୫ରେ ସାଧାରଣଲୋକଙ୍କୁ ଏକତ୍ରିତ କରିବା ସହ ଫିଟ୍‌ନେସ୍ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବ। ମୁଁ ସମସ୍ତ ଦୌଡ଼ପ୍ରେମୀମାନଙ୍କୁ ଏଥିରେ ଅଂଶଗ୍ରହଣ କରିବା ସହ ଏକ ଦୀର୍ଘସ୍ଥାୟୀ ଓ ପରିବେଶ ଅନୁକୂଳ ଭବିଷ୍ୟତ ଦିଗରେ ଯୋଗଦାନ ଦେବାକୁ ଅନୁରୋଧ କରୁଛି। ଏଥିସହିତ ପ୍ରତ୍ୟେକ ପ୍ରତିଯୋଗୀ ପାଇଁ ଟାଟା ଷ୍ଟିଲ ଦ୍ୱାରା ଗୋଟିଏ ଚାରା ରୋପଣ କରାଯିବ ଓ' ଟାଟା ଷ୍ଟିଲ୍‌ରେ କ୍ରୀଡ଼ା ହେଉଛି ଏକ ଜୀବନଶୈଳୀ। ଆରମ୍ଭରୁ ହିଁ କମ୍ପାନୀ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ କ୍ରୀଡ଼ାରେ ଉତ୍କର୍ଷତା ସୃଷ୍ଟି କରିବାର ସୁଯୋଗ ସୃଷ୍ଟି କରି ଏକ ସ୍ୱାସ୍ଥ୍ୟ ସଚେତନ ସମାଜ ଗଢ଼ିବାକୁ ପ୍ରୋତ୍ସାହିତ କରିଆସିଛି। ଟାଟା ଷ୍ଟିଲ୍ ଜାମସେଦପୁର, କୋଲକାତା, ନୁଆମୁଣ୍ଡି ଏବଂ ମେରାମଣ୍ଡଳୀ ଭଳି ନିଜର କାର୍ଯ୍ୟକ୍ଷେତ୍ରରେ ଦୌଡ଼ ଆୟୋଜନ କରୁଛି। ଏହି ଅବସରରେ ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର ଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୟପୁରରେ ଚୋରି ବଢୁଛି

ଜୟପୁର , ୪/୧୧ (ନି.ପ୍ର): ଜୟପୁର ସହରରେ କିଛି ଦିନର ବ୍ୟବଧାନ ପରେ ଲୁଟେରା ମାନେ ସକ୍ରିୟ ହୋଇ ଚୋରି କରିବାରେ ସଫଳ ହେଉଥିବା ବେଳେ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। କେଉଁ ଦିନ ଘରୁ ଚୋରି ତ କେଉଁଦିନ ବ୍ୟବସାୟୀକ ପ୍ରତିଷ୍ଠାନ ଓ ମନ୍ଦିରରେ ବୁଲୁଛି କଳାକନା। ସହରରେ ଚୋରିହାରି ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ପୁଲିସ ନିଷ୍କ୍ରିୟତା କାରଣରୁ ଅନେକ ଆଉ ଥାନାକୁ ଅଭିଯୋଗ କରିବାକୁ ଆସୁ ନାହାନ୍ତି। ବହୁ ପୁରୁଣା ମାମଲାରେ ଏଯାବତ ପୁଲିସ ଲୁଟେରାଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ। ଜୟପୁର ସହରରେ ପୁଲିସକୁ ଖାତିର ନକରି ଗୃହରେ ତାଲାଭାଙ୍ଗି ଚୋରି ହେଉଥିବା ଘଟଣା ବାରମ୍ବାର ଘଟୁଛି। ଏହିପରି ପୁଲିସ ବିଭିନ୍ନ ସମୟରେ ଏହି ଲୁଟେରା ମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରୁଛି କିନ୍ତୁ ଚୋରି ଏବ? ଲୁଟ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଗତ ୧ ତାରିଖ ଶନିବାର ରାତ୍ରୀରେ ସ୍ଥାନୀୟ ଏଚ.କେ କଲୋନୀର ରବିନ୍ଦ୍ର ନାଥ ଦାଶ ଏବେ ତାଙ୍କ ପରିବାର ଗୃହରେ ତାଲା ଦେଇ ବାହାରକୁ ଯାଇଥିଲେ। କିନ୍ତୁ ଏହାର ପରଦିନ ସାହି ପଡିଶା ତାଙ୍କର ଘରର ମୁଖ୍ୟ ଫାଟକ ଏବେ କବାଟର ତାଲା ଭଙ୍ଗାଯାଇଥିବା ନେଇ ସୂଚନା ଦେଇଥିଲେ। ଗତକାଲି ପରିବାର ଲୋକମାନେ ଘରକୁ ଫେରିବା ପରେ ଘର ଭିତରେ ଥିବା ୫ଟି ଆଲମିରା ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କାର ୯ତୋଳାର ସୁନା ଏବ? କିଛି ରୁପା ଅଳଙ୍କାର ସମେତ ୨୫ ହଜାର ଟଙ୍କା ନେଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥରେ ପହଁଚି ସ୍ଥାନୀୟ ଅଂଚଳର ସିସି କ୍ୟାମେରା ଯାଂଚ କରିବା ସହ ସାଇଣ୍ଟିଫିକ ଦଳର ସହାୟତାର ତଦନ୍ତ ଆରମ୍ଭ କରିଛନ୍ତି। ଏହିପରି ସିସି କ୍ୟାମେରାରେ ଲୁଟେରା ମାନେ କପଡାରେ ମୁହଁ ଢାଙ୍କିଥିବା ଦୃଶ୍ୟ ହୋଇଛି। ତଦନ୍ତକାରୀ ଅଧିକାରୀ ଭାବେ ଏସଆଇ ଦୀପକ ପଣ୍ଡା ଘଟଣାସ୍ଥଳରେ ପହଁଚି ତଦନ୍ତ ଜାରୀ ରଖିଛନ୍ତି। ସେହିପରି ସେହି ଅଂଚଳର ଅନ୍ୟଜଣେ ସୌମ୍ୟରଞ୍ଜନ ଦାସଙ୍କ ଘରେ ତାଲା ପଡିଥିବା ସୁଯୋଗ ପାଇ ଚୋର ଦଳ ଚୋରି କରିବାରେ ସଫଳ ହୋଇଥିଲେ। ସେ ?ମ୍ୟରଞ୍ଜନଙ୍କ ଘରୁ ୫୦ ହଜାର ଠାକୁର ହୁଣ୍ଡି ଟଙ୍କା ସହ ଲକ୍ଷାଧିକ ଟଙ୍କାର ଇଲୋକ୍ଟ୍ରନିକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଚୋରଦଳ ଅନ୍ୟ ୩ଟି ଘରେ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ବିଫଳ ହୋଇଥିବା ଜଣାପଡିଛି। ସେହିପରି ଗତକାଲି ରାତ୍ରିରେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଜନୈକ ବ୍ୟକ୍ତିଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତି ଜଣକ ଘରେ ତାଲା ପଡିଥିବା ଯୋଗୁଁ କେତେ ପରିମାଣରେ ଚୋରି ହୋଇଛି ତାହା ଆକଳନ ହୋଇ ପାରିନାହିଁ। ଚୋରି ଉପଦ୍ରବରେ ଅତିଷ୍ଠ ହୋଇ ପଡିଥିବା ଏଚକେ କଲୋନୀ ବାସୀ ପୁଲିସ ଉପରୁ ଭରସା ତୁଟାଇବା ପରେ ବେସରକାରୀ ଭାବେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ସ୍ଥିର କରିଛନ୍ତି। ନିଜେ ସାହି ବାସିନ୍ଦା ଚାନ୍ଦା ଆଦାୟ କରି ସୁରକ୍ଷାକର୍ମୀଙ୍କୁ ଦରମା ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। ପୁଲିସ ପେଟ୍ରୋଲି ଗାଡି ପ୍ରସାଦରାଓ ପେଟା, କୁମ୍ଭାର ସାହି ଅଂଚଳକୁ ନିୟମିତ ଭାବେ ଆସୁନଥିବା ଯୋଗୁଁ ଚୋରି ସଂଖ୍ୟା ବଢିବାରେ ଲାଗିଛି। ପୂର୍ବରୁ ଇନ୍ଦିରା ଛକରେ ହୋମଗାର୍ଡ ମାନେ ରାତି ଜଗୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ମଧ ଦେଖା ମିଳୁନାହିଁ। ରାତି ତମାମ ଚୋର ସହରରେ ମାତୁଥିବା ବେଳେ ପୁଲିସ ନିଷ୍କ୍ରିୟ ହୋଇଥିବା ପରି ମନେ ହେଉଛି। ତେଣୁ ଟାଉନ ପୁଲିସ ସଜାଗ ହୋଇ ସହରର ଗଳିକନ୍ଦିରେ ପେଟ୍ରୋଲି ? ଗାଡି ପଇଁତରା ମାରିଲେ ଚୋର ଦଳକୁ ରୋକିବାରେ ସକ୍ଷମ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସରକାରୀ ସହାୟତାରୁ ବଂଚିତ ଭିନ୍ନକ୍ଷମ ତ୍ରିଲୋଚନ

ଘଟଗାଁ, ୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଘଟଗାଁ ବ୍ଲକର ବଳଭଦ୍ରପୁର ଗ୍ରାମପଂଚାୟତ ନୁଦୁରୁପଡା ଗ୍ରାମରେ ବାସ କରୁଥିବା ଗରିବ ଭିନ୍ନକ୍ଷମ ତ୍ରିଲୋଚନ ବେହେରା ସରକାର ସାହାୟତା ପାଇପାରୁ ନଥିବା ଅଭିଯୋଗ ହୋଇଛି ପ୍ରକାଶ ଯେ ରାଜ୍ୟ ଓକେନ୍ଦ୍ର ସରକାର ଗରିବ ଅସହାୟ ବିଧବା ବୃଦ୍ଧ ବୃଦ୍ଧା ବିକଳାଙ୍ଗ ଏବଂ ଭିନ୍ନକ୍ଷମ ମାନଙ୍କପାଇଁ ବିଭିନ୍ନ ସହାୟତା ଭତା ପ୍ରଚଳନ କରିଛନ୍ତକିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ପ୍ରଶାସନ ରାଜନୈତିକଙ୍କ ତଦାରଖ ଅବହେଳାରୁ ଭିନ୍ନକ୍ଷମ ବ୍ୟକ୍ତି ତ୍ରିଲୋଚନ ବେହେରା ୨୦୨୩ମସିହାରୁ ଭିନ୍ନକ୍ଷମ ଭତା ପାଇବାପାଇଁ ପଂଚାୟତ ଠାରୁ ବ୍ଲକପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଆସୁଥିଲେ ମଧ୍ୟ ଭତା ପାଇବାରୁ ବଂଚିତ ହୋଇଥିବା ଉଦବେଗ ପ୍ରକାଶ ପାଇଛିଏଠାରେ ସୂଚନା ଯୋଗ୍ୟଯେ ପରିବାରର ଭରଣ ପୋଷଣ ପାଇଁ ଭିନ୍ନକ୍ଷମ ଶ୍ରୀ ବେହେରାନୁଦୁରୁପଡା ସ୍ଥିତ ମାତାରିଣୀ ମନ୍ଦିର ଛକାନିକଟରେ ବସି ବରାମଜା ବିକ୍ରି କରୁଥିବାବେଳେ ତାଙ୍କ ସ୍ତ୍ରୀ ପର ଘରେ ମୁଲ ଲାଗୁ ଛନ୍ତି ବାପମାର ଏ ଦୟନୀୟ ଅବସ୍ଥା ଦେଖି ଦାଦନ ଖଟିବାକୁ ବାହାରକୁ ଚାଲିଯାଇଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଭିନ୍ନକ୍ଷମ ଭତା ତ୍ରିଲୋଚନ ବେହେରାଙ୍କୁ ଯୋଗାଇ ଦେବାକୁ ପଂଚାୟତ ଜନସାଧାରଣ ନିବେଦନ କରିଛନ୍ତି।

# ନହୁଣୀ ପଂଚାୟତର ୨ନଂ ୱାର୍ଡରେ ପାନୀୟ ଜଳ ସମସ୍ୟା ଉତ୍କଟ

କେନ୍ଦ୍ରାପଡା, ୩/୧୧ (ନି.ପ୍ର): ନେତାଙ୍କ ପ୍ରତିଶୃତି ପାଣିରେ ଗାର ପାଲଟିଛି । ନେତାଙ୍କ ଦ୍ୱାରା ଏଠାରେ ପାନୀୟଜଳ ପ୍ରକଳ୍ପ ପାଇଁ ଫଳକ ଲାଗିଛି, ପାଣି ଆସିବ ବୋଲି ବାରମ୍ବାର କହି ନେତା ଏଠାରୁ ଭୋଟ ବି ନେଇଛନ୍ତି ହେଲେ ରାଜକନିକା ବ୍ଲକ ନହୁଣୀ ପଂଚାୟତ ଦୁଇ ନମ୍ବର ୱାର୍ଡ ରେ ପିଇବା ପାଣି ପାଇଁ ମହିଳା ପାଖ ଗାଁ ଉପରେ ନିର୍ଭର କରୁଛନ୍ତି । ଏହି ପଂଚାୟତର ନୂଆଗାଁ (ଫୁଲଗଡିଆ) ହରିଜନ ସାହିର ୧୬ ପରିବାର ଦୈନିକ ପାଣି ପାଇଁ ଏ କିମି ଦୂର ନୂଆଗାଁ କୁ ଯାଉଛନ୍ତି । ଏହି ଗାଁ କୁ ରାସ୍ତା ନ ଥିବାରୁ ବର୍ଷା ଦିନେ କାଦୁଅ ପଚ ପଚ ରାସ୍ତାରେ ଜୁଡୁବୁଡୁ ହୋଇ ପୁଣି ଶ୍ମଶାନ ଦେଇ ପାଣି ଗରାଏ ଆଣିବାକୁ ବାଧ ହେଉଛନ୍ତି କ୍ଷ ସାହି ଲୋକଙ୍କ ଅଭିଯୋଗ ମୁତାବକ ପ୍ରତି ନିର୍ବାଚନରେ ନେତା ଆସନ୍ତି ହାତ ଯୋଡି ଭୋଟ ମାଗନ୍ତି, ମେଂଚାଏ ପ୍ରତିଶୃତି ଦେଇକି ପଳାନ୍ତି, ଆମେ ସେମିତି ଘାଣ୍ଟି ହେଉଚୁ ବୋଲି ଏହି ଗାଁ ର ଦୀପଙ୍କର ଜେନା, ଉପେନ୍ଦ୍ର ଜେନା, ଅଂଚଳ ଜେନା, ରଞ୍ଜୁଲତା ଜେନା, ରିତାରାଣୀ ଜେନା, ଶାନ୍ତିଲତା ଜେନା, ଲକ୍ଷ୍ମୀ ଜେନା, ପଦ୍ମାବତୀ ଜେନା, ଉମା ଜେନା ଓ ବସୁମତୀ ଜେନା ଅଭିଯୋଗ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ସାହିରେ ଆଗରୁ ଥିବା ନଳକୂପଟି ଆଉ ମରାମତି ନ ହେବାରୁ ଏବେ ବଣ ଭିତରେ ଲୁଚି ଯାଇଥିବା ବେଳେ ଖୋଳା ଯାଇଥିବା କୂଅଟି ମଧ ବ୍ୟବହାର ଉପଯୋଗୀ ହୋଇନାହିଁ । ଫଳରେ ରାତି ପାହିଲେ ଏହି ସାହିର ଲୋକେ ପିଇବାପାଣି ପାଇଁ ଅନ୍ୟ ଗାଁ ଉପରେ ନିର୍ଭର କରିବାକୁ ବାଧ ହୋଇଛନ୍ତି । ଜିଲ୍ଲାପାଳ ମହୋଦୟ ନହୁଣୀ ପଂଚାୟତର ଏହି ହରିଜନ ସାହିରେ ପିଇବା ପାଣି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବୀ ହୋଇଛି ।

# ନୂତନ ବୁଦେଲକାନି ପଂଚାୟତ ଗଠନ ପାଇଁ ଗୁଣ୍ଡୁରୁଚୁଆଁ ପଂଚାୟତକୁ ବିଭାଜନ ଦାବି

ସମ୍ବଲପୁର, ୪/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡୁରୁଚୁଆଁ ପଂଚାୟତକୁ ୨ ଭାଗ କରି ନୂତନ ଭାବେ ବୁଦେଲକାନି ପଂଚାୟତ ଗଠନ ପାଇଁ ସ୍ଥାନୀୟ ଅଂଚଳବାସୀ ଦୃଢ ଦାବି ଉଠାଇଛନ୍ତି। ଆଜି ବୁଦେଲକାନି ଗାଁରେ ପଂଚାୟତ ପ୍ରମୁଖ ସଂଯୁକ୍ତ ପଟେଲ୍‌ଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ପୂର୍ବତନ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ ମୁଖିଆ ଭାବରେ ଯୋଗ ଦେଇଥିଲେ। ଗାଁ'ର ଭଦ୍ରବ୍ୟକ୍ତି ମାନଙ୍କ ଉପସ୍ଥିତିରେ ନୂଆ ପଂଚାୟତ ଗଠନ କରାଯିବାକୁ କେଉଁ କେଉଁ ସମସ୍ୟାକୁ ନେଇ ଲୋକେ ଦାବି ଉଠାଉଛନ୍ତି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୋଟ୍ ୧୨ ଗୋଟି ରାଜସ୍ୱ ଗାଁ'କୁ ନେଇ ଗଠିତ ଗୁଣ୍ଡୁରୁଚୁଆଁ ପଂଚାୟତର ଭୋଟର ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୬ ହଜାରରୁ ଉର୍ଦ୍ଧ୍ୱ ରହିଛି। ଉଭୟ ପ୍ରଶାସନିକ ଓ ଜନ ସାଧାରଣଙ୍କ ସେବା ଓ ସୁବିଧା ଦୃଷ୍ଟିରୁ ଗୁଣ୍ଡୁରୁଚୁଆଁ ପଂଚାୟତକୁ ଦୁଇ ଭାଗ କରି ଅନ୍ୟ ଏକ ନୂଆ ବୁଦେଲକାନି ପଂଚାୟତ ଗଠନ କରାଯିବାର ଆବଶ୍ୟକତା ରହିଛି। ଆହୂତ ବୈଠକରେ ଆଲୋଚନା ପରେ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯିବ ବୋଲି ଆଜିର ସଭାରେ ନିଷ୍ପତି ନିଆଗଲା। ଆସନ୍ତା ୧୪ ତାରିଖରେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ଗୁଣ୍ଡୁରୁଚୁଆଁ ପଂଚାୟତ ଗସ୍ତରେ ଆସୁଥିବାରୁ ତାଙ୍କର ଦୃଷ୍ଟି ଆକର୍ଷଣ କରାଯିବା ସହ ଏହି ଦାବିପତ୍ର ଦେବାପାଇଁ ସ୍ଥିରୀକୃତ ହୋଇଥିଲା। ଏହି ଆଲୋଚନା ବେଳେ ବିନୋଦ ପଟେଲ୍, ସୁଶାନ୍ତ ପଟେଲ୍, ଗୋପୀନାଥ କାଲୋ, ଭୁଲେଶ୍ୱର୍ ମୁଣ୍ଡା, ଆଶୋକ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସ୍ଥାନୀୟ ଗ୍ରାମବାସୀବୃନ୍ଦ ଉପସ୍ଥିତ ଥିଲେ।

# ଆସନ୍ତା ୭ରୁ ୨୫ ନଭେମ୍ବର ପର୍ଯ୍ୟନ୍ତ ସମ୍ବଲପୁର ଲୋକସଭା କ୍ଷେତ୍ରରେ ସାଂସଦ ଖେଳ ମହୋତ୍ସବ-୨୦୨୫

ସମ୍ବଲପୁର, ୪/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ଥିବା ଗାଁ ଓ ସହରାଂଚଳରୁ ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ ଆସନ୍ତା ନଭେମ୍ବର ୭ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଲୋକସଭା କ୍ଷେତ୍ରରେ "ସାଂସଦ ଖେଳ ମହୋତ୍ସବ - ୨୦୨୫" ଆୟୋଜନ ହେବାକୁ ଯାଉଛି । ଚଳିତବର୍ଷ 'ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ' ଥିମରେ ଆୟୋଜିତ ଏହି ମହୋତ୍ସବ ଦେଶର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଭାବନାକୁ ଉଜ୍ଜୀବୀତ କରିବାର ଏକ ଅନନ୍ୟ ପ୍ରୟାସ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ' ଏବଂ 'ଖେଲୋ ଇଣ୍ଡିଆ' ଅଭିଯାନକୁ ଆଗକୁ ବଢ଼ାଇବା ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତିରେ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଉପରେ ଦିଆଯାଇଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ମହୋତ୍ସବ ଛାତ୍ରଛାତ୍ରୀ ତଥା ଯୁବକମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ । ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ନଭେମ୍ବର ୭ ତାରିଖରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ଦେବଗଡ଼ ଜିଲ୍ଲାର ତିଳେଇବଣି ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏହି ମହୋତ୍ସବର ଶୁଭ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ । ଏହାବ୍ୟତୀତ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପାଇଁ ନଭେମ୍ବର ୧୧ ତାରିଖରେ ଢେଙ୍କାନାଳ ଷ୍ଟାଡିୟମରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯିବ । ମୋଟ ୧୯ ଦିନ ଧରି ଚାଲିବାକୁ ଏହି ସାଂସଦ ଖେଳ ମହୋତ୍ସବ ସମ୍ବଲପୁର ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ, ଢେଙ୍କାନାଳ ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିଯୋଗିତାରେ ଦୁଇଟି ବିଭାଗ ଯଥା କନିଷ୍ଠ ବିଭାଗରେ ୧୪ ରୁ ୧୭ ବର୍ଷ ଏବଂ ବରିଷ୍ଠ ବିଭାଗରେ ୧୮ ରୁ ୨୩ ବର୍ଷ ପାଇଁ କ୍ରୀଡ଼ା ପ୍ରତିଯୋଗିତା ହେବ । ୧୪ ରୁ ୧୭ ବର୍ଷ ପାଇଁ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟଫୁଟ ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ୧୮ରୁ ୨୩ ବର୍ଷର ଖେଳାଳୀମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟଫୁଟ ଏବଂ କବାଡ଼ି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ । ଗ୍ରାମାଂଚଳ ଏବଂ ସହରାଂଚଳରେ ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଜିଲ୍ଲା ସ୍ତରରୁ ରାଜ୍ୟ ତଥା ଜାତୀୟ ସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତା ପାଇଁ ଏକ ମଜବୁତ ମଂଚ ଯୋଗାଇ ଦେବା ସାଂସଦ ଖେଳ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ।

# ଯନ୍ତ୍ରୀଙ୍କ ଭୁଲ ନକ୍ସା ଯୋଗୁଁ ରାସ୍ତା କାମ ଅଧା: ହିନସ୍ତା ହେଉଛନ୍ତି ଗ୍ରାମବାସୀ

କେନ୍ଦ୍ରାପଡ଼, ୪/୧୧ (ନି.ପ୍ର): ସରକାରୀ ଅର୍ଥରେ ରାସ୍ତା ତିଆରି ହେଲା, ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଭୁଲ ନକ୍ସା ଯୋଗୁ ଏହି ରାସ୍ତା ଏ ଜଣେ ବ୍ୟକ୍ତିଗତ ଲୋକର ଜାଗା ଦେଇ ଯାଉଥିବାରୁ ସେ ବିରୋଧ କରି ରାସ୍ତା କାମ ବନ୍ଦ କଲେ। ଫଳରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ଅଧାପନ୍ତରିଆ ହୋଇ ରହିଛି । ଫଳରେ ଗାଁ କୁ ସଂଯୋଗ କରୁଥିବା ରାସ୍ତାଦେଇ ଚଳପ୍ରଚଳ ଅଚଳ ହୋଇଯାଇଛି। ଗାଁ ଭିତରକୁ ଆମ୍ବୁଲାନ୍ସ ହେଉ କିମ୍ବା ଅଗ୍ନିଶମ ଗାଡି ପଶି ପାରୁନାହିଁ। ଏଭଳି ସମସ୍ୟାରେ ଛନ୍ଦିହୋଇ ରହିଥିବା କେଶନଗର ଗାଁ ଲୋକେ ଗାଁ କୁ ସବୁଦିନିଆ ରାସ୍ତାଟିଏ ପାଇବାରୁ ବଂଚିତ ହୋଇ ରହିଛନ୍ତି। ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ଆରଡ଼ି ବିଭାଗର ଏହି ରାସ୍ତାଟି ମହେନ୍ଦ୍ର ସାହୁଙ୍କ ଘର ଠାରୁ ମହେଶ୍ୱର ସାହୁ ଘର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ କେଶନଗର ଗାଁ ମୁଣ୍ଡରୁ ୨୦୦ ମିଟର ଲମ୍ବର ରାସ୍ତା ଏହା ଘରୋଇ ଜମିରେ ଯାଉ ଥିବାରୁ ଏହାକୁ ଜମି ମାଲିକ ବିରୋଧ କରିଥିଲେ। ଫଳରେ ଏହି ରାସ୍ତା ନିର୍ମାଣ ପରେ ବି କୌଣସି କାମରେ ଆସୁନାହିଁ। ତେବେ ଦାୟିତ୍ୱରେ ଥିବା ଜେଇଙ୍କ ଅପରିଣାମ ଦର୍ଶୀ ନିଷ୍ପତି ପାଇଁ ଏହି ରାସ୍ତା ଏବେ ସମସ୍ତଙ୍କ ପାଇଁ ଅପହଂଚ ହୋଇ ରହିଛି । ଆଗକୁ ବହୁ ଚଉଡା ରାସ୍ତା ଥିବା ବେଳେ ଗାଁ ରୁ ବାହାରିବାକୁ ଥିବା ରାସ୍ତା ଅଣଓସାରିଆ ଜାଗାରେ ଆଗଭଳି ରହିଛି । ତେବେ କେଶନଗର ଗାଁର ପଛପଟୁ ଦେଇ ଯାଉଥିବା ଏହି ରାସ୍ତା ପୂର୍ଣ୍ଣାଙ୍ଗରେ ବ୍ୟକ୍ତିଗତ ଜାଗା ବାଧକ ସାଜି ଥିବାରୁ କେଶନଗର, ଝାରକଟା, ମଙ୍ଗଳପୁର ଓ ଦଶଭଗରିଆ ଗାଁ ଲୋକେ ଯିବା ଆସିବାରେ ହଇରାଣ ହେଉଛନ୍ତି। ତେବେ ସରକାର ଅର୍ଥ ଖର୍ଚ୍ଚ କରି ଲୋକଙ୍କ ପାଇଁ କରିଥିବା ରାସ୍ତା ଯଦି କାମରେ ଆସୁନି ତେବେ କଣ ପାଇଁ ବିଭାଗ ଏ ଯାଏ ତାର ନିରାକରଣ କରୁନାହିଁ ବୋଲି ଶରତ ମଲିକ, ଦୁର୍ଯୋଧନ ଧଳ, ବିଦ୍ୟାଧର ମଲିକ, ଯୁଧିଷ୍ଠିର ବାରିକ, ବିଶ୍ୱନାଥ ପରିଡା, ଉମେଶ ଚନ୍ଦ୍ର ଧଳ, ବିଜୟ କେତନ ସାହୁ, ଅଭୟ ବାରିକ ଓ ଗୋଲେଖ ସ୍ୱାଇଁ ପ୍ରମୁଖ ଦାବୀ କରିଛନ୍ତି। ଏ ସମ୍ପର୍କରେ ଆରଡ଼ି ବିଭାଗର ଜେଇ ଙ୍କ ସହ ଯୋଗାଯୋଗ କରି ଥିଲେ ହେଁ ତାହା ସମ୍ଭବ ହୋଇନାହିଁ। ତେବେ ଧୋୟାଂଚଳର ଏହି ନିତିଦିନିଆ ରାସ୍ତା ପାଇଁ ଜିଲ୍ଲାପାଳ ମହୋଦୟ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହୋଇଛି।

# ହାତୀ ଦେଖିବା ମହଙ୍ଗା ପଡିଲା : ହାତୀ ଆକ୍ରମଣରେ ଯୁବକ ଗୁରୁତର

ଚମ୍ପୁଆ, ୪/୧୧ (ନି.ପ୍ର): ହାତୀ ଦେଖିବାକୁ ଯିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଯୁବକଙ୍କ ହାତରେ ହାତୀ ଦାନ୍ତ ଭୁଷି ଦେବାରୁ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଆଜି ଦିନ ପ୍ରାୟ ଏଗାରଟାବେଳେ ଚନ୍ଦ୍ରଶେଖରପୁର ପଂଚାୟତ ବଳଭଦ୍ରପୁର ଗ୍ରାମ ପାତାସାହିର ଗୁରୁଚରଣ ମୁଣ୍ଡାଙ୍କ ପୁଅ ନରେନ୍ଦ୍ର ମୁଣ୍ଡା(୨୭) ଚମ୍ପୁଆ ବନାଂଚଳ ଉଖୁଣ୍ଡା ସେକ୍ସନ ବାଙ୍କିଆ ବିଟ ଅର୍ନ୍ତଗତ କାଟୁଳିକନା ଜଙ୍ଗଲରେ ଗୋଟେ ଗୋଠ ଛଡ଼ା ଦନ୍ତା ହାତୀ ଥିବା ଜାଣି କିଛି ସାଙ୍ଗଙ୍କ ସହ ସେଠାକୁ ହାତୀ ଦେଖିବାକୁ ଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ନରେନ୍ଦ୍ର ହାତୀଟିର ଅତି ନିକଟକୁ ଚାଲି ଯାଇ ହାତୀକୁ ଚିଡ଼ାଇବାକୁ ପ୍ରୟାସ କରିବାରୁ ହାତୀଟି ହଠାତ ବୁଲିପଡ଼ି ନରେନ୍ଦ୍ରଙ୍କୁ ଶୁଣ୍ଢରେ ଠେଲି ଦେବାରୁ ନରେନ୍ଦ୍ର ନିକଟରେ ଥିବା ହିଡ଼ ତଳକୁ ଖସି ପଡ଼ି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତି ଯାଇଥିଲେ। ତାଙ୍କର ଡାହାଣ ହାତରେ ହାତୀଦାନ୍ତ ବାଜି କ୍ଷତ ହୋଇଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ସେଠାରୁ ଉଦ୍ଧାର କରାଯାଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ହାତୀ ନିକଟକୁ ନଯିବା ପାଇଁ ବନବିଭାଗ ତରଫରୁ ବାରମ୍ବାର ନିବେଦନ କରାଯାଉଥିଲେ ମଧ୍ୟ କିଛି ଅମାନିଆ ନିୟମିତ ଭାବେ ହାତୀ ଥିବା ସ୍ଥାନକୁ ଯିବାସହ ହାତୀଙ୍କୁ ବିରକ୍ତ କରିବା ଭଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଅମାନିଆଙ୍କ ଉପରେ ବନବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

# ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଖୋଲିଲା ଗୁମର: ଅଧାରୁ ଅଧିକ ହିତାଧିକାରୀ ଅଯୋଗ୍ୟ

ବାଲିଆପାଳ, ୪/୧୧ (ନି.ପ୍ର): ବାଲିଆପାଳ ବ୍ଲକ୍‌ରେ ମୋଟ ୨୭,୯୬୬ ରାସନ କାର୍ଡ ହିତାଧୀକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି । ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ଏହି ତଥ୍ୟକୁ ନେଇ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି । ଏହି ରିପୋର୍ଟରେ କେତେ ସତ୍ୟତା ରହିଛି ଖୁବଶୀଘ୍ର ତଦନ୍ତ ଆରମ୍ଭ ହୋଇଛି ଆଉ ତଦନ୍ତ ପରେ ଅଯୋଗ୍ୟ ହିତାଧୀକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।ରେସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମର ତଥ୍ୟ ଅନୁଯାୟୀ ଯେଉଁମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ୨.୪୭(ଏକ ହେକଟର)ଏକରରୁ ଉର୍ଦ୍ଧ ଜମି ଦର୍ଶାଇଥିବେ, ଆୟକର ଦେଉଥିବେ, ୪ ଚକିଆ ଗାଡ଼ି ଥିବ,ତିନି ବଖରା ରୁ ଅଧିକ ଘର ଥିବ, ପେନସନ ଧାରୀ ଏହିପରି ମୋଟ ୨୫ଟି ନିୟମ ଆଧାରରେ ବାଲିଆପାଳ ବ୍ଲକରେ ୨୭ ହଜାର ୯୬୬ଟି ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି। ବ୍ଲକ୍‌ରେ ମୋଟ ୫୦ ହଜାର ପାଖାପାଖି କାର୍ଡଧାରୀ ଥିବାବେଳେ ସେଥିରୁ ଅଧାରୁ ଅଧିକ କାର୍ଡକୁ ନେଇ ତଦନ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି ।ବୋଲଙ୍ଗ ଓ ବିଷ୍ଣୁପୁର ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି ସର୍ବାଧିକ ଅଯୋଗ୍ୟ ହିତାଧୀକାରୀ। ଏହି ପଞ୍ଚାୟତରୁ ବୋଲଙ୍ଗ ୧୬୭୮ବିଷ୍ଣୁପୁର ରୁ ୧୬୩୨ କାର୍ଡ ରହିଥିବା ବେଳେ ତା'ତଲକୁ ଟ୍ରେଁଖ ପଞ୍ଚାୟତରେ ୧୨୭୭, ମଧୁପୁରା ୧୧୦୯, ଅଳାଡ଼ିହା ୧୧୫୯, ଅସ୍ତି ୧୨୫୮,ବଡାଶ ୧୨୭୫, ବାଲିଆପାଳ୮୧୩, ବାଲିକୁଟି ୮୩୮, ବଳରାମପୁର ୭୬୪, ବର୍ଣ୍ଣଆଡିହା ୧୨୮୪,ଡଗରା ୧୧୬୧, ଦେଉଳା ୧୦୮୪, ଦେଭୋକ ୭୧୪, ଘାଣ୍ଟୁଆ ୭୦୨, ଜଗତିପୁର ୧୧୭୯, ଜାମୁକୁଣ୍ଡା ୯୭୪, ଜାମ୍ବୀରାଇ ୮୯୧, କୁମ୍ଭାରୀ ୫୯୭, କୁଣ୍ଡଳୀ ୧୨୩୦, ନିଖିରା ୧୧୮, ନୂଆଗାଁ ୯୬୩, ପ୍ରତାପପୁର ୧୦୬୫, ପଞ୍ଚୁପାଲି ୬୯୫, ରତାଇ ୯୦୬, ଶ୍ରୀରାମପୁର ୭୬୮ଟି ସନ୍ଦିଗ୍ଧ କାର୍ଡ ଚିହ୍ନଟ ହୋଇଛି। ଏମାନେ ସରକାରୀ ମାନଦଣ୍ଡ ବାହାରେ ଥାଇ ରାସନ ନେଉଛନ୍ତି ୨୭, ୯୬୬ କାର୍ଡର ପୁନଃ ଯାଞ୍ଚ ହେବ ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ ଏହି ତାଲିକା ପ୍ରଘଟ ହେବା ପରେ ଅଯୋଗ୍ୟ ହିତାଧୀକାରୀଙ୍କ ନିଦ ହଜିଯାଇଛି।

# କଳିଙ୍ଗ ବାଲିଯାତ୍ରା-୨୦୨୫ ଉଦ୍‌ଘାଟିତ




ପାରାଦୀପ, ୪/୧୧ (ନି.ପ୍ର): ଆଜି ସନ୍ଧ୍ୟାରେ ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନରେ କଳିଙ୍ଗ ବାଲିଯାତ୍ରା-୨୦୨୫ ଉଦଘାଟିତ ହୋଇଯାଇଛି ।ଏହି ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳିଙ୍ଗ ବାଲିଯାତ୍ରା-୨୦୨୫ ଉଦଘାଟିତ କରିଥିଲେ । ଆଧୁନିକ ଚକା ଚକ୍ୟରେ ଯୁବ ପିଢ଼ି ଭାସି ନ ଯାଇ ଓଡ଼ିଆ ଅସ୍ମିତାକୁ ବଞ୍ଚାଇ ରଖିଛନ୍ତି । ଆମର ପକୃତରେ ସମ୍ପତି ହେଉଛନ୍ତି ଆପଣ ମାନେ । ବାଲିଯାତ୍ରାରେ ଓଡ଼ିଆଙ୍କ ପରମ୍ପରା ଓ ସଂସ୍କୃତି ର ଝଲକ ଦେଖିବାକୁ ମିଳି ଥାଏ ସଂସ୍କୃତି ର ବାହକ ରୂପେ ବାଲିଯାତ୍ରା ପରିଗଣିତ ହେଇ ଥାଏ । ଐତିହ୍ୟ ଓ ପରମ୍ପରାର ସ୍ମୃତିଚାରଣ ନିମନ୍ତେ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି । ମୁଖ୍ୟ ବକ୍ତା ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଥିଲେ ଯେତେ ପ୍ରଶଂସା କଲେ ମଧ କମ ହେବ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଇଁ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମୃଦ୍ଧ ଓଡିଶାକୁ ବିକଶିତ କରିବା ପାଇଁ ଦିନ ରାତି ଏକ କରି ପରିଶ୍ରମ କରୁଛନ୍ତି ।୧୬ ମାସ ଭିତରେ ଆମେ ଦେଇ ଥିବା ପ୍ରତିଶୃତିକୁ ପାଳନ କରିବା ସହିତ ରାଜ୍ୟକୁ ଉନ୍ନତି ଶୀର୍ଷକୁ ନେବାକୁ ଚେଷ୍ଟା ରତ ଅଛୁ । ପାରାଦ୍ୱୀପ ରେ ଏକ ଇଞ୍ଜିନିୟରିଙ୍ଗ କଲେଜ ନିର୍ମାଣ କରିବା ସହିତ କୁଜଙ୍ଗଙ୍କୁ ଏନ ଏ ସି ରେ ପରିଣତ କରିବାକୁ ନିବେଦନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦ ଡ଼ା ବିଭୁ ପ୍ରସାଦ ତରାଇ ଯୋଗ ଦେଇ କହିଥିଲେ ସବୁ ଜାତିର ଏବଂ ସବୁ ବର୍ଗ ର ଉନ୍ନତି ଚାହାଁନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ଅନ୍ୟ ତମ ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ଯୁବ ପିଢ଼ି ମାନଙ୍କୁ ନିଯୁକ୍ତି ଦେବା ସହିତ ସି ଏସ ର ଫଣ୍ଡ ଜିଲ୍ଲା ପାଇଁ ବିନିଯୋଗ କରାଯିବା ପାଇଁ କହିଥିଲେ । ଅନ୍ୟ ତମ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପିଏଲ ହରନାଧ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶା ଦେଶ ର ଏକ ନମ୍ବର ରାଜ୍ୟରେ ପରିଣତ ହେବ, ଆମ ଦ୍ୱାରା ଯେତେ ସମ୍ଭବ ଆମେ ରାଜ୍ୟକୁ ଆଗେଇ ନେବାରେ ପୂର୍ଣ୍ଣ ସହଯୋଗ କରିବୁ ବୋଲି କହିଥିଲେ। ଅନ୍ୟ ତମ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପାରାଦ୍ୱୀପ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବା ସହିତ କଳିଙ୍ଗ ବାଲିଯାତ୍ରା ର ସଫଳ ରୂପାୟନ କାମନା କରିଥିଲେ। କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ତଥା ଜିଲ୍ଲାପାଳ ଜେ ସୋନାଲ ଅଧକ୍ଷତା କରି କହିଲେ ଯେ ଓଡିଶା ର ସାଧବ ପୁଅ ମାନଙ୍କ ନୌବାଣିଜ୍ୟ ଖୁବ୍ ସୁନାମଧନ୍ୟ ବୋଲି କହିଥିଲେ । କଳିଙ୍ଗ ବାଲିଯାତ୍ରା ବର୍ତ୍ତମାନ ରାଜ୍ୟରେ ଦ୍ୱିତୀୟ ସର୍ବବୃହତ୍ ବାଣିଜ୍ୟ ସ୍ଥଳ ହୋଇପାରିଛି ବୋଲି କହିଥିଲେ ।ଜିଲ୍ଲାବାସୀ ଏହାର ଭରପୂର ଆନନ୍ଦ ଉଠାଇବା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଭାଗୀଦାର ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧରେ ସହରର ବୁଦ୍ଧିଜୀବୀ, ବିଭିନ୍ନ ରାଜ୍ୟ ତଥା ଜିଲ୍ଲାରୁ ଆସିଥିବା ବ୍ୟବସାୟୀ ଓ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଅତିଥି ମାନଙ୍କ ଦ୍ୱାରା ବାଲିଯାତ୍ରାର ସ୍ମରଣୀକା ଉନ୍ମୋଚିତ ହୋଇଥିଲା । ଏହି ବାଲିଯାତ୍ରା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଷ୍ଟଲ ଆସିଛନ୍ତି, ଯେଉଁ ଷ୍ଟଲ ରେ ବିଭିନ୍ନ ପ୍ରକାର ହସ୍ତତନ୍ତ, ଟେରାକୋଟା ଆଦି ସାମଗ୍ରୀ ବିକ୍ରୀ କରାଯିବ। ଓରମାସ ପକ୍ଷରୁ ୧୪୦ ଟି ଷ୍ଟଲ ରହିଛି ବୋଲି ସୂଚନା ମିଳିଛି।୭ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାରର ସ୍ୱନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।ଆଜି ମହୋତ୍ସବ ର ଉଦଘାଟନୀ କାର୍ଯ୍ୟକ୍ରମ ଥିବାରୁ ସେତେ ଗହଳି ହୋଇ ନଥିଲେ ମଧ ଆସନ୍ତା କାଲି ଠାରୁ ଜନ ଗହଳି ହେବା ନେଇ ଆଶା କରାଯାଉଛି ।ତେବେ ଶାନ୍ତି ଶୃଙ୍ଖଳା ପାଇଁ ୧୦ ପ୍ଲାଟୁନ ପୋଲିସ ମୁତୟନ ହୋଇଥିବା ବେଳେ ପରିମଳ ବ୍ୟବସ୍ଥା ପାଇଁ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇ। ଉଦଘାଟନୀ ସମାରୋହ ପରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ରୁ ହେଲିକପ୍ଟର ଯୋଗେ ଆସି ପାରାଦୀପ ନୂଆବଜାର ସ୍ଥିତ ଗୋପବନ୍ଧୁ ଷ୍ଟାଡିୟମର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ସେଠାରେ ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ । ଏହା ପରେ ଦଳୀୟ କର୍ମୀ ମାନେ ବିରାଟ ପଟୁଆରରେ ମୁଖ୍ୟମନ୍ତ୍ରୀଙ୍କୁ କଳିଙ୍ଗ ବାଲିଯାତ୍ରା ମଞ୍ଚକୁ ପାଛୋଟି ନେଇ ଥଲେ । ବିଭିନ୍ନ ସଂଗ ଠନ ପକ୍ଷରୁ ଏବଂ ଅଟଳ ବିହାରୀ ବାଜପେଇ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମାନଭଞ୍ଜନ ହେଲା ନାହିଁ

ବିଗତ ଦିନରେ କଳିଙ୍ଗ ବାଲିଯାତ୍ରାରେ ନିମନ୍ତ୍ରଣ ପତ୍ରରେ ଉଦଘାଟିତ ସନ୍ଧ୍ୟାରେ ଅତିଥି ତାଲିକାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମାଙ୍କ ନାମ ନଥିବା ବେଳେ ବିବାଦ ପରେ ପୁନର୍ବାର ଯୋଉଁ ନିମନ୍ତ୍ରଣ ପତ୍ରରେ ଆରକ୍ଷୀ ଅଧିକ୍ଷକ ନାମ ଥିବା ବେଳେ ସେ ଆଜି ଉପସ୍ଥିତ ରହି ସୁରକ୍ଷାକୁ ସୁଚାର ରୂପେ ତୁଲାଇ ଥିଲେ ମଧ ଅଭିମାନ କରି ମଞ୍ଚରେ ଆସନ ଗ୍ରହଣ କରି ନଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୟଙ୍କର ଟ୍ରେନ...

ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି । ଟ୍ରେନ୍ ଭିତରେ ଅନେକ ଲୋକ ଫସି ରହିଛନ୍ତି ଏବଂ କଟର ମେସିନ୍ ବ୍ୟବହାର କରି ସେମାନଙ୍କୁ ଉଦ୍ଧାର କରାଯାଉଛି। ଏହି ଦୁର୍ଘଟଣା ଏପରି ସମୟରେ ଘଟିଛି ଯେତେବେଳେ ରାଜ୍ୟ ସରକାରଙ୍କ ଅଧିକାଂଶ ମନ୍ତ୍ରୀ ରାଜ୍ୟ ବାହାରେ ଥିଲେ। ଅଧିକାରୀ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇର ମହାପ୍ରବନ୍ଧକ ତରୁଣ ପ୍ରକାଶ ଏବଂ ବିଳାସପୁର ଡିଭିଜନ ରେଳବାଇ ପ୍ରବନ୍ଧକ ରାଜକଲାମ ଖୋଇଓ୍ୱାଲଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଆହତମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ଦୁର୍ଘଟଣାର କାରଣ ତଦନ୍ତ କରାଯାଉଛି। ଦୁର୍ଘଟଣା ସମ୍ପର୍କରେ ରେଳବାଇର ହେଲ୍ପଲାଇନ୍ ନମ୍ବର ଜାରି : ଚମ୍ପା ଜଙ୍କସନରେ ୮୦୮୫୯୫୬୫୨, ରାୟଗଡ଼ରେ ୯୭୫୨୪୮୫୬୦ ଏବଂ ପେଣ୍ଡ୍ରା ରୋଡ୍ ଷ୍ଟେସନରେ ୮୨୯୪୭୩୦୧୬୨ ନମ୍ବରରେ କଲ୍ କରି ସୂଚନା ପାଇପାରିବେ । ସେହିପରି ଦୁର୍ଘଟଣା ସ୍ଥଳରେ ଦୁଇଟି ହେଲ୍ପଲାଇନ୍ ନମ୍ବର - ୯୭୫୨୪୮୫୪୯୯, ୮୬୦୨୦୦୭୨୦୨ ଉପଲବ୍ଧ କରାଯାଇଛି।

### ସୁଦାନରେ ଓଡ଼ିଆ ଯୁବକଙ୍କୁ ...

ସେଠାରୁ ତାଙ୍କୁ ନାୟାଲା ସହରକୁ ନିଆଯାଇଥିଲା, ଯାହା ଆରଏସଏଫର ଏକ ଗଡ଼ ଏବଂ ଦକ୍ଷିଣ-ପଶ୍ଚିମ ସୁଡାନର ଦକ୍ଷିଣ ଦାରଫୁରର ରାଜଧାନୀ, ଖାର୍ତୁମ୍ ଠାରୁ ୧୨୦୦ କିଲୋମିଟର ଦୂରରେ ଅବସ୍ଥିତ । ବେହେରା ୨୦୨୨ ମସିହାରେ ସୁଡାନରେ ସୋକରାତି ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଇଥିଲେ । ଏହି ଅପହରଣ ସଂପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭିଡିଓରେ ଦେଖାଯାଉଛି ଯେ ଆଦର୍ଶ ଦୁଇଜଣ ଆରଏସଏଫ ବିଦ୍ରୋହୀଙ୍କ କବଳରେ ଅଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ପଚାରୁଛି ଯେ ତୁମେ କଣ ଶାହରୁଖ ଖାଁଙ୍କୁ ଜାଣିଛ ? ଅନ୍ୟ ଜଣେ ସୈନିକ ତାଙ୍କୁ ଡାଗାଲୋଙ୍କୁ ପ୍ରସଂଶା କରିବାକୁ କହୁଛି । ମହମ୍ମଦ ହମଦାନ ଡାଗାଲୋ ହେଉଛନ୍ତି ଆରଏସଏଫର ନେତା ।

### ଉତ୍କଳ ବିଲ୍‌ଡର୍ସରେ...

ପ୍ରକାଶ ଭୋରାଙ୍କୁ ବି ଟିକସ ଫାଙ୍କିଥିବା ନେଇ ପଚରାଉଚରା ଚାଲିଛି ଓ ସକାଳ ସମୟରୁ ମୋଟ ୧୪ଟି ସ୍ଥାନରେ ଅତର୍କିତ ଚଢ଼ାଉ କରୁଛି ଆଇଟି ଟିମ ଓ ବସ୍ତା ବସ୍ତା କାଗଜ ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ଆୟକର ଟିମ୍।

### ପ୍ରଥମ ପର୍ଯ୍ୟାୟ ପାଇଁ ...

ଏଲଜେପି ରାମବିଳାସର ନେତା ଅରୁଣ ଭାରତୀ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବଙ୍କୁ କଡ଼ା ସମାଲୋଚନା କରିଛନ୍ତି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଜନ ସୁରାଜ ପାର୍ଟି ନେତା ପ୍ରଶାନ୍ତ କୁମାର ଏବଂ ଅନ୍ୟ ଦଳର ନେତା ଓ ପ୍ରାର୍ଥୀମାନେ ଆଜି ମାରାଥନ ପ୍ରଚାର କରିଥିଲେ ।

### ବରମୁଣ୍ଡା ବସଷ୍ଟାଣ୍ଡରେ...

ଏହାର ସୁଯୋଗ ନେଇ ପବିତ୍ର ପ୍ରଥମେ ମହିଳାଙ୍କ ନାବାଳିକା ଝିଅକୁ ବଳାତ୍କାର ଉଦ୍ୟମ କରିଥିଲା ସେ ପାଟି କରି ଉଠିବାରୁ ପବିତ୍ର ତାକୁ ଛାଡ଼ି ଦେଇଥିଲା । ପରେ ମହିଳାଙ୍କୁ ମଧ୍ୟ ବଳାତ୍କାର ଉଦ୍ୟମ କରିଥିଲା । ମହିଳା ଜଣଙ୍କ ନିଦରୁ ଉଠି ଚିତ୍କାର କରିବାରୁ ପବିତ୍ର ସେଠାରୁ ଦୌଡ଼ି ପଳାଇଥିଲା । ମହିଳାଙ୍କ ପାଟି ଶୁଣି ଆଖପାଖ ଲୋକେ ସେଠାରେ ପହଞ୍ଚିଥିଲେ । ମହିଳାଙ୍କଠାରୁ ଘଟଣା ସମ୍ପର୍କରେ ଜାଣି ଭରତପୁର ଥାନା ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ସଙ୍ଗେ ସଙ୍ଗେ ବସ୍‌ଷ୍ଟାଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

### କର୍ଣ୍ଣାଟକର ବିଜୟପୁରାରେ ...

ଏହାର କେନ୍ଦ୍ରସ୍ଥଳ ବିଜୟପୁରା ତାଲୁକର ଭୂତାନଲ ତାଣ୍ଡାରୁ ପ୍ରାୟ ୩.୬ କିଲୋମିଟର ଉତର-ପଶ୍ଚିମରେ ଅବସ୍ଥିତ। ଜିଲ୍ଲା ପ୍ରଶାସନ ଏବଂ ଭୂତତ୍ୱ ବିଭାଗର ଅଧିକାରୀମାନେ ଘଟଣା ବିଷୟରେ ସୂଚନା ସଂଗ୍ରହ କରୁଛନ୍ତି ଏବଂ ସଠିକ୍ ତୀବ୍ରତା ଏବଂ କେନ୍ଦ୍ରସ୍ଥଳ ନିର୍ଣ୍ଣୟ କରିବା ପାଇଁ ଅଧ୍ୟୟନ କରୁଛନ୍ତି। ଅଧିକାରୀମାନେ ଲୋକଙ୍କୁ ଭୟଭୀତ ନ ହେବାକୁ ଅନୁରୋଧ କରିଛନ୍ତି।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ

ବାଲେଶ୍ୱର , ୪/୧୧ (ନି.ପ୍ର): ସମଗ୍ର ଶିକ୍ଷା ଜିଲ୍ଲା ପକ୍ଷରୁ ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ , ସମ୍ମାନିତ ଅତିଥି ଭାବେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, ଏସ.ଏସ. ଟି. ସଂଯୋଜୋକ ନିରଞ୍ଜନ ବିଶ୍ୱାଳ,ଯଥାକ୍ରମେ ବାହାନଗା ,ନୀଳଗିରି ଓ ସଦର ବାଲେଶ୍ୱର ର ଗୋଷ୍ଠୀ ଶିକ୍ଷାଧିକାରୀ ସୁଷମା ସେଠୀ, ସତ୍ୟ ରଞ୍ଜନ ଭୂୟାଁ, ଯୋଗେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ର ସହକାରୀ ଶିକ୍ଷକ ଶିବ ଶଙ୍କର ଜେନା ଅତିଥି ପରିଚୟ, ସ୍ୱାଗତ ସମ୍ଭାଷଣ ପରେ ମୁଖ୍ୟ ଅତିଥି ସମେତ ସମସ୍ତ ବରେଣ୍ୟ ଅତିଥି ଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ଧୂପ,ଦୀପ ଓ ପୁଷ୍ପାର୍ଘ୍ୟ ଅର୍ପଣ ଶୁଭ ଉଦ୍ଘାଟନଏବଂ ଜିଲ୍ଲା ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତପରିବେଷଣକରାଯାଇଥିଲା ।ଏହି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପରିପ୍ରକାଶର ମାଧ୍ୟମ ବୋଲି ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ସମଗ୍ର ଶିକ୍ଷା ଜିଲ୍ଲା ପକ୍ଷରୁ ଆୟୋଜନ କରାଯାଇଥିଲା। ଜିଲ୍ଲାର ସମସ୍ତ କ୍ଲଷ୍ଟର,ବ୍ଲକ ସ୍ତରରୁ ବିଭିନ୍ନ ବିଭାଗରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କମଧ୍ୟରୁ ଜିଲ୍ଲା ମଧ୍ୟରେ ଚୟନ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବର ୧୫ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଅବଗତ କରିଥିଲେ। ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, ଏସ.ଏସ. ଟି.ସଂଯୋଜୋକ ନିରଞ୍ଜନ ବିଶ୍ୱାଳ ଶିଶୁ ମହୋତ୍ସବ ସୁରଭି ଏକ ଅନନ୍ୟ ପୃଷ୍ଠ ଭୂମିର ମାଧ୍ୟମ, ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣ ଓ ଶକ୍ତିର ବିକାଶ ନିମନ୍ତେ କେବଳ ଯେ ବିଦ୍ୟାଳୟ ବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ଅଭିଭାବକ ମାନଙ୍କ ଦାୟିତ୍ୱ ମଧ୍ୟ ବୋଲି ମତ ପ୍ରକାଶ କରିଥିଲେ। ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛୋଟ ଶିଶୁ ଫୁଲ କଢ଼ି ଟିଏ , ତାର ପ୍ରଯତ୍ନ କରି ଅନ୍ତର୍ନିହିତ ଗୁଣ କୁ ଚିହ୍ନଟ କରି ସେ କ୍ଷେତ୍ରରେ ଉତ୍ସାହିତ କରିବା ଦ୍ୱାରା ବିକଶିତ ହେବା ସହ ରାଜ୍ୟ,ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ଷେତ୍ରରେ ମଧ ନିଜର ପରିଚୟ ସୃଷ୍ଟି କରି ଦେଶର ସୁନାମ ଓ ଗୌରବ ଅର୍ଜନ ଆଣିବା ପାଇଁ ସମସ୍ତ ସହଯୋଗ ଉଭୟ ପିତାମାତାଙ୍କର ଓ ଶିକ୍ଷାନୁଷ୍ଠାନରେ ଅପରିହାର୍ଯ୍ୟ ହୋଇପଡିଛି ବୋଲି ପ୍ରେରଣା ଯୋଗଦେଇଥିଲେ। ଏହି ବିଶେଷ ଶିଶୁ ମହୋତ୍ସବର ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଆଜିର ଶିଶୁ କାଲିର ଭବିଷ୍ୟତ ନାଗରିକ ତାଙ୍କୁ ଗଢି ତୋଳିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ ।ସମସ୍ତ ପିତାମାତା ଅଭିଭାବକ ଶିଶୁ ମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ସମସ୍ତଙ୍କର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମଗ୍ର ଜିଲ୍ଲାରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଏଂ ବିଭିନ୍ନ ବର୍ଗ, ସ୍ତରରେ ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମକୁ ମୋନୋନିତ ଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ଏକ ଦିବସୀୟ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କର୍ଯ୍ୟକ୍ରକ୍ରମର ଉଦଯାପନୀ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାସ, ଶିଳ୍ପୀ କେଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ବସ୍ତା ବ୍ଲକର ସହକାରୀ ଶିକ୍ଷକ ଶ୍ରି ଶଙ୍କର ଜେନା ଉପସ୍ଥିତ ବରେଣ୍ୟ ଅତିଥି ସମେତ ସମାଗ୍ର ଶିକ୍ଷା ଜିଲ୍ଲା ର କର୍ମକର୍ତ୍ତା,ଛାତ୍ର ଛାତ୍ରୀ,ଅଭିଭାବକ ଓ ସାମ୍ବାଦିକଙ୍କୁ କାର୍ଯ୍ୟକ୍ରମର ସଫଳତା ନିମନ୍ତେ କୃତଜ୍ଞତା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

**AFFIDAVIT**

By virtue of an affidavit before the executive Magistrate Basudevpur, I, Smt. Mitarani Nayak aged about 43 yeras D/o- Nabakishore Pradhan, At- Haripur, P.o- Betada, P.s- Simulia, Dist- Balasore, W/o Muralidhar Nayak at Present At- Rampur, P.o- Kanheibindha, Dist- Balasore declare that before marriage my name was Kaushalya Pradhan D/o- Nabakishore Pradhan, as per my school leaving Cert. No- 107/19 and L.I.C Policy No- 589899520. But after marriage my name is Mitarani Nayak W/o- Muralidhar Nayak which has been mentioned in my Aadhar No- 300429032210, Voter I Card No- WGE0759779, Pan Card No- AUOPN4489N, S.B.I A/C No-33293002871. That both the names Mitarani Nayak and Kaushalya Pradhan D/o- Nabakishore Pradhan, W/o- Muralidhar Nayak is same & one person.

**Mitarani Nayak**

# ଯୋକନଣ୍ଡା ଗ୍ରାମରେ ବିଘ୍ନରାଜ ଗଜାନନଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପ୍ରାରମ୍ଭ: ତିନିଦିନ ବ୍ୟାପି ଚାଲିବ ଭବ୍ୟ କାର୍ଯ୍ୟକ୍ରମ

ନୀଳଗିରି, ୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ପୋଡାଶୁଳ ନିକଟସ୍ଥ ଯୋକନଣ୍ଡା ଗ୍ରାମରେ ଆରମ୍ଭ ହୋଇଛି ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଣନାଥଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ। ପୁଣ୍ୟ କାର୍ତ୍ତିକମାସ ୧୩ଦିନ ମଙ୍ଗଳବାର ଠାରୁ ରାହାସପୂର୍ଣ୍ଣିମା ଗୁରୁବାର ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମର ଆଜି ଅୟମାରମ୍ଭର ପ୍ରଥମଦିନରେ ସକାଳ ୮ଘଟିକା ସମୟରେ ୨୫୦ରୁ ଉର୍ଦ୍ଧ୍ୱମହିଳା ନିକଟସ୍ଥ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଗ୍ରାମପରିକ୍ରମା କରିବାସହିତ ପୋଡ଼ାଶୋଳ, ସିଆଡିମାଳ ବାବନ୍ଧ ଦୀର୍ଘ ୬କିଲୋମିଟର ରାସ୍ତା ପରିକ୍ରମାକରି ନବନିର୍ମିତ ମନ୍ଦିରରେ ପହଞ୍ଚିଥିଲେ। ଘଣ୍ଟଘଣ୍ଟା,ହରିବୋଲ ହୁଳହୁଳି, କୀର୍ତ୍ତନର ତାଳେତାଳେ ହଜାର ହଜାର ସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ରଉଚ୍ଚାରଣରେ ଏକ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା । ପରେ ଅଧିବାସ, ଅଙ୍କୁରାରୋପଣ ଆଦି ବିଧି ପାଳିତ ହୋଇଥିଲା ।ସ୍ଥାନୀୟ ଯୁବକ ଯୁବତୀ ଅବାଳ ବୃଦ୍ଧବନିତା ଉକ୍ତ କାର୍ଯ୍ୟକ୍ରମରେ ନିଜକୁ ଅଂଶୀଦାର କରିଥିବା ବେଳେ ଉତ୍ସର୍ଗୀକୃତ ମନୋଭାବ ନେଇ କମିଟିର ସଦସ୍ୟମାନେ ଏହି ଭବ୍ୟ ଆୟୋଜନରେ ନିଜକୁ ସାମିଲ କରିଥିଲେ। ଦିବସବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ବାବା ଅସିତ ଜେନାଙ୍କ ଦ୍ୱାରା ପ୍ରବଚନ ଏବଂ ଓଡ଼ିଶାର ଶିଶୁ ପ୍ରତିଭା ମୁସ୍କାନ ପ୍ରଧାନ ଏବଂ ସହଯୋଗୀ କଳାକାରଙ୍କ ଦ୍ୱାରା ଭଜନସନ୍ଧ୍ୟା ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ କମିଟି ତରଫରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ଦ୍ୱିତୀୟ ଦିବସରେ ଦେବତାଙ୍କ ପ୍ରଣପ୍ରତିଷ୍ଠା , ଚକ୍ର ଏବଂ ଧ୍ୱଜା ସ୍ଥାପନ ସହିତ ଓଡ଼ିଶାର ଲବ୍ଧପ୍ରତିଷ୍ଠ ପ୍ରବଚକ ଶିବପ୍ରସାଦ ଦାସ (ଶିବ ନନା) ଙ୍କ ଦ୍ୱାରା ପ୍ରବଚନ ଓ ଭଜନ ସନ୍ଧ୍ୟା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଭବ୍ୟ ଏବଂ ଦିବ୍ୟ କାର୍ଯ୍ୟକ୍ରମରେ କମିଟିର ସଭାପତି ଅଜୟ କୁମାର ପୃଷ୍ଟି, ସମ୍ପାଦକ ସନ୍ତୋଷ କୁମାର ଭୂୟାଁ, କୋଷାଧକ୍ଷ ହିମାଂଶୁ କୁମାର ଜେନା, ଓ୍ୱାର୍ଡସଭ୍ୟ ଦ୍ରୌପଦୀ ଭୂୟାଁ, ଗ୍ରାମସଭାପତି ଶ୍ରୀକାନ୍ତ ଭୂୟାଁ, ଗ୍ରାମ ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପଦେଷ୍ଟା ବ୍ରହ୍ମାନନ୍ଦ ଜେନା,ସଂଯୋଜକ ସଞ୍ଜୟ କୁମାର ଭୋଳ, ସଦସ୍ୟ ରବୀନ୍ଦ୍ର ପୃଷ୍ଟି, ସୁରେନ୍ଦ୍ର ଭୋଳ, ଗଜେନ୍ଦ୍ର ଭୂୟାଁ, ଦିଲ୍ଲୀପ କୁମାର ଭୂୟାଁ, ଲକ୍ଷ୍ମୀଧର ଜେନା, ସନ୍ଦୀପ କୁମାର ଜେନା, ନରେନ୍ଦ୍ର ଭୂୟାଁ, ଅଭି ବେହେରା, ତାପସ ପୃଷ୍ଟି, ରଞ୍ଜିତ ଭୋଳ, ପତିତପାବନ ଜେନା, ନିରଞ୍ଜନ ପୃଷ୍ଟି, ଭାସ୍କର ପ୍ରଧାନ,ଲକ୍ଷ୍ମୀଧର ପ୍ରଧାନ, ଶରତ ଚନ୍ଦ୍ର ବେହେରା, ଅଶେଷ ଜେନା, ବିକାଶ କୁମାର ଜେନା, ମନୋରଞ୍ଜନ ଭୂୟାଁ, ବିନୋଦ କୁମାର ଶତପଥୀ, ମଞ୍ଜୁଲତା ଜେନା, କ୍ଷୀରଦିନି ସ୍ୱାଇଁ,ପତିତପାବନ ଭୋଳ, ସସ୍ମିତା ଜେନା, ରଶ୍ମିତା ଜେନା, ଗୌରାଙ୍ଗ ପୃଷ୍ଟି, ସୁଜିତ୍ ବେହେରା, ଅନିତାରାଣୀ ଭୂୟାଁ, କଲ୍ୟାଣୀ ପୃଷ୍ଟି ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ଆର୍ଥିକ ସାକ୍ଷରତା ଶିବିର

ଭଦ୍ରକ, ୪/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ବୃକ୍ଷ୍ୟ ରୋପଣ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ଚିକିତ୍ସାଳୟ ଓ ଗାନ୍ଧୀ ଓଡ଼ିଶା ବଳଶ୍ରମ୍, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ କାର୍ଯ୍ୟାଳୟ ଅଧିକାରୀ, ବରିଷ୍ଠ ନାଗରିକ ତଥା ସ୍ୱଳ୍ପ ସଞ୍ଚୟ ଅଭିକର୍ତା ମାନେ ଯୋଗଦେଇଥିଲେ। ବୃକ୍ଷ ରୋପଣ ପରେ ଗାନ୍ଧୀ ଓଡ଼ିଶା ବଳାଶ୍ରମ୍ ର ଅନ୍ତେବାସୀ ମାନଙ୍କୁ ନେଇ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ଶିବିର ଆୟୋଜିତ ହୋଇଥିଲା। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପିଲାମାନଙ୍କୁ ସଞ୍ଚୟର ମହତ୍ତ୍ୱ ବୁଝାଇ ଥିଲା ଓ ପିଲାମାନଙ୍କୁ ସଞ୍ଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ। ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲା ମାନଙ୍କୁ ସଞ୍ଚୟ କରିବା ପ୍ରେରଣା ଦେଇଥିଲେ ।ସଭା ଶେଷରେ ପିଲାମାନଙ୍କୁ କୁମ୍ପି ବା କଏନ ବକ୍ସ ପ୍ରଦାନ କରାଯାଇ ଥିଲା। ଏହି ସଭାରେ ପ୍ରାୟ ୮୦ ଜଣ ପିଲା, ଅଭିଭାବକ, ଡାକ ଅଭିକର୍ତ୍ତା ଯୋଗ ଦେଇଥିଲେ।

# ଭଂଜପୁର ଜଗଦ୍ଧାତ୍ରୀ ମେଳା ଉଦଘାଟିତ : ସାଂସ୍କୃତିକ ପରମ୍ପରା ମାଟି ଓ ଜାତିକୁ ଗୌରବାନ୍ୱିତ କରିଥାଏ



ବାରିପଦା , ୪/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ମେଳାକୁ ଉଦଘାଟନ କରି ସାଂସ୍କୃତିକ ପରମ୍ପରା ମାଟି ଓ ଜାତିକୁ ଗୌରବାନ୍ୱିତ କରିଥାଏ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧରେ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ପୂଜା ସମ୍ପାଦକ ରସିକାନନ୍ଦ ମିଶ୍ର, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ, ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଗଣମାଧମ ସଂଯୋଜକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ, ରାଜଗାଙ୍ଗପୁରର ରେନବୋ କଳାକେନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ବହୁ କଳାକାର ଓଡ଼ିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ଏବଂ ଥିମ ନୃତ୍ୟ ପରିବେଷଣ କରିଥିଲେ। ଅଭିଷେକ ସିଂହ ଓ ଆଲୋକ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୩ ଶହରୁ ଉର୍ଦ୍ଧ ଷ୍ଟଲ ପ୍ରଦର୍ଶିତ ହୋଇଛି ବୋଲି ଷ୍ଟଲ ସମ୍ପାଦକ ସପନ ପଣ୍ଡା କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ

ବାଲେଶ୍ୱର, ୪/୧୧ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜୟଦେବ କସବା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ନବକିଶୋର ବାରିକ୍ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍ଘାଟନ କରିଥିବା ବେଳେ ଯଦୁନାଥ ମହାବିଦ୍ୟାଳୟ ର ବିଜ୍ଞାନ ବିଭାଗର ଅଧ୍ୟାପକ ସଂଜୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ।ମୁଖ୍ୟ ଅତିଥି ଶ୍ରୀ ବାରିକ୍ ନିଜ ବକ୍ତବ୍ୟରେ କୁନି ବୈଜ୍ଞାନିକ ମାନଙ୍କୁ ଭଲ ପାଠ ପଢ଼ି ଭବିଷ୍ୟତରେ ଜଣେ ଜଣେ ପଠାଣି ସାମନ୍ତ ଓ ଅବଦୁଲ୍ କଲାମ୍‌ଙ୍କ ଭଳି ହେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ,ବିଦ୍ୱତ୍ ପରିଷଦର ମୁଖ୍ୟ ସମାଜସେବୀ ଶିବାଜୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜୟସ୍ମିତା ଗୁରୁମା',ପ୍ରତିମା ଗୁରୁମା', ବିନୀତା ଗୁରୁମା', ଝୁନୀ ଗୁରୁମା', ମିତା ଗୁରୁମା', ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ଜ୍ୟୋତି ଗୁରୁମା', ମନୀଷା ଗୁରୁମା',ପ୍ରିତୀ ଲତା ଗୁରୁମା', ସୁକନ୍ୟା ଗୁରୁମା', ଓ ସେବୀକା ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।



୮୦ ଜଣ କୁନି ବୈଜ୍ଞାନିକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।ବିଚାରକ ଭାବେ ଯଦୁନାଥ ମହାବିଦ୍ୟାଳୟ ର ବିଜ୍ଞାନ ବିଭାଗର ଅଧ୍ୟାପକ ଚିରଞ୍ଜିବ୍ ବିଶ୍ୱାଳ ଓ ଭାଗ୍ୟଦୀପ୍ ମିଶ୍ର ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ।

# ଗଚ୍ଛିତ ମୂଲ୍ୟବାନ ଶାଳଗଣ୍ଡି ଜବତ

ବେତନଟୀ,୪/୧୧(ନି.ପ୍ର) : ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଦାୟିଆମୁହାଁ ଉପକଣ୍ଠ ମୁଖିସାହିରୁ ସୋମବାର ବିଳମ୍ୱିତ ରାତିରେ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି ବନବିଭାଗ। ସୂଚନା ମୁତାବକ ଦାନ୍ତିଆମୁହାଁ ଉପକଣ୍ଠ ମୁଖିସାହିସ୍ଥିତ ରାସ୍ତାପାର୍ଶ୍ୱରେ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରୁ କଟାଯାଇଥିବା ବିଶାଳ ଶାଳଗଛ ଗୁଡ଼ିକୁ ଖଣ୍ଡଖଣ୍ଡ କରି ଚୋରାଚାଲାଣ ନିମନ୍ତେ ଗଚ୍ଛିତକରି ରଖାଯାଇଥିଲା। ବିଶ୍ୱସ୍ତସୂତ୍ରରୁ ଖବରପାଇ ବେତନଟୀ ରେଞ୍ଜ ଦାୟୀତ୍ୱରେ ରହିଥିବା ଡେପୁଟି ରେଞ୍ଜର ଧୃବଚରଣ ନାୟକଙ୍କ ନେତୃତ୍ୱରେ ବନପାଳ ଏବଂ ବନରକ୍ଷୀ ସୁଶାନ୍ତ ନାଏକ, ଗଜସାଥୀ ବୁଲୁ ମହାନ୍ତ ପ୍ରମୁଖ ସଦଳବଳେ ମୁଖିସାହିରେ ସୋମବାର ବିଳମ୍ୱିତ ରାତିରେ



ଅତର୍କିତ ଚଢଉ କରିଥିଲେ। ବନବିଭାଗର ଚଢାଉରେ କାଠମାଫିଆ ମାନେ ଅନ୍ଧାରରାତିରେ ଜଙ୍ଗଲ ଭିତରେ ସମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ବିଭିନ୍ନ ମୋଟେଇର ୧୨ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତକରି କୃଷ୍ଣଚନ୍ଦ୍ରପୁର ସେକ୍ସନ କାର୍ଯ୍ୟାଳୟସ୍ଥିତ ସିଜରୟାର୍ଡରେ ରଖାଯାଇଛି। ଜବତ ମୂଲ୍ୟବାନ ଶାଳଗଣ୍ଡିର ପରିମାଣ ୫୩ସିଙ୍ଗ ହୋଇଥିବା ବେଳେ ଏହାର ଆନୁମାନିକ ବଜାରମୂଲ୍ୟ ପାଖାପାଖି ୮୦ହଜାରରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଉଛି । ଏନେଇ ବେତନଟୀ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ସାର୍ବଜନୀନ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବତିଶ ବେଶ ଓ ଛପନ ମାଦଳ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୪/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଶିଖରପୁର ଗ୍ରାମ ପଂଚାୟତ ରାଜନଗର ନୂତନ ଶିବ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଆୟୋଜନରେ ସାର୍ବଜନୀନ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବତୀଶ ବେଶ ସହିତ ଛପନ ମାଦଳ ହରିନାମ ସଂକୀର୍ତ୍ତନ ମହୋତ୍ସବ ଚଳିତ ମାସ ୭ ତାରିଖ ଶୁକ୍ରବାର ଠାରୁ ୧୬ ତାରିଖ ରବିବାର ପର୍ଯ୍ୟନ୍ତ କମିଟିର ସଭାପତି ଗୌରହରି ମାଣିକ,ସଂପାଦକ ସୁନିଲ ବରଣ ଦାସ,ଗ୍ରାମ ସଭାପତି ପ୍ରବୀଣ କୁମାର ଗିରି,ପ୍ରାଣକୃଷ୍ଣ ପ୍ରଧାନ ଆଜି ଦିନ ୧୦ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଛନ୍ତି। ୭ ତାରିଖ ଅପରାହ୍ନ ୩



ଘଟିକା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘଟୋତ୍ତୋଳନ ଓ କଳସ ଯାତ୍ରା ପରେ ପରେ ସନ୍ଧ୍ୟା ୬ ଘଟିକା ସମୟରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶର ଶୁଭ ଉଦ୍ଘାଟନୀ ଉତ୍ସବ ଓ ଯଜ୍ଞାଦିକର୍ମ ହେବା ସହିତ ରାତ୍ରୀ ୮ ଘଟିକା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ।ପ୍ରତ୍ୟେକ ଦିନ ପ୍ରାତଃ ୫ ଘଟିକା ସମୟରେ ମଙ୍ଗଳ ଆରତୀ ଓ ସନ୍ଧ୍ୟା ୬ ଘଟିକା ସମୟରେ ସନ୍ଧ୍ୟା ଆରତୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ।୧୨ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଛପନ ମାଦଳ ମହୋତ୍ସବର ଘଟୋତ୍ତୋଳନ ପରେ ପରେ ସନ୍ଧ୍ୟା ୬ ଘଟିକା ସମୟରେ ନାମ ସଙ୍କୀର୍ତ୍ତନ ସହ ଆରତୀ ମେଳି ଅନୁଷ୍ଠିତ ହେବ।୧୫ ତାରିଖ ପ୍ରସାଦ ସେବନ ପରେ ସନ୍ଧ୍ୟା ୬ ଘଟିକା ସମୟରେ ନାମ ସଙ୍କୀର୍ତ୍ତନ ବିଶ୍ରାମ ସହିତ ଦଧି ମହୋତ୍ସବ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଛତିଶଗଡ଼ର ସୁକମାରେ ନକ୍ସଲଙ୍କ କାରଖାନାକୁ ନଷ୍ଟ କଲା ସୁରକ୍ଷା ବାହିନୀ

ସୁକମା, ୪/୧୧ (ନି.ପ୍ର): ଛତିଶଗଡ଼ରେ ନକ୍ସଲ ବିରୋଧୀ ଅଭିଯାନ ଦ୍ରୁତ ଗତିରେ ଆଗକୁ ବଢ଼ି ଚାଲିଛି। ସୁକମାର ଗୋମଗୁଡ଼ାର ଘନ ଜଙ୍ଗଲ ଅଂଚଳରେ ସୁରକ୍ଷା ବାହିନୀ ଏକ ନକ୍ସଲ ଅର୍ଡିନାନ୍ସ କାରଖାନା ଠାବ କରି ନଷ୍ଟ କରିଛି। କାରଖାନାରୁ ସତରଟି ରାଇଫଲ୍ ଏବଂ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ତିଆରି ସାମଗ୍ରୀ ଜବତ କରାଯାଇଛି। ସୁକମାର ପୋଲିସ ଅଧିକ୍ଷକ କିରଣ ଚହ୍ୱାନ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଏକ ନୂତନ ରଣନୀତି ଅନୁଯାୟୀ ନକ୍ସଲ ବିରୋଧୀ ଅଭିଯାନ କରାଯାଉଛି। ଏହା ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା ଆଣିଛି। ଗୁଇନ୍ଦା ସୂଚନା ଆଧାରରେ ସୁକମା ଜିଲ୍ଲା ଡିଆଇଜି ଦଳ ନଭେମ୍ବର ୩ ସୋମବାର ଏକ ସର୍ଚ୍ଚ ଅପରେସନ୍ କରିଥିଲେ। ଅପରେସନ୍ ସମୟରେ, ଗୋମଗୁଡ଼ାର ଘନ ଜଙ୍ଗଲ ଅଂଚଳରେ ନକ୍ସଲମାନଙ୍କ ଦ୍ୱାରା ପରିଚାଳିତ ଏକ ବେଆଇନ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ଆବିଷ୍କୃତ ଏବଂ ନଷ୍ଟ କରାଯାଇଥିଲା।

# ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ

ଭଦ୍ରକ, ୪/୧୧ (ନି.ପ୍ର): ପଞ୍ଚାୟତ ସମିତି ପୌର ପରିଷଦ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଜିଲ୍ଲାର ଇଚ୍ଛାପୁର ଅନ୍ତର୍ଗତ ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଭଦ୍ରକ ର ଛତିଶ ଟି ପଞ୍ଚାୟତ ସମେତ ପୌରାଞ୍ଚଳ ସଦର ମହକୁମାର ପ୍ରାୟ ଚାରି ଶହ ଭିନ୍ନ କ୍ଷମ ବ୍ୟକ୍ତି ମାନେ ପଞ୍ଜୀ କରଣ କରି ମସ୍ତିଷ୍କ ପକ୍ଷାଘାତ ଶ୍ରବଣ ବାଧିତ ମୁକ ବଧିର ଚକ୍ଷୁ ଅସ୍ଥି ସଲ୍ୟ ଆଦି ରୋଗର ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟ କର୍ମଚାରୀ ମାନେ ପରୀକ୍ଷା କରି ରୋଗ ନିରୂପଣ କରି ଥିଲେ।ଏଥିରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ବିଡ଼ିଓ ରଶ୍ମି ରଞ୍ଜନ ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ନରହରି ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ବିଭାଗୀୟ ଅଧିକାରୀ ସ୍ମିତା ମାଝି ପ୍ରମୁଖ ଯୋଗ ଦେଇ ଶିବିର ଅନୁଧ୍ୟାନ କରି ଥିଲେ।

# ଅର୍ଥ ଲଗାଣକାରୀ ସଂସ୍ଥାମାନେ ମହିଳା ସଂଘମାନଙ୍କୁ ହଇରାଣ କରୁଛନ୍ତି



ବୈଶିଙ୍ଗା , ୪/୧୧ (ନି.ପ୍ର): ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ଫାଇନାନ୍ସ କମ୍ପାନୀ ମାନେ ଆଦିବାସୀ ଗ୍ରାମ ଗୁଡିକରେ ସରଳ ଆଦିବାସୀ ମହିଳା ସଂଘର ସଦସ୍ୟା ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସଂସ୍ଥାରୁ ଲୋନ ଦେବା ଓ ପରବର୍ତ୍ତୀ ସମୟରେ ଲୋନ ଆଦାୟ ନାମରେ ଦୁଲମ୍ କରିବା ଘଟଣା ଚର୍ଚ୍ଚାର ବିଷୟ ପାଇଟିଛି । ବୈଶିଙ୍ଗା ଥାନା ଅଧିନ ନୂଆସାହି, ବିଦୁକୁଡିଆ, ମୋହନପୁର, ଠାକୁରଡୋଟା, ଘୁଷୁରିଆ ଆଦି ଗ୍ରାମ ର ମହିଳା ଗ୍ରୁପ୍ ସଦସ୍ୟା ମାନେ ଏକ ଅଭିଯୋଗରେ ଜଣାଇଛନ୍ତି କି ବୈଶିଙ୍ଗା ଠାରେ ଥିବା ଫାଇନାନ୍ସ କମ୍ପାନୀ ଥାର୍ଟିନ୍ ଫାଇନାନ୍ସ ,ମିଡ ଲାଣ୍ଡ , ସ୍ପନ୍ଦନା, ବନ୍ଧନ , ଫୁଜିଅନ,ୟୁନିଟ, ଅନ୍ନପୂର୍ଣ୍ଣା ,ଗ୍ରାମୀଣ କୋଟା , ଏକ୍ସିସ୍ , ଏସ.କେ ଏସ୍ , ଷ୍ଟେଟ୍ ବ୍ୟାଙ୍କ ଓ ଏଚ ଡି ଏଫ୍ ସି ର ମାଇକ୍ରୋ ଫାଇନାନ୍ସ ସଂସ୍ଥା ମାନେ ସିଧାସଳଖ ମୁଖ୍ୟ ଅଭିଯୁକ୍ତ ନିନି ସିଂ ଜରିଆରେ ପାଞ୍ଚ ହଜାର ଟଙ୍କା ଉକୋଚ ଦେଇ ଲୋକ କରାଇଥିଲେ । ମାତ୍ର ନୋଟିସ ଆସିବା ପରେ ତାଙ୍କ ନାମରେ ୫୦ ହଜାରରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଲୋନ କରାଯାଇଥିବାର ମହିଳାମାନେ ଜାଣିବାକୁ ପାଇଥିଲେ । ସେଥିପାଇଁ ସେମାନେ ବୈଶିଙ୍ଗା ଥାନାରେ ନିନି ସିଂ ନାମରେ ଏତାଲା ଦେଇଥିଲେ ।ଏ ନେଇ ବୈଶିଙ୍ଗା ଥାନାରେ ୫୫୬/୨୫ ମୂଳେ ମାମଲା ରୁଜୁ କରାଯାଇ ନିନି ସିଂ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ।ଏହା ପରେ ମଧ୍ୟ ଫାଇନାନ୍ସ କମ୍ପାନୀ ମାନେ ମହିଳା ମାନଙ୍କୁ ଟଙ୍କା ଆଦାୟ ନାମରେ ଜୁଲମ କରିବା ସହିତ ଅଭଦ୍ର ବ୍ୟବହାର କରୁଥିବାରୁ ମହିଳା ମାନେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତରଫରୁ ମହିଳା ମାନଙ୍କୁ ଆଶ୍ୱାସନା ଦିଆଯାଇଛି ।

# ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ବସ୍ତା , ୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଟୋଲ ଗେଟ ବଜାର ନିକଟରୁ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର କୁ ଖଣି ବିଭାଗ କାବୁ କରି ପୁଲିସକୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ସୁବର୍ଣ୍ଣରେଖା ନଦୀର ଧିତପୁରା ବାଲି ଖାଦାନରୁ ଦୁଇଟି ବାଲି ବୋଝେଇ କରି ଟୋଲଗେଟ ବଜାର ଅଭିମୁଖେ ଯାଉଥିବା ବେଳେ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଓ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଏହି ଛକ ନିକଟରେ ଅତର୍କିତ ଚଢାଉ କରି ଟ୍ରାକ୍ଟର ଟିକୁ କାବୁ କରିଥିଲେ। ଉକ୍ତ ଚାଳକ ଦ୍ୱୟ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନପାରିବାରୁ ଦୁଇଟି ଟ୍ରାକ୍ଟରକୁ ଅମର୍ଦାରୋଡ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଟ୍ରାକ୍ଟର ମାଲିକ ନିର୍ଦ୍ଧାରିତ ଜରିମାନା ଦାଖଲ ନକଲେ ପୁଲିସ ପକ୍ଷରୁ ମାମଲା ରୁଜୁ ହେବ ବୋଲି ଖଣି ଅଧିକାରୀ ଦ୍ୱୟ ସୂଚନା ଦେଇଛନ୍ତି।




# ଗୋବିନ୍ଦପୁର ସ୍କୁଲରେ ବିଜ୍ଞାନ ମେଳା

ବାସୁଦେବପୁର, ୪/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦ ପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଓ ବିଚାରକ ଭାବେ ଯୋଗ ଦେଇଥିଲେ ପାଟଣା ମିଶ୍ରପୁରର ସି ଆର ସି ସି ସନ୍ତୋଷ କୁମାର ପତି। ଛାତ୍ର ଛାତ୍ରୀ ମାନଙ୍କର ସମୁଦାୟ ୨୨ ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ବିଦ୍ୟାଳୟର ସହକାରୀ




ଶିକ୍ଷକ ଶିକ୍ଷୟତ୍ରୀ ଚନ୍ଦ୍ର ଶେଖର ଦାସ, ଆରତୀ ଟୁଡୁ, ସୁଚିସ୍ମିତା ସାମଲ, ରଶ୍ମିରେଖା ବିଶ୍ୱାଳ, ରାମଚନ୍ଦ୍ର ବଳ, ସରିତା ସେଠି, ନୃସିଂହ ଚରଣ ନାୟକ, ସୁନତି ପରିଡା, ପଦ୍ମାବତୀ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଛାତ୍ର ଛାତ୍ରୀ ମାନେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ପ୍ରକଳ୍ପ ତିଆରି କରିଥିଲେ ଏବଂ ଏହା ସମସ୍ତଙ୍କ ପାଇଁ ମନଛୁଆଁ ହୋଇପାରିଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ସିନ୍ଦୁରଗୌରା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି

ନୀଳଗିରି, ୪/୧୧ (ନି.ପ୍ର): କିଛିଦିନ ଧରି ଲଗାତାର ଭାବେ ନୀଳଗିରି ଅଞ୍ଚଳରେ ବିଭିନ୍ନ ଦେବାଦେବୀ ମନ୍ଦିର ସମେତ ବିଭିନ୍ନ ଘରୁ ସିରିଜ ଚୋରିବୃଦ୍ଧି ପାଇଥିବାରୁ ଆତଙ୍କିତ ଅଛନ୍ତି ଅଞ୍ଚଳବାସୀ। କିଛିଦିନ ପୂର୍ବରୁ ଚୋରିକୁ ନେଇ ନୀଳଗିରି ପୋଲିସ ଷ୍ଟାନରରେ ଥିବା କିଛି ବଙ୍ଗୀୟ ଫେରିବାଲାକୁ ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଏବଂ ଟିମ୍ ଭୁବନେଶ୍ୱର ଓ କଟକର ବିଭିନ୍ନ ଅଞ୍ଚଳରୁ ଗିରଫକରି କୋର୍ଟଚାଲାଣ କରିଥିଲେ। ବଙ୍ଗୀୟ ଫେରିବାଲା ନୀଳଗିରିର ବିଭିନ୍ନ ଅଞ୍ଚଳରେ ପ୍ରାଦୁର୍ଭାବ ବଢ଼ାଇ ଚାଲିଥିବା ବେଳେ ପୁନର୍ବାର ଗତ ରବିବାର ରାତ୍ରୀରେ ମିତ୍ରପୁର-ଉଦଳା ରାସ୍ତାରେ ସିନ୍ଦୂରଗୌରା ଛକନିକଟରେ ଥିବା ମାଆ ସିନ୍ଦୁରଗୌରାଙ୍କ ମନ୍ଦିରରେ ତାଲାଭାଙ୍ଗି ଦୁର୍ବୃତ୍ତମାନେ ପାଖାପାଖି ପାଞ୍ଚ ଛଅଲକ୍ଷ ଟଙ୍କାର ସୁନାଅଳଙ୍କାର ଚୋରିକରି ନେଇଥିବା ଜଣାପଡ଼ିଛି । ଏପରିକି ମାଆଙ୍କ ମୁଖାକୁ ମଧ୍ୟ ତାଡି ନେଇଛନ୍ତି । ସକାଳେ ବ୍ରାହ୍ମଣ ଆସି ତାଲା ଭଙ୍ଗାଯାଇଥିବା ଏବଂ ମାଆଙ୍କ ସମସ୍ତ ସୁନା ଅଳଙ୍କାର ଚୋରିହୋଇଥିବାର ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ୫ଜଣ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଫେରିବାଲାଙ୍କୁ ଅଟକ ରଖି ପଚରାଉଚରା କରୁଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida